ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୭ /୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, June 27/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୨୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 213 | ମୂଲ୍ୟ ₹୭/-




**ଆୟୁଷ୍ମାନ୍‌ଙ୍କ ନାୟିକା ସାଜିବେ ରଶ୍ମିକା**
'ଭାମ୍ପାୟାର୍ ଅଫ୍ ବିଜୟ ନଗର' ଫିଲ୍ମରେ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ସହ ପ୍ରଥମଥର ପାଇଁ ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କୁ ଦେଖିବାକୁ ମିଳିବ। **୦୨**

**୧୬** **ଅଲିମ୍ପିକ ହକି ଦଳରେ ରୋହିଦାସ**
ଆସନ୍ତା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ପୁରୁଷ ହକି ଦଳରେ ଓଡ଼ିଶାର ଅମିତ ରୋହିଦାସ ସ୍ଥାନ ପାଇଛନ୍ତି।



## ବଜ୍ରପାତ: ମା'ପୁଅ ସମେତ ୫ ମୃତ

**ଖପ୍ରାଖୋଲ, ୨୬।୬(ଅଭୟ ତ୍ରିପାଠୀ)/ ପଦ୍ମପୁର,୨୬।୬ (ପ୍ରଦୀପ୍ତ ଦାଶ)**

ପଶ୍ଚିମ ଓଡ଼ିଶାରେ ବୁଧବାର ବଜ୍ରପାତରେ ମା'ପୁଅଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତକଙ୍କ ମଧ୍ୟରେ ୨ଜଣ ବଲାଙ୍ଗୀର ଜିଲାର ହୋଇଥିବାବେଳେ ୩ଜଣ ବରଗଡ଼ ଜିଲାର। ମୃତ ମା'ପୁଅ ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଳବାଞ୍ଜି ଗାଁର ସୂର୍ଯ୍ୟକାନ୍ତି ଖର୍ସେଲ (୪୦) ଓ ତାଙ୍କ ପୁଅ ଦୀପକ ଖର୍ସେଲ (୧୮)। ଏଥିରେ ସୂର୍ଯ୍ୟକାନ୍ତିଙ୍କ ଦିଅର ପୁରନ୍ଦର ଖର୍ସେଲ(୩୮) ଗୁରୁତର ହୋଇଛନ୍ତି। ସୂର୍ଯ୍ୟକାନ୍ତିଙ୍କ ପରିବାର ଲୋକେ ଗାଁ ପୋଖରୀ ପାଖ ନିଜ କପାଚାଷ ଜମିରେ କାମ କରୁଥିଲେ। ଅପରାହ୍ନ ପ୍ରାୟ ୪ଟାରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଫଳରେ ସେମାନେ ଚାଷଜମି ନିକଟରେ ଥିବା ଗଛ ମୂଳକୁ ଆସି ଆଶ୍ରୟ ନେଇଥିଲେ। ବଜ୍ରପାତ ଯୋଗୁ ସୂର୍ଯ୍ୟକାନ୍ତି, ଦୀପକ ଓ ପୁରନ୍ଦର ଗୁରୁତର ହୋଇଥିଲେ। ସେମାନଙ୍କୁ ଖପ୍ରାଖୋଲ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସୂର୍ଯ୍ୟକାନ୍ତି ଓ ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ☞ପୃଷ୍ଠା-୪



ବୁଧବାର ମଧ୍ୟାହ୍ନରେ ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର ନୟାପଲ୍ଲୀ ଓଭରବ୍ରିଜ ରାସ୍ତାରେ ପାଣି ଜମି ରହିଛି। (ଫଟୋ-ମୌସମ୍ ନନ୍ଦ)

## ପଞ୍ଜାବରେ ଓଡ଼ିଆ ଛାତ୍ରୀଙ୍କୁ ବଳାତ୍କାର

**ଫଗୱାରା,୨୬।୬(ପି.ଟି.)**

ପଞ୍ଜାବର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ୨୧ ବର୍ଷୀୟା ଓଡ଼ିଆ ଛାତ୍ରୀଙ୍କୁ ଡକୋହା ଗାଁ ନିକଟ ନିଛାଟିଆ ରେଲୱେ ଟ୍ରାକ୍ ପାର୍ଶ୍ୱରେ ବଳାତ୍କାର କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଏହି ଘଟଣା ଘଟିଥିବାବେଳେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅମନ୍‌ଜୋତ୍, ମଞ୍ଜିତ ସିଂ ଓ ରଣବୀର ସିଂ। ପୀଡ଼ିତା ଜଣକ ବିବିଏ ଶେଷ ବର୍ଷର ଛାତ୍ରୀ ହୋଇଥିବାବେଳେ ବିଶ୍ୱବିଦ୍ୟାଳୟ ନିକଟରେ ଭଡ଼ାରେ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ ଡକୋହା ରେଲ ବାରିୟରରେ ରହୁଥିବା ଜମ୍ମୁର ଜଣେ ସାଙ୍ଗକୁ ଭେଟିବା ପାଇଁ ପୀଡ଼ିତା ଏବଂ ତାଙ୍କର ଜଣେ ସାଙ୍ଗ (ବିହାର ବାସିନ୍ଦା) ବାଇକ୍‌ରେ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ୩ ସାଙ୍ଗ ମିଶି ପୁରାନପୁର କଲୋନିରୁ ତଲହାନ ରୋଡ୍ ସାଇଟ୍‌ରେ ଯାଉଥିବାବେଳେ ସେମାନଙ୍କୁ ୩ଜଣ ବାଇକ୍‌ରେ ପିଛାକରି ଅଟକାଇ ଥିଲେ। ଜଣେ ଅଭିଯୁକ୍ତ କୃପାଣ (ଖଡ୍‌ଗ) ବାହାର କରି ଭୟଭୀତ କରାଇଥିଲେ। ଅନ୍ୟ ୨ ଅଭିଯୁକ୍ତ ପୀଡ଼ିତାଙ୍କ ଦୁଇ ସାଙ୍ଗଙ୍କୁ ଠେଲି ଦେଇ ତାଙ୍କୁ ବାଇକ୍‌ରେ ଜବରଦସ୍ତ ବସାଇ ଘଟଣାସ୍ଥଳକୁ ନେଇଯାଇଥିଲେ। ସେଠାରେ ଅଭିଯୁକ୍ତ ମଞ୍ଜିତଙ୍କ ସାମ୍ନାରେ ଅମନ୍‌ଜିତ୍ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ସେମାନେ ତାଙ୍କୁ ସେଠାରେ ଛାଡ଼ି ପଳାଇଯାଇଥିଲେ। ପୀଡ଼ିତାଙ୍କୁ ତାଙ୍କ ସାଙ୍ଗମାନେ ଉଦ୍ଧାରକରି ହସ୍ପିଟାଲ ନେବା ସହ ସ୍ଥାନୀୟ ପୋଲିସକୁ ଜଣାଇଥିଲେ।

## ଓମ୍ ବିର୍ଲା ଲୋକ ସଭା ବାଚସ୍ପତି ନିର୍ବାଚିତ



**ନୂଆଦିଲ୍ଲୀ, ୨୬।୬**

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀ ଓମ୍ ବିର୍ଲା ବୁଧବାର ଅଷ୍ଟାଦଶ ଲୋକ ସଭାର ବାଚସ୍ପତି ନିର୍ବାଚିତ ହୋଇଛନ୍ତି। ସଂସଦର ନିମ୍ନ ସଦନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଟାର ଭାଜପା ଏମ୍‌ପି ବିର୍ଲାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଭାଜପା ସମେତ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ବିର୍ଲାଙ୍କୁ ସମର୍ଥନ କରିଥିଲେ। କଂଗ୍ରେସ ଏମ୍‌ପି କୋଡିକୁନ୍ନିଲ ସୁରେଶଙ୍କୁ ପ୍ରାର୍ଥୀ କରିଥିବା ☞ପୃଷ୍ଠା-୪

# ଓଡ଼ିଶା ହେବ ମଦମୁକ୍ତ: ନିତ୍ୟାନନ୍ଦ

**ଭୁବନେଶ୍ୱର,୨୬।୬(ଅନିଲ ଦାସ)**

ଓଡ଼ିଶା ହେବ ମଦ ଓ ନିଶା ମୁକ୍ତ। ଏନେଇ ରାଜ୍ୟ ସରକାର ଖୁବ୍‌ଶୀଘ୍ର ପର୍ଯ୍ୟାୟ କ୍ରମେ ପଦକ୍ଷେପ ନେବେ ବୋଲି କହିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜ୍ୟରେ ପ୍ରଥମ କରି ଭାଜପା ସରକାର ଗଢ଼ିବା ପରେ ଆସନ୍ତା ଅକ୍ଟୋବର ୧୫ରୁ ଓଡ଼ିଶାରେ ମଦ କାରବାର ନିଷିଦ୍ଧ ହେବ ବୋଲି କିଛିଦିନ ତଳେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇଥିଲା। ହେଲେ ମନ୍ତ୍ରୀ ଗଣ୍ଡଙ୍କ ଉପରୋକ୍ତ ମନ୍ତବ୍ୟ ପରେ ଓଡ଼ିଶା ମଧ୍ୟ ଗୁଜରାଟ ଓ ବିହାର ଭଳି ମଦ ବିରୋଧୀ ନୀତି ଆପଣାଇବା ସ୍ପଷ୍ଟ ହେଉଛି।

ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ନିଶା ଦ୍ୱାରା ସମାଜ କଳୁଷିତ ହେଉଛି। ସରକାରୀ ସ୍ତରରେ ଅନେକ ରାଜ୍ୟରେ ମଦ ବନ୍ଦ କରାଯାଇଛି। ଓଡ଼ିଶାକୁ ମଦମୁକ୍ତ ଓ ନିଶାମୁକ୍ତ କରିବାକୁ ଯୋଜନା କରାଯାଉଛି। ଅବକାରୀ ସମେତ ଅନ୍ୟାନ୍ୟ ବିଭାଗ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ। ବୁଧବାର ଲୋକସେବା ଭବନ କନ୍‌ଭେନ୍‌ସନ ହଲ୍‌ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଶାମୁକ୍ତ ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ସମାଜରେ ସଂସ୍କାର ଆଣିବା ଏବଂ ପରିବାରରେ ଶାନ୍ତି ଆଣିବାକୁ ହେଲେ ଆମକୁ ନିଶା କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ସୁସ୍ଥ ସମାଜ ଗଠନରେ ନିଶାଦ୍ରବ୍ୟ ଯେଉଁ ବାଧକ ସୃଷ୍ଟି କରିଛି ତାହା ବିଲୋପ ହୋଇପାରିବ। ପରିବାରର ସାମାଜିକ ଓ ଆର୍ଥିକ ବିକାଶ ହୋଇପାରିବ। ଗୋଟିଏ ସୁସ୍ଥ ସୁନ୍ଦର ସମାଜ ଗଠନ ପାଇଁ ଡ୍ରଗ୍ସ କାରବାରକୁ ରୋକିବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି।

ମଦ ବ୍ୟବସାୟରୁ ରାଜ୍ୟ ସରକାର ବହୁ ରାଜସ୍ୱ ସଂଗ୍ରହ କରୁଛନ୍ତି। ୨୦୨୪-୨୫ରେ ୧୦ ହଜାର କୋଟି ଟଙ୍କା ପାଇଥିବା ଜଣାପଡ଼ିଛି। ତେବେ ମଦ ବ୍ୟକ୍ତିବିଶେଷ ଓ ପରିବାରକୁ ଉଜାଡି ଦେଉଛି। ୨୦୧୩ରେ ରାଜ୍ୟରେ ଗୁଟକା, ପାନ ମସଲା ବିକ୍ରୟକୁ ରାଜ୍ୟ ସରକାର ବେଆଇନ ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ଦୋକାନ ବଜାରରେ ଅବାଧରେ ସେସବୁ ମାଦକ ଦ୍ରବ୍ୟ ବିକ୍ରି ଚାଲିଛି। ସରକାରଙ୍କ ମଦ ବନ୍ଦ ପଦକ୍ଷେପକୁ ବିଭିନ୍ନ ସ୍ତରରେ ସ୍ୱାଗତ କରାଯାଉଛି। ମାତ୍ର ଏହାକୁ ନେଇ ସରକାରଙ୍କ ଆନ୍ତରିକତା ଉପରେ ମଧ୍ୟ ଅନେକ ପ୍ରଶ୍ନ ଉଠାଉଛନ୍ତି।

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି, ମଦ ବିକ୍ରି ବନ୍ଦ କରିବା ପ୍ରାକ୍‌ଟିକାଲି ସମ୍ଭବ ନୁହେଁ। ପର୍ଯ୍ୟାୟ କ୍ରମେ ମଦ ବନ୍ଦ ହେବ ଅର୍ଥାତ୍ ଭୁବନେଶ୍ୱରରେ ମଦ ବିକ୍ରି ବନ୍ଦ ହେବ ବରଗଡ଼ରେ ଚାଲିବ ତା'ର ଅର୍ଥ କଣ। ମଦ ବିକ୍ରି ବନ୍ଦ କଲେ ବେଆଇନ ମଦ କାରବାର ବହୁମାତ୍ରାରେ ବଢ଼ିବ। ସରକାର ପ୍ରଥମେ ମଦ ପିଉଥିବା ବ୍ୟକ୍ତି କିପରି ନ ପିଇବେ ସେ ନେଇ ବ୍ୟବସ୍ଥା କରିବା ଦରକାର। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ସରକାର ଯଦି ମଦ ବିକ୍ରି ବନ୍ଦ କରିପାରିବେ ତାହା ଭଲକଥା। ସରକାର ଚାହିଁଲେ ଏହା କରିପାରିବେ। ଏଥିରୁ ମିଳୁଥିବା ରାଜସ୍ୱ ଅନ୍ୟ ଉପାୟରେ ମଧ୍ୟ ଆସିପାରିବ। ଚୋରାମଦ କାରବାର ସମ୍ପର୍କରେ ସେ କହିଛନ୍ତି, ଚୋର ସଂସାରରୁ କେବେ ଯାଇ ପାରିବେ ନାହିଁ। ତେଣୁ ଚୋରାକୁ ରୋକିବାକୁ ସରକାର ବ୍ୟବସ୍ଥା କରିପାରିବେ ବୋଲି ସେ ବ୍ୟକ୍ତିଗତ ମତ ଦେଇଥିବା କହିଛନ୍ତି। ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି କହିଛନ୍ତି, ମଦର ପ୍ରସାର ପ୍ରଥମେ ବନ୍ଦ କରନ୍ତୁ। ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରେ ମାଦକ ଦ୍ରବ୍ୟ ସେବନ ବଢ଼ିଚାଲିଛି । ସରକାର ପ୍ରଥମେ ସେ ସବୁ ରୋକନ୍ତୁ। ବହୁ ନେତାଙ୍କର ମଦ ଦୋକାନ ରହିଛି। ସେମାନଙ୍କର ଏହା ବ୍ୟବସାୟ। ସେମାନେ ଚାହିଁବେ ମଦ ବିକ୍ରି ହେଉ, ପଛେ ଲୋକ କାଙ୍ଗାଳ ହୁଅନ୍ତୁ। ବର୍ଷକ ଭିତରେ କେତେ ମଦ ଦୋକାନ ବନ୍ଦ କରିବେ ସରକାର ତାହା କୁହନ୍ତୁ। ସବୁ କେବଳ ଲୋକ ଦେଖାଣିଆ ଘୋଷଣା। ନିଶା ନିବାରଣ ଦିବସ ଆସିଲେ ମନ୍ତ୍ରୀମାନେ ଏମିତି କହିବିଥାନ୍ତି। ବାସ୍ତବରେ ସରକାରଙ୍କର ମଦ ବନ୍ଦ କରିବା ଆନ୍ତରିକତା ନାହିଁ ବୋଲି ପତି କହିଛନ୍ତି। ମାନବାଧିକାର କର୍ମୀ ବିଶ୍ୱ ପ୍ରିୟ କାନୁନ୍‌ଗୋ କହିଛନ୍ତି, ମଦ ବନ୍ଦ ପ୍ରସ୍ତାବ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜ୍ୟରେ ମଦ ବନ୍ଦ ପାଇଁ ଓଡ଼ିଶା ପ୍ରୋହିବିଶନ ଆକ୍ଟ ୧୯୫୬ ରହିଛି। ଏହାକୁ ସରକାର କାର୍ଯ୍ୟକାରୀ କରିବା ଦରକାର। ତେବେ ଆଦିବାସୀମାନେ ବ୍ୟବହାର କରୁଥିବା ଦ୍ରବ୍ୟ ଉପରେ କଟକଣା ନ ଲଗାଯାଉ। ମଦ ବନ୍ଦ ହେଲେ ଅନେକ ପରିବାର ସର୍ବସ୍ୱାନ୍ତରୁ ରକ୍ଷା ପାଇଯିବେ।

## ମୁଖ୍ୟମନ୍ତ୍ରୀ, ୨ ଉପମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

**ଭୁବନେଶ୍ୱର,୨୬।୬(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ୩ ଦିନ ପାଇଁ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ସମୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଏଥିସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ମଧ୍ୟ ଭେଟିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ, ସଡ଼କ ଓ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ମୁଦ୍ରାରେ ବିଶ୍ୱାସ

## ଉଇ ଖାଇଗଲାଣି ରଥର ପାର୍ଶ୍ୱ ମୂର୍ତ୍ତି

**ପୁରୀ,୨୬।୬(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଆଉ ମାତ୍ର ୧୦ ଦିନ ରହିଛି। ସେଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ରଥ ଉପରେ ସ୍ଥାନ ପାଉଥିବା ପାର୍ଶ୍ୱ ସାରଥୀ ଓ ରଥ ୪ ପଟେ ଲାଗୁଥିବା ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଉଇ ଖାଇଗଲାଣି। ପୂର୍ବରୁ ସାରଥୀମାନଙ୍କୁ ବୋଲବେଦି ପରିସରରେ ସୁରକ୍ଷିତ ଭାବେ ରଖାଯାଉଥିବାବେଳେ ପରିକ୍ରମା ପ୍ରକଳ୍ପ ନିର୍ମାଣ ପରେ ବେଘର ହୋଇଛନ୍ତି ସାରଥୀ ଓ ପାର୍ଶ୍ୱଦେବଦେବୀ। ବ୍ରହ୍ମବାରୁଙ୍କ ସାରଥୀ ଏବେ ବାଗେଡ଼ିଆ ଧର୍ମଶାଳା ସନ୍ନିକଟ ପାର୍କିଂସ୍ଥଳର ଏକ ସ୍ଥାନରେ ଧୂଳିଧୂସରିତ ଅବସ୍ଥାରେ ରହିଛନ୍ତି। ଅବ୍ୟବସ୍ଥା ଭିତରେ ଅପରିଷ୍କାର ହୋଇ ଏହି ସାରଥୀ ରହିଥିବା ବେଳେ ନିକଟରେ ଅଳିଆ ପଡ଼ିରହିଛି, ଯାହାକୁ ନେଇ ଭକ୍ତଙ୍କ ଠାରୁ ଆରମ୍ଭ କରି ରୂପକାର ସେବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରତ୍ୟେକ ନବକଳେବର ସମୟରେ ରୂପକାର ☞ପୃଷ୍ଠା-୪





## ପୋଲିସ ବର୍ବରତା: ମହିଳାଙ୍କୁ ଘୋଷାରି ମାଡ଼

**ଚାନ୍ଦବାଲି,୨୬।୬ (କିଷାନ ପାତ୍ର)**

ଚାନ୍ଦବାଲି ପୋଲିସର ବର୍ବରତା ସାମ୍ନା ଚପିଛି। ଥାନା ପରିସରରେ ଜଣେ ଦଳିତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ସହ ତାଙ୍କର ନାବାଳିକା ନଣନ୍ଦଙ୍କୁ ମଧ୍ୟ ମାଡ଼ ମାରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୩ଜଣ ପୁରୁଷ ପୋଲିସ ଜଣେ ମହିଳାଙ୍କୁ ଥାନା ପରିସରରେ ଏଭଳି ମାଡ଼ ମାରିବା ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। ପୋଲିସ ଆକ୍ରମଣରେ ଆହତ ହୋଇଥିବା ମହିଳା ଜଣକ ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଚାନ୍ଦବାଲି ଏନ୍‌ଏସିର ଶତ୍ରୁଘ୍ନ ସେଠୀ ଏକ ଗଣ୍ଡଗୋଳ ଘଟଣାକୁ ନେଇ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଶତ୍ରୁଘ୍ନଙ୍କୁ ଦେଖା କରିବା ପାଇଁ ସ୍ତ୍ରୀ ମିତା ସେଠୀ ତାଙ୍କ ନାବାଳିକା ନଣନ୍ଦ ଓ ୩ ବର୍ଷର ଝିଅକୁ ଧରି ଥାନାକୁ ଯାଇଥିଲେ। ଥାନା ସମ୍ମୁଖରେ ପଡ଼ିଥିବା ଏକ ଜୋତା ଖୋଲ ଧରି ଝିଅ ଖେଳୁଥିବା ଦେଖି ମିତା ତାହାକୁ ଛଡ଼ାଇ ଆଣି ବାହାରେ ପକାଇ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା କନଷ୍ଟେବଲ ରବୀନ୍ଦ୍ର ସେଠୀ ଜୋତା ଖୋଳକୁ ଡଷ୍ଟବିନ୍‌ରେ ନ ପକାଇ ବାହାରେ କାହିଁକି ପକାଇଲ ବୋଲି ପଚାରିଥିଲେ। ଏଥିରେ ମିତା ରାଗିଯାଇ ଥାନା କ'ଣ ତୋ ବୋପାର, ମୋର ଯେଉଁଠି ଇଚ୍ଛା ହେବ ମୁଁ ସେଠି ପକାଇବି ବୋଲି କହିଥିଲେ। ଏଥିରେ କନଷ୍ଟେବଲ ସେଠୀ ଉତ୍ତେଜିତ ହୋଇ ମିତାଙ୍କ ଗାଲକୁ ଦୁଇ ତିନି ଚାପୁଡ଼ା ମାରିଥିଲେ। ମିତା ରାଗିଯାଇ ରବୀନ୍ଦ୍ରଙ୍କୁ ଗାଳିଗୁଲଜ କରିବା ସହ ଡଟା ଫିଙ୍ଗିଥିଲେ। ସେହି ସମୟରେ ବର୍ଷା ହେଉଥିବାରୁ ଥାନା ସମ୍ମୁଖ ହନୁମାନ ମନ୍ଦିର ଉପରକୁ ମିତା ଚାଲିଆସିଥିଲେ। ☞ପୃଷ୍ଠା-୪




## ସଂକ୍ଷେପରେ

### କେନିଆରେ ଟିକସ ବୃଦ୍ଧିକୁ ବିରୋଧ
## ପୋଲିସ ଗୁଳିରେ ୨୩ ମୃତ

ନାଇରୋବି, ୨୬।୬

କେନିଆରେ ବର୍ଦ୍ଧିତ ଟିକସକୁ ନେଇ ଏକ ବିବାଦୀୟ ଆର୍ଥିକ ବିଲ୍ ପାର୍ଲାମେଣ୍ଟରେ ପାରିତ ହୋଇଥିଲା। ଏହି ବିଲକୁ ନେଇ ଦେଶବ୍ୟାପି ବିରୋଧପ୍ରଦର୍ଶନ ଉଗ୍ରରୂପ ଧାରଣ କରବାରୁ ୨୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୦୦ ଆହତ ହୋଇଥିବା କେନିଆର ଜାତୀୟ ମାନବ ଅଧିକାର ଆୟୋଗ ବୁଧବାର ସୂଚନା ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଗୁଳି ଚଳାଇବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରୁଥିବା ନେଇ ଅନେକ ସ୍ଥାନୀୟ ମାନବାଧିକାର ସଂଗଠନ ଅଭିଯୋଗ ଆଣିଛନ୍ତି। ତେବେ ଦେଶରେ ଉଗ୍ରରୂପ ଧାରଣ କରିଥିବା ହିଂସାକୁ ଦୁର୍ଭାଗ୍ୟଜନକ କହିବା ସହ ବିବାଦୀୟ ଆର୍ଥିକ ବିଲ୍‌ରେ ହସ୍ତାକ୍ଷର କରିବେ ନାହିଁ ବୋଲି କେନିଆ ରାଷ୍ଟ୍ରପତି ୱିଲିୟମ ରୁଟୋ ବୁଧବାର କହିଛନ୍ତି। ଅନ୍ୟପକ୍ଷରେ, କେନିୟାରେ ରହୁଥିବା ଭାରତୀୟ ନାଗରିକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ନାଇରୋବିସ୍ଥିତ ଭାରତୀୟ ଦୂତାବାସ।

## ସାମ୍ ପିଟ୍ରୋଡାଙ୍କୁ ପୁନଃ ନିଯୁକ୍ତି



ନୂଆଦିଲ୍ଲୀ, ୨୬।୬

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ପଦରେ ସାମ୍ ପିଟ୍ରୋଡାଙ୍କୁ ପୁନଃ ନିଯୁକ୍ତ କରିଛନ୍ତି। ପିଟ୍ରୋଡା ଲୋକ ସଭା ନିର୍ବାଚନ ବେଳେ ଏକାଧିକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ନେତାମାନେ ଏହାକୁ ବର୍ଣ୍ଣଭେଦୀ କହି କଂଗ୍ରେସକୁ ବାରମ୍ବାର ଟାର୍ଗେଟ କରିବା ପରେ ମେ’ ୮ରେ ପିଟ୍ରୋଡା ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ପୁନଃ ନିଯୁକ୍ତି ସମ୍ପର୍କରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି।

## ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୬।୬

ଜମ୍ମୁ-କଶ୍ମୀରର ଡୋଡା ଜିଲା ଅନ୍ତର୍ଗତ ଗନ୍ଦୋହ ଅଞ୍ଚଳରେ ବୁଧବାର ସୁରକ୍ଷା ବାହିନୀଙ୍କ ଗୁଳିରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଅଞ୍ଚଳରେ ଉକ୍ତ ୩ ଆତଙ୍କବାଦୀ ଲୁଚିଥିବା ନେଇ ଗୋଇନ୍ଦା ଆଧାରରେ ସୂଚନା ମିଳିବାରୁ ବୁଧବାର ସୁରକ୍ଷା ବାହିନୀ ପକ୍ଷରୁ ଗନ୍ଦୋହ ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ସୁରକ୍ଷା ବାହିନୀଙ୍କ ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ଆତଙ୍କବାଦୀଙ୍କ ପାଲଟା ଗୁଳିରେ ଜଣେ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ତାଙ୍କୁ ଡୋଡା ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ଆତଙ୍କବାଦୀଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର, ଗୁଳିବାରୁଦ ଜବତ କରାଯାଇଛି।



ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଦଳୀୟ ନେତାମାନେ ଅଭିନନ୍ଦନ ଜଣାଉଛନ୍ତି।

# ରାହୁଲଙ୍କୁ ବିରୋଧୀ ଦଳ ନେତା ସ୍ୱୀକୃତି

### ସାମ୍ବିଧାନିକ ପଦରେ ନିଯୁକ୍ତି ବେଳେ ପ୍ରଧାନମନ୍ତ୍ରୀଙ୍କ ସହ ଗୋଟିଏ ଟେବୁଲରେ ବସିବେ

ନୂଆଦିଲ୍ଲୀ, ୨୬।୬

ଭାଜପା ଏମ୍‌ପି ଓମ୍ ବିର୍ଲା ବୁଧବାର ଅଷ୍ଟାଦଶ ଲୋକ ସଭାର ବାଚସ୍ପତି ନିର୍ବାଚିତ ହେବା ପରେ କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀଙ୍କୁ ବିରୋଧୀ ଦଳ ନେତା ରୂପେ ସ୍ୱୀକୃତି ଦେଇଛନ୍ତି। ରାହୁଲଙ୍କୁ ଜୁନ୍ ୯ରୁ ଆନୁଷ୍ଠାନିକ ଭାବେ ନିମ୍ନ ସଦନର ବିରୋଧୀ ଦଳ ନେତା ରୂପେ ସ୍ୱୀକୃତି ପ୍ରଦାନ କରାଯାଇଥିବା ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଲୋକ ସଭାର ବିରୋଧୀ ଦଳ ନେତା ପଦ ୧୦ ବର୍ଷ ହେଲା ଖାଲି ପଡ଼ିଥିଲା। ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ କଂଗ୍ରେସ ୯୯ ଆସନରେ ବିଜୟୀ ହେବା ପରେ ବିରୋଧୀ ଦଳ ମାନ୍ୟତା ପାଇଛି। ଉତ୍ତର ପ୍ରଦେଶର ରାଏବରେଲି ଏମ୍‌ପି ରାହୁଲଙ୍କୁ ସାଲାରି ଆଣ୍ଡ୍ ଆଲାଓ୍ବେନ୍ସ ଅଫ୍ ଲିଡର୍ସ ଅଫ୍ ଅପୋଜିଶନ୍ ଇନ୍ ପାର୍ଲାମେଣ୍ଟ ଆକ୍ଟ, ୧୯୭୭ ଧାରା ୨ ଅନୁସାରେ ବିରୋଧୀ ଦଳ ନେତା ରୂପେ ସ୍ୱୀକୃତି ମିଳିଛି। ଏଥିସହ ରାହୁଲ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ, ମୁଖ୍ୟ ନିର୍ବାଚନ କମିଶନର, ଜାତୀୟ ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ ଏବଂ ଚିଫ୍ ଭିଜିଲାନ୍ସ କମିଶନର ଭଳି ସାମ୍ବିଧାନିକ ପଦରେ ନିଯୁକ୍ତି ବେଳେ ପ୍ରଧାନମନ୍ତ୍ରୀଙ୍କ ସହ ଗୋଟିଏ ଟେବୁଲରେ ବସି ବିରୋଧୀ ଦଳ ନେତା ଭାବେ ନିଜ ମତ ରଖିପାରିବେ। ଏହି ପଦବୀଗୁଡ଼ିକରେ ନିଯୁକ୍ତି ସଂକ୍ରାନ୍ତ କମିଟିରେ ପ୍ରଧାନମନ୍ତ୍ରୀ ଏବଂ ଜଣେ କେନ୍ଦ୍ରମନ୍ତ୍ରୀ ରହିଥାନ୍ତି। ବିରୋଧୀ ଦଳ ନେତା ଚାହିଁଲେ ଆପତ୍ତି ଉଠାଇପାରିବେ।

ପ୍ରକାଶ ଯେ, ରାହୁଲ ୟୁପିର ରାଏବରେଲି ଓ କେରଳର ୱାୟନାଡ୍ ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ସେ ୱାୟନାଡ୍ ଆସନକୁ ଛାଡ଼ି ରାଏବରେଲିରୁ ଲୋକ ସଭାରେ ପ୍ରତିନିଧିତ୍ୱ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୱାୟନାଡ୍‌ରେ ହେବାକୁ ଥିବା ଉପନିର୍ବାଚନରେ ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରତିଦ୍ୱନ୍ଦ୍ୱିତା କରିବେ।

**ବିରୋଧୀ ଦଳ ନେତା ହେବାରେ ୫୪ ବର୍ଷୀୟ ରାହୁଲ ଗାନ୍ଧୀ ହେଉଛନ୍ତି ଗାନ୍ଧୀ ପରିବାରର ତୃତୀୟ ସଦସ୍ୟ। ଏହା ପୂର୍ବରୁ ତାଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୮୯-୯୦ରେ ଭି.ପି. ସିଂ ସରକାର ବେଳେ ବିରୋଧୀ ଦଳ ନେତା ଥିଲେ। ରାହୁଲଙ୍କ ମା’ ତଥା ଉପାର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୧୯୯୯-୨୦୦୪ ପର୍ଯ୍ୟନ୍ତ ଅଟଳ ବିହାରୀ ବାଜପେୟୀ ସରକାର ଅମଳରେ ଏହି ପଦ ଅଳଙ୍କୃତ କରିଥିଲେ। ବିରୋଧୀ ଦଳ ନେତା ଭାବେ ରାହୁଲ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସୁବିଧା ଉପଭୋଗ କରିବେ ଏବଂ ପାର୍ଲାମେଣ୍ଟ ବିଲ୍ଡିଂରେ ଏକ ଅଫିସ୍ ସହ ଷ୍ଟାଫ୍ ପାଇବେ।**

## ସିବିଆଇ ହାଜତରେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୨୬।୬



ଅବକାରୀ ନୀତି ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ତିହାର ଜେଲକୁ ଯାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାଜତରେ। ସିବିଆଇ ବୁଧବାର କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ଦିଲ୍ଲୀର ଏକ କୋର୍ଟରେ ହାଜର କରିଥିଲା। ତଦନ୍ତ ଏଜେନ୍ସି ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟଙ୍କୁ ଅନୁମତି ମାଗିଥିଲା। ତେବେ ସ୍ୱତନ୍ତ୍ର ବିଚାରପତି ଅମିତାଭ ରାଓ୍ବତ୍ ୩ ଦିନ ପାଇଁ ନେବାକୁ ଅନୁମତି ଦେଇଥିଲେ। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ସିବିଆଇର ଜେରା ଶେଷ ହେବା ପର୍ଯ୍ୟନ୍ତ ସେ ଏଜେନ୍ସି ହାଜତରେ ରହିବେ। ତାଙ୍କୁ ସର୍ବାଧିକ ୧୫ ଦିନ ପର୍ଯ୍ୟନ୍ତ ସିବିଆଇ ନିଜ କଷ୍ଟଡିରେ ରଖିପାରିବ। ଏହା ପୂର୍ବରୁ ଜୁନ୍ ୧୯ରେ କୋର୍ଟ କେଜ୍‌ରିୱାଲଙ୍କ ବିଚାରବିଭାଗୀୟ ହାଜତକୁ ଜୁଲାଇ ୩ ପର୍ଯ୍ୟନ୍ତ ବଢ଼ାଇଥିଲେ। ଅନ୍ୟପକ୍ଷେ ସିବିଆଇ କେଜ୍‌ରିୱାଲଙ୍କୁ ମିଛ ମାମଲାରେ ଫସାଇଛି। ତାଙ୍କୁ ଯେମିତି ଜାମିନ ନ ପାଇବେ ସେଥିଲାଗି କେନ୍ଦ୍ର ସରକାରଙ୍କ ସବୁ ସିଷ୍ଟମ୍ ଲାଗିପଡ଼ିଥିବା ସ୍ତ୍ରୀ ସୁନିତା କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି।

## ଅଷ୍ଟ୍ରେଲିଆ ଫେରିଲେ ଆସେଞ୍ଜ



ଜୁଲିଆନ୍ ଆସେଞ୍ଜ କାନ୍‌ବେରାରେ ପହଞ୍ଚିବା ପରେ ସ୍ତ୍ରୀ ଷ୍ଟେଲା ଆସେଞ୍ଜଙ୍କୁ ଆଲିଙ୍ଗନ କରୁଛନ୍ତି।

କାନ୍‌ବେରା, ୨୬।୬

ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜ ଆମେରିକାରେ ଆଇନଗତ ଲଢ଼େଇ ଶେଷ କରି ବୁଧବାର ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାରେ ପହଞ୍ଚିଛନ୍ତି। ଦୀର୍ଘ ୧୪ ବର୍ଷ ଧରି ଏକ ଲମ୍ବା ଆଇନଗତ ଲଢ଼େଇ ଲଢ଼ିବା ପରେ ସେ କାନ୍‌ବେରାରେ ପହଞ୍ଚି ନିଜ ପରିବାରକୁ ଭେଟିଛନ୍ତି। କାନ୍‌ବେରା ଏୟାରପୋର୍ଟରେ ଆସେଞ୍ଜଙ୍କୁ ସ୍ତ୍ରୀ ଷ୍ଟେଲା ଆସେଞ୍ଜ, ବାପା ଜନ ଶିପ୍ଟନ ଓ ଅନ୍ୟ ସମର୍ଥକମାନେ ଜୋରଦାର ସ୍ୱାଗତ କରିଛନ୍ତି। ଏକ ପ୍ରାଇଭେଟ ଜେଟ୍ ଯୋଗେ ସେ କାନ୍‌ବେରାରେ ଓହ୍ଲାଇବାମାତ୍ରେ ସ୍ତ୍ରୀ ଷ୍ଟେଲାଙ୍କୁ ଦେଖି ଭାବବିହ୍ୱଳ ହେବା ସହ ଆଲିଙ୍ଗନ କରିଥିଲେ। ସୂଚନାଯୋଗ୍ୟ, ଆମେରିକାରେ ଗୁପ୍ତଚର ବୃତ୍ତି ଅଭିଯୋଗରେ ଆସେଞ୍ଜ ଲଣ୍ଡନର ଏକ ଜେଲରେ ବନ୍ଦୀ ଥିଲେ। ସେ ମଙ୍ଗଳବାର ଆମେରିକାର ସାଇପାନସ୍ଥିତ ଏକ ଜିଲା କୋର୍ଟରେ ନିଜ ଦୋଷ ସ୍ୱୀକାର କରିବା ସହ ଆମେରିକୀୟ ଅଧିକାରୀଙ୍କ ସହ ଏକ ବୁଝାମଣା କରିବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ଏହି ବୁଝାମଣା ଅନୁଯାୟୀ ଆସେଞ୍ଜ ୱିକିଲିକ୍ସକୁ ପ୍ରଦାନ କରିଥିବା ଆମେରିକାର ଜାତୀୟ ପ୍ରତିରକ୍ଷା ତଥ୍ୟ ସମ୍ବନ୍ଧିତ ସୂଚନା ନଷ୍ଟ କରିବେ।

## ନାବାଳିକାଙ୍କୁ ବଳାତ୍କାର, ହତ୍ୟା: ଭାଜପା ନେତା ଗିରଫ

ନୂଆଦିଲ୍ଲୀ, ୨୬।୬

ଉତ୍ତରାଖଣ୍ଡର ହରିଦ୍ୱାରରେ ଜଣେ ୧୩ ବର୍ଷୀୟା ଝିଅଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ଭାଜପା ନେତା ଆଦିତ୍ୟରାଜ ସାଇନି ଗିରଫ ହୋଇଛନ୍ତି। ଗିରଫଦାରି ପରେ ଭାଜପା ତାଙ୍କୁ ଦଳରୁ ବହିଷ୍କାର କରିଛି। ଏଥିସହ ଓବିସି ପଛୁଆ ବର୍ଗ କମିଶନ ମନୋନୀତ ସଦସ୍ୟ ପଦରୁ ମଧ୍ୟ ସାଇନିଙ୍କୁ ହଟାଇ ଦିଆଯାଇଛି।

ନାବାଳିକା ଜଣକ ୩ ଦିନ ତଳେ ନିଖୋଜ ହୋଇଯାଇଥିଲେ। ଘର ଲୋକେ ଖୋଜାଖୋଜି କରି ନ ପାଇବାରୁ ଝିଅଙ୍କୁ ଫୋନ୍ କରିଥିଲେ। ଭାଜପା ନେତା ସାଇନି ଫୋନ୍ ଉଠାଇ ଝିଅ ତାଙ୍କ ସହ ଥିବା କହିଥିଲେ। ପରେ ସେ ଫୋନ୍‌କୁ ସୁଇଚ୍ ଅଫ୍ କରିଦେଇଥିଲେ। ପୀଡ଼ିତାଙ୍କ ମୃତଦେହ ପତଞ୍ଜଳି ଯୋଗ ରିସର୍ଚ୍ଚ ସେଣ୍ଟର ନିକଟସ୍ଥ ବହାଦରାବାଦ ଅଞ୍ଚଳରୁ ମଙ୍ଗଳବାର ଜବତ ହୋଇଥିଲା। ନାବାଳିକାଙ୍କୁ ହତ୍ୟା ପୂର୍ବରୁ ଭାଜପା ନେତା ସାଇନି ଓ ତାଙ୍କ ସହଯୋଗୀମାନେ ଗଣବଳାତ୍କାର କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଏବଂ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍‌ସୋର ବିଭିନ୍ନ ଦଫାରେ ସାଇନିଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହୋଇଛି। ତଦନ୍ତ ପାଇଁ ୫ ପୋଲିସ ଟିମ୍ ଗଠନ କରାଯାଇଛି।




ଜରୁରିକାଳୀନ ପରିସ୍ଥିତି (ଏମର୍ଜେନ୍ସି)ର ବାର୍ଷିକୀ ଅବସରରେ ପାର୍ଲାମେଣ୍ଟ ପରିସରରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ଏବଂ ଭାଜପା ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

## ପ୍ରଜ୍ୱଳଙ୍କ ଜାମିନ ଆବେଦନ ଖାରଜ

ବେଙ୍ଗାଲୁରୁ, ୨୬।୬

କର୍ନାଟକର ଚର୍ଚ୍ଚିତ ସେକ୍ସ-ସ୍କାଣ୍ଡାଲ ମାମଲାରେ ପୂର୍ବତନ ଏମ୍‌ପି ତଥା ନିଲମ୍ବିତ ଜେଡିଏସ୍ ନେତା ପ୍ରଜ୍ୱଳ ରେଭନ୍ନା(୩୩)ଙ୍କ ଜାମିନ ଆବେଦନକୁ ବେଙ୍ଗାଲୁରୁର ସ୍ୱତନ୍ତ୍ର ଲୋକ ପ୍ରତିନିଧି କୋର୍ଟ ବୁଧବାର ଖାରଜ କରିଛନ୍ତି। ଅନେକ ମହିଳାଙ୍କ ସହ ବଳାତ୍କାର ଓ ଯୌନ ଶୋଷଣ ମାମଲାରେ ଅଭିଯୁକ୍ତ ପ୍ରଜ୍ୱଳ ଏବେ କର୍ନାଟକ ପୋଲିସର ଏସ୍‌ଆଇଟି ହାଜତରେ ରହିଛନ୍ତି। ଲୋକ ସଭା ନିର୍ବାଚନ ସମୟରେ ପ୍ରଜ୍ୱଳ କିଛି ମହିଳାଙ୍କୁ ଯୌନ ଶୋଷଣ କରୁଥିବାର ଅନେକ ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ତାଙ୍କ ବିରୋଧରେ ମାମଲା ରୁଜୁ ହେବାରୁ ସେ ଜର୍ମାନୀ ପଳାଇଥିଲେ। ଗତ ମେ’ ୩୧ରେ ଜର୍ମାନୀରୁ ଫେରିବା ପରେ ତାଙ୍କୁ ଏସ୍‌ଆଇଟି ଗିରଫ କରିଥିଲା।

## ଫୁର୍‌ସତ୍

# ଜାଗ୍ରତ ଅବସ୍ଥାରେ ରୋଗୀଙ୍କ ଅସ୍ତ୍ରୋପଚାର

ଶିକାଗୋ



ସାଧାରଣତଃ ଅପରେଶନ୍ ସମୟରେ ରୋଗୀଙ୍କୁ ଚେତାଶୂନ୍ୟ କରାଯାଇଥାଏ। କିନ୍ତୁ ଆମେରିକାର ଶିକାଗୋରେ ଏକ ଅସ୍ତ୍ରୋପଚାର ସମୟରେ ଜନ୍ ନିକୋଲସ(୨୮) ନାମକ ଜଣେ ରୋଗୀ ସମ୍ପୂର୍ଣ୍ଣ ଜାଗ୍ରତ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋମବାର ସିକାଗୋର ସ୍ଥାନୀୟ ଉତ୍ତର-ପଶ୍ଚିମ ମେମୋରିଆଲ ହସ୍ପିଟାଲରେ ନିକୋଲସଙ୍କର ସଫଳ ଅସ୍ତ୍ରୋପଚାର ସହ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ତେବେ ଅପରେଶନ ସମୟରେ ସେ କୌଣସି ଯନ୍ତ୍ରଣା ଅନୁଭବ କରିନାହାନ୍ତି ଏବଂ ତାଙ୍କୁ ମାତ୍ର ୨୪ ଘଣ୍ଟା ପରେ ଡାକ୍ତରଖାନାରୁ ଡିସଚାର୍ଜ କରିଦିଆଯାଇଥିବା ନିକୋଲସ କହିଛନ୍ତି।

ତେବେ ଏହା ଏକ ନୂତନ ପଦ୍ଧତିର ଅସ୍ତ୍ରୋପଚାର ହୋଇଥିବା କହି କିଡ୍‌ନୀ ପ୍ରତିରୋପଣ ପାଇଁ ଏହା ସରଳ ଓ ସୁବିଧାଜନକ ପଦ୍ଧତି ବୋଲି ଉତ୍ତର-ପଶ୍ଚିମ ମେମୋରିଆଲ ହସ୍ପିଟାଲର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡାକ୍ତର ସତୀଶ ନାଦିଗ୍ ସୂଚନା ଦେଇଛନ୍ତି। ଏହି ନୂତନ ପଦ୍ଧତି ରୋଗୀଙ୍କ ଅଭିଜ୍ଞତାକୁ ଉନ୍ନତ କରି ତାଙ୍କୁ ଜାଗ୍ରତ ରହିବାକୁ ଅନୁମତି ଦେଇଥାଏ ବୋଲି ସେ କହିଛନ୍ତି। ଏହି ମାମଲାରେ ନିକୋଲସଙ୍କୁ ଅପରେଶନ କକ୍ଷ ମଧ୍ୟରେ ସ୍ପାଇନଲ ଆନାସ୍ଥେସିଆ ଇଞ୍ଜେକ୍ସନ ଦିଆଯାଇଥିଲା। ସାଧାରଣ ଆନାସ୍ଥେସିଆ ପ୍ରତି ଫୋବିଆ ଥିବା ରୋଗୀଙ୍କ କ୍ଷେତ୍ରରେ ଏହି ନୂତନ ପଦ୍ଧତି ଅବଲମ୍ବନ କରାଯାଇ ପାରିବ ବୋଲି ସେ ସୂଚନା ଦେଇଛନ୍ତି। ଏହାସହ ଏହି ପଦ୍ଧତି ରୋଗୀଙ୍କ ଡାକ୍ତରଖାନାର ରହଣିକୁ ମଧ୍ୟ ହ୍ରାସ କରିପାରିବ। ଯଦିଓ ସାଧାରଣ ଆନାସ୍ଥେସିଆ ପ୍ରତି ନିକୋଲସଙ୍କର ଫୋବିଆ ନ ଥିଲା, ତେବେ ତାଙ୍କର ବୟସ, ସୀମିତ ରିସ୍କ ଫ୍ୟାକ୍ଟର ଓ ଏହି ନୂତନ ପଦ୍ଧତିର ଅସ୍ତ୍ରୋପଚାରରେ ସାମିଲ ହେବାକୁ ଆଗ୍ରହ ଯୋଗୁ ନିକୋଲସଙ୍କୁ ହସ୍ପିଟାଲ ପକ୍ଷରୁ ପ୍ରକୃତ ପ୍ରାର୍ଥୀ ଭାବେ ବିଚାର କରାଯାଇଥିବା ଡାକ୍ତର ନାଦିଗ୍ କହିଛନ୍ତି। ମାତ୍ର ୨ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏହି ଅସ୍ତ୍ରୋପଚାର କରାଯାଇଥିବା ନେଇ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡକ୍ଟର ସତୀଶ ନାଦିଗ୍ ଏକ ପ୍ରେସ ବିବୃତି ଜାରି କରିଛନ୍ତି।

## ଆୟୁଷ୍ମାନ୍‌ଙ୍କ ନାୟିକା ସାଜିବେ ରଶ୍ମିକା

ମୁମ୍ବାଇ



ହରର୍ କମେଡି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଅନେକ ଉତ୍ସାହ ଲାଗିରହିଛି। ଆଦିତ୍ୟ ସର୍ପୋତ୍‌ଦାରଙ୍କ ନିର୍ଦ୍ଦେଶନା ଓ ଦୀନେଶ ବିଜନଙ୍କ ପ୍ରଯୋଜନାରେ ଖୁବ୍‌ଶୀଘ୍ର ଏକ ହରର୍ କମେଡି ଫିଲ୍ମ ପ୍ରସ୍ତୁତ ହେବାକୁ ଯାଉଛି। ‘ଭାମ୍ପାୟାର୍ ଅଫ୍ ବିଜୟ ନଗର’ ନାମକ ଏହି ଫିଲ୍ମରେ ଅଭିନେତା ଆୟୁଷ୍ମାନ୍ ଖୁରାନା ଓ ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କ ଯୋଡ଼ିକୁ ପ୍ରଥମଥର ପାଇଁ ଦେଖିବାକୁ ମିଳିବ। ତେଣୁ ଫିଲ୍ମକୁ ନେଇ ଉଭୟଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଆରମ୍ଭ ହୋଇଛି। ଆୟୁଷ୍ମାନ୍ ପୂର୍ବରୁ ଫିଲ୍ମ ‘ବାଲା’ରେ ଦୀନେଶ ବିଜନଙ୍କ ସହ କାମ କରିସାରିଛନ୍ତି। ବର୍ତ୍ତମାନ ଫିଲ୍ମର ସ୍କ୍ରିପ୍ଟ ଶେଷ ପର୍ଯ୍ୟାୟରେ ଥିବାବେଳେ ଚଳିତ ବର୍ଷ ନଭେମ୍ବରରୁ ଏହାର ଶୁଟିଂ ଆରମ୍ଭ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହି ଚଳଚ୍ଚିତ୍ରର ଶୁଟିଂ ପୂର୍ବରୁ ଆୟୁଷ୍ମାନ୍ ଅନୁରାଗ ସିଂଙ୍କ ନିର୍ଦ୍ଦେଶିତ ‘ବର୍ଡର ୨’ ଫିଲ୍ମ ପାଇଁ ଶୁଟିଂ କରିବେ। ସେହିପରି ରଶ୍ମିକା ଏବେ ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ ‘ପୁଷ୍ପା ୨’ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ‘ଭାମ୍ପାୟାର୍ ଅଫ୍ ବିଜୟ ନଗର’ର ଶୁଟିଂ ପୂର୍ବରୁ ସେ ସଲମାନ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ ‘ସିକନ୍ଦର’ର ଶୁଟିଂ କରିବେ। ଏହି ଚଳଚ୍ଚିତ୍ର ଆସନ୍ତା ବର୍ଷ ରିଲିଜ୍ ହେବାନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




# ଏଥର ବି ଖାଲି ପଡ଼ିବ ସିଟ୍

ଭୁବନେଶ୍ୱର,୨୬।୬(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ବୁଧବାର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ୧,୭୮,୯୭୬ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। କଳାରେ ୧,୦୯,୮୫୪ ଛାତ୍ରୀଛାତ୍ର ଥିବାବେଳେ ବିଜ୍ଞାନରେ ୪୫,୬୧୪, ବାଣିଜ୍ୟରେ ୧୭,୧୫୬, ଶାସ୍ତ୍ରୀରେ ୩,୫୭୪, ସେଲ୍‌ଫ ଫାଇନାନ୍ସିଂରେ ୨,୬୨୬ ଏବଂ ଆଇନରେ ୧୫୨ଜଣ ରହିଛନ୍ତି। ତେବେ ପ୍ରଥମ ଦିନରେ ରାତି ୯ଟା ସୁଦ୍ଧା ସମସ୍ତ ବିଭାଗରେ ମୋଟ ୪୭୬ଜଣ ନାମଲେଖାଇଛନ୍ତି। ଏଥିମଧ୍ୟରେ କଳାରେ ସର୍ବାଧିକ ୩୦୯ ଜଣ ଛାତ୍ରୀଛାତ୍ର ଥିବାବେଳେ ଶାରୀରିକ ବିଜ୍ଞାନରେ ୫୧, ଜୀବବିଜ୍ଞାନରେ ୨୦, ବାଣିଜ୍ୟରେ ୮୭, ସେଲ୍‌ଫ ଫାଇନାନ୍ସିଂରେ ୭ ଏବଂ ସଂସ୍କୃତରେ ୨ଜଣ ପ୍ରଥମ ଦିନରେ ନାମ ଲେଖାଇଛନ୍ତି। ପ୍ରଥମ ପର୍ଯ୍ୟାୟ ନାମଲେଖା ୨୯ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ପ୍ରଥମ ମେଧା ତାଲିକାରେ ମନୋନୀତ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ନାମଲେଖାଇବାକୁ ପଡ଼ିବ।

## ଯୁକ୍ତ୩ ନାମଲେଖା ଆରମ୍ଭ

ସେପଟେ ଚଳିତବର୍ଷ ମଧ୍ୟ ଯୁକ୍ତ୩ରେ ସିଟ୍ ଖାଲି ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଗତବର୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲିପଡ଼ିଥିବାବେଳେ ଚଳିତ ଶିକ୍ଷାବର୍ଷରେ ୩୬ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିବା ନେଇ ଆଶଙ୍କା କରାଯାଉଛି। କାରଣ ଯୁକ୍ତ୩ ନାମଲେଖା ପାଇଁ ରାଜ୍ୟରେ ୧,୦୫୬ଟି ଡିଗ୍ରୀ କଲେଜ ଥିବା ବେଳେ ମୋଟ ସିଟ୍ ସଂଖ୍ୟା ୨,୭୪,୧୫୧ ରହିଛି। କିନ୍ତୁ ଏଥର ୨,୩୭,୭୯୫ଜଣ ଛାତ୍ରୀଛାତ୍ର ଯୁକ୍ତ୩ ପାଇଁ ଆବେଦନ କରିଛନ୍ତି। ଅର୍ଥାତ୍ ଏ ସମସ୍ତ ଛାତ୍ରୀଛାତ୍ର ନାମଲେଖାଇବା ପାଇଁ ମନୋନୀତ ହେଲେ ବି ଆହୁରି ୩୬,୩୫୬ଟି ସିଟ୍ ଖାଲି ପଡ଼ିବ। ଗତବର୍ଷ ସିଟ୍ ପୂରଣ କରିବା ପାଇଁ ନାମଲେଖା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦୁଇଥର ଆବେଦନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ନାମଲେଖା ୨୦୨୩ ନଭେମ୍ବର ୩୦ରେ ଶେଷ ହୋଇଥିଲା। ତଥାପି ସିଟ୍ ପୂରଣ ହୋଇପାରି ନ ଥିଲା। ସେହି ଶିକ୍ଷାବର୍ଷରେ ୨,୭୧,୦୯୧ ସିଟ୍ ଥିବାବେଳେ ୧,୮୬,୯୪୦ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଆହୁରି ୮୪,୧୫୧ ସିଟ୍ ବଳକା ପଡ଼ିଥିଲା। ତେବେ ଏଥର ବି ସରକାର ଦୁଇଥର ଆବେଦନ ପ୍ରକ୍ରିୟା କରିବେ ବୋଲି ଆଶା କରାଯାଉଛି। କାରଣ ସିଟ୍ ପୂରଣ ହୋଇପାରିବ ନାହିଁ। ତେବେ ଯୁକ୍ତ୨ ପରେ ଏବେ ଅଧିକାଂଶ ଛାତ୍ରୀଛାତ୍ର ସାଧାରଣ ଯୁକ୍ତ୩ ପାଠ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା ବେଳେ ଉଚ୍ଚଶିକ୍ଷା ପାଇଁ ଅନ୍ୟାନ୍ୟ କୋର୍ସ ଉପରେ ପଢ଼ିବାକୁ ଆଗଭର ହେଉଛନ୍ତି। ତେଣୁ ଯେତେ ନାମଲେଖା ପ୍ରକ୍ରିୟା କଲେ ବି ସିଟ୍ ପୂରଣ ହେବ ନାହିଁ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି।

# ରଘୁନନ୍ଦନଙ୍କୁ ପୋଲିସର ପଚରାଉଚରା

ଭୁବନେଶ୍ୱର,୨୬।୬(ସତ୍ୟଜିତ୍ ରାଉତ)

ଖବର ପ୍ରସାରଣ ବେଳେ ଏକ ଘରୋଇ ଟିଭି ଚ୍ୟାନେଲର ମହିଳା ସାମ୍ବାଦିକା ଓ ତାଙ୍କ ସହଯୋଗୀଙ୍କ ଉପରକୁ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ କୁକୁର ଛାଡ଼ିବା ସହ ଆକ୍ରମଣ କରିବା ମାମଲାରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ବୁଧବାର ରଘୁନନ୍ଦନଙ୍କ କ୍ୱାର୍ଟର୍ସକୁ ପୋଲିସ ଟିମ୍ ଯାଇ ତାଙ୍କୁ ପଚରାଉଚରା କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ କେନ୍ଦ୍ରକରି ରଘୁନନ୍ଦନ ମଧ୍ୟ ପାଲଟା ଏତଲା ଦେଇଛନ୍ତି। ସମ୍ପୃକ୍ତ ମହିଳା ସାମ୍ବାଦିକା ଓ ସହଯୋଗୀ ତାଙ୍କ

## ସାମ୍ବାଦିକାଙ୍କ ଉପରକୁ କୁକୁର ଛାଡ଼ିବା ଘଟଣା

ସୁରକ୍ଷାକର୍ମୀଙ୍କୁ ଧକ୍କା ଦେଇ କ୍ୱାର୍ଟର୍ସ ପରିସର ଭିତରକୁ ପଶିବା ସହ ଦୁର୍ବ୍ୟବହାର କରିଥିବା ନେଇ ରଘୁନନ୍ଦନ ଏତଲାରେ ଦର୍ଶାଇଛନ୍ତି। ମହିଳା ରିପୋର୍ଟରଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଥିବାବେଳେ ରଘୁନନ୍ଦନଙ୍କ ଏତଲା କ୍ରମେ ଆଉ ଏକ ମାମଲା ରୁଜୁ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

# ୪ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

## ପୁରୀରେ ରଥଯାତ୍ରା ଦେଖିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ

ଭୁବନେଶ୍ୱର, ୨୬।୬(ଅସମାପିକା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଆସନ୍ତା ଜୁଲାଇ ୬ରୁ ୯ ତାରିଖ ପର୍ଯ୍ୟନ୍ତ ସେ ଭୁବନେଶ୍ୱର ଓ ପୁରୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୬ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରରେ ଆସି ପହଞ୍ଚିବେ। ସେହିଦିନ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଆୟୋଜିତ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ୭ତାରିଖରେ ରାଷ୍ଟ୍ରପତି ପୁରୀ ଯିବାର କାର୍ଯ୍ୟକ୍ରମ ରହିଛି। ସେ ରଥଯାତ୍ରାରେ ଯୋଗଦେବା ସହ ପୁରୀ ରାଜଭବନରେ ରାତ୍ରିଯାପନ କରିବେ। ସେହିପରି ୮ ତାରିଖରେ ଖଣ୍ଡଗିରି ଓ ଉଦୟଗିରିପରିଦର୍ଶନକରିବା ସହିତ ଅପରାହ୍ନରେ ଅନ୍ଧାରୁଆରେ ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ସେ ଡିଭାଇନ ରିଟ୍ରିଟ୍ ସେଣ୍ଟର ଉଦ୍‌ଘାଟନ କରିବେ। ୯ ତାରିଖରେ ଜଟଣୀ ନାଇଜରରେ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ୭୯ ମାଧ୍ୟମିକ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ

ଭୁବନେଶ୍ୱର, ୨୬।୬(ଅସମାପିକା ସାହୁ)

ରାଜ୍ୟର ବିଭିନ୍ନ ସ୍ଥାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ଥିବାରୁ ଛାତ୍ରୀଛାତ୍ରମାନଙ୍କୁ ପାଠପଢ଼ା ପାଇଁ ଦୂର ସ୍ଥାନକୁ ଯିବାକୁ ପଡୁଥିଲା। ଦୂର ବାଟ ପାଇଁ ଅନେକ ପିଲା ମାଟ୍ରିକ ପରେ ପାଠ ଛାଡ଼ି ଦେଉଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ୭୯ ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ (ଅପ୍‌ଗ୍ରେଡ୍) କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ସୁପାରିସକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗ ଖୋଲିବ। ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରୁ ଏହା କାର୍ଯ୍ୟକ୍ଷମ ହେବ। ସୂଚନାନୁଯାୟୀ ଯେଉଁ ୭୯ଟି ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି, ସେଥିମଧ୍ୟରେ ଭଦ୍ରକ ଜିଲାର ୪, ବଲାଙ୍ଗୀରର ୮, ବୌଦ୍ଧର ୨, ଗଞ୍ଜାମର ୧୪, ଝାରସୁଗୁଡ଼ାର ୪, କଳାହାଣ୍ଡିର ୧୭, କେନ୍ଦୁଝରର ୫, କୋରାପୁଟର ୬, ମାଲକାନଗିରିର ୨, ମୟୂରଭଞ୍ଜର ୧, ନବରଙ୍ଗପୁରର ୨, ନୂଆପଡ଼ାର ୧, ସମ୍ବଲପୁରର ୩ ଏବଂ ସୁନ୍ଦରଗଡ଼ ଜିଲାର ୧୦ ବିଦ୍ୟାଳୟ ରହିଛି।

# ଛୁରି ଭୁସି ମିଠାମିସ୍ତ୍ରିଙ୍କୁ ହତ୍ୟା

ଚୌଦ୍ୱାର/ମଙ୍ଗୁଳି-ଜଗତ୍‌ପୁର,୨୬।୬
(ଆଶୁତୋଷ ଦାସ/ମାନସ ସାମଲ)

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ଚାରବାଟିଆ ବଜାରରେ ଥିବା ଏକ ଜଳଖିଆ ଦୋକାନରେ ଜଣେ ମିଠାମିସ୍ତ୍ରିଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ତୁମୁସିଙ୍ଗା ଗ୍ରାମର ପ୍ରଶାନ୍ତ କୁମାର ମାଝି। ଘଟଣାସ୍ଥଳରେ ଏସିପି ମାନସ ଦେଓ, ଚୌଦ୍ୱାର ଥାନାର ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସ୍ପଷ୍ଟ କରିଛି। ମୃତ ପ୍ରଶାନ୍ତଙ୍କ ମାମୁ ରମେଶ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୩୪୨/୨୪) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଜଳଖିଆ ଦୋକାନରେ ମିଠାମିସ୍ତ୍ରି ପ୍ରଶାନ୍ତ କାମ କରୁଥିଲେ। ପୂର୍ବରୁ ଉକ୍ତ ଦୋକାନରେ ସ୍ଥାନୀୟ ବଜ୍ରକୋଟ ଗ୍ରାମର ଦୀପକ ଦେହୁରୀ ମଧ୍ୟ କାମ କରୁଥିଲେ।


ପ୍ରଶାନ୍ତ କୁମାର ମାଝି

କିଛିଦିନ ପୂର୍ବରୁ ଦେକାନ ମାଲିକ ଦୀପକଙ୍କୁ ତାଙ୍କର ଅନ୍ୟ ଏକ ହୋଟେଲକୁ ପଠାଇ ଦେଇଥିଲେ। ହେଲେ ଦୀପକ ମଝିରେ ମଝିରେ ଉକ୍ତ ଜଳଖିଆ ଦୋକାନକୁ ଆସନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପ୍ରଶାନ୍ତ ଜଳଖିଆ ଦୋକାନ ପଛପଟେ ଥିବା ରୋଷେଇଘରେ କାମ କରୁଥିବାବେଳେ ଦୀପକ ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଦୀପକ ଉତ୍କ୍ଷିପ୍ତ ହୋଇ ଦୋକାନରେ ଥିବା ଏକ ଧାରୁଆ ଛୁରିରେ ପ୍ରଶାନ୍ତ ପେଟକୁ ଭୁସି ଦେଇ ଫେରାର ହୋଇଯାଇଥିଲା। ସମ୍ମୁଖରେ ବସିଥିବା ଦୋକାନ ମାଲିକ ସଙ୍ଗେସଙ୍ଗେ ପ୍ରଶାନ୍ତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟ ନେଇଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପୋଲିସ ଅଭିଯୁକ୍ତ ଦୀପକଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଏସିପି ଦେଓ କହିଛନ୍ତି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନ୍‌ଇଇଟି ଓ ନେଟ୍ ପରୀକ୍ଷା ସ୍କାମ ବିରୋଧରେ ଧାରଣା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଟରନାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା ୩୦।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାମ୍ବର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- 'ଆମସ୍ୱର' ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ପରାହ୍ନ ୫ଟା।
- କଳାଭୂମି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।
- ସତ୍ୟବାଦୀ ବିଧାୟକଙ୍କ ବାତ୍ୟା ବିପର୍ଯ୍ୟୟ ପରିଚାଳନା ସମୀକ୍ଷା, ସ୍ଥାନ: ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୨ଟା ୩୦।

## ଖୋର୍ଦ୍ଧା

- ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ପତଞ୍ଜଳି ଯୁବ ଭାରତ, ବାଲେଶ୍ୱର ଶାଖା ଆନୁକୂଲ୍ୟରେ କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ଆଦିତ୍ୟ ଦେବଜୀଙ୍କ ଯୋଗ ଶିବିର, ସ୍ଥାନ: ଦୀନକୃଷ୍ଣ ସ୍ମୃତିପୀଠ, ମୁଣ୍ଡୁଣିଆ, ଜଳେଶ୍ୱର, ସମୟ: ପ୍ରାତଃ ୫ଟା।
- ରକ୍ତଦାନ ଶିବିର ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦୁର୍ଗାମଣ୍ଡପ, ଖଇରା, ସମୟ: ସକାଳ ୯ଟା।
- ଭବିଷ୍ୟନିଧି ପାଣ୍ଠି ଅଧିକାରୀଙ୍କ ଶୁଣାଣି, ସ୍ଥାନ: ରୂପସା ଝୋଟକଳ କାରଖାନା ଅତିଥି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନଙ୍କ ନୀଳଗିରି ଗସ୍ତ, ସ୍ଥାନ: ନୀଳଗିରି, ସମୟ: ପୂର୍ବାହ୍ନ ୧୧ଟା।

- 'ବିଶ୍ୱାସ'ପକ୍ଷରୁ କିଶୋରି ବାଳିକା ଓ ମହିଳାମାନଙ୍କ ଲାଗି ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଚନ୍ଦନ ମଣ୍ଡପ, ବିଷ୍ଣୁପୁର, ବାଲିଆପାଳ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଜିଲାସ୍ତରୀୟ ଶିଶୁ ଶ୍ରମିକ ପ୍ରତିରୋଧ ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ଭାଗବତ ପାଠ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ସକାଳ ୧୦ ଟା।
- ଭାଗବତ ଟୁଙ୍ଗିରେ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ନାହା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମାଉସୀ ମା' ମନ୍ଦିର କମିଟିର ବୈଠକ, ସ୍ଥାନ: ମାଉସୀ ମା' ମନ୍ଦିର ପ୍ରାଙ୍ଗଣ, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାରିଆକୁଲି କଲଣି ସାହି, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଏସ୍‌ଏଫଆଇ ପକ୍ଷରୁ ପ୍ରତିବାଦ,ସ୍ଥାନ: ଖଲ୍ଲିକୋଟ କଲେଜ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀ ଅରବିନ୍ଦ ଶକ୍ତିପୀଠ, ସମୟ: ପ୍ରାତଃ ୫ଟା ।

## କନ୍ଧମାଳ

- ଫୁଲବାଣୀ ବିଧାନସଭା ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା, ସ୍ଥାନ:ଜିଲା ପ୍ରେସ୍ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ନାରାୟଣୀ ଯାତ୍ରା କମିଟିର ବୈଠକ, ସ୍ଥାନ: ସଭା ଗୃହ, ସମୟ:ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ପ୍ରଦକ୍ଷଣ ଗୃହ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## କୋରାପୁଟ

- ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭା ଗୃହ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ବିଜ୍ଞାନ ଭବନ ଓ ଇନ୍ଦ୍ରାବତୀ ବାଳିକା ହଷ୍ଟେଲ ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସମ୍ବଲପୁରୀ ବହିହାଟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଅଦା ଏବଂ ହଳଦୀ ବିହନ ବିକ୍ରୟ କାର୍ଯ୍ୟକ୍ରମ, ସ୍ଥାନ: ନିଲଡୁଙ୍ଗୁରୀ ମଡେଲ ନର୍ସରୀ, ସମୟ: ପୂର୍ବାହ୍ନ ୧୦ଟା।
- ଖଲିଆପାଲି ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟର ଶତବାର୍ଷିକୀ ପାଳନ ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ଅପରାହ୍ନ ୫ଟା୩୦।

## ବଲାଙ୍ଗୀର

- ଲୋଇସିଂହା ଓକିଲ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଲୋଇସିଂହା କୋର୍ଟ ପରିସର ବାର୍ ହଲ, ସମୟ: ଅପରାହ୍ନ ୨ଟା।
- ମୋ ସ୍କୁଲ ଅଭିଯାନରେ ନିର୍ମିତ ଅତିରିକ୍ତ ଶ୍ରେଣୀ କୋଠରି ଉଦ୍‌ଘାଟନ, ସ୍ଥାନ: କୁଶଙ୍ଗ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ରୁଗୁଡ଼ିଖାଲ ରାମ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ,ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ପଦ୍ମପୁର ବିଧାୟିକାଙ୍କ ରୋଡ୍ ଶୋ', ସ୍ଥାନ: ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକ ଭବନ ଉଦ୍‌ଘାଟନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଝାରବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ସତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ଗ୍ରାମ ଦେବୀ ପୂଜନ, ସ୍ଥାନ: ସହରସ୍ଥିତ ଭିମଯୋର ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ ଜଳ ସଂରକ୍ଷଣ କର୍ମଶାଳା, ସ୍ଥାନ: ସୁଶୀଳାବତୀ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ବିକାଶ ସମିତି– ଓଡ଼ିଶା ପକ୍ଷରୁ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ମନ୍ଦିର ପରିସର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ରଥଯାତ୍ରା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା, ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୯ଟା ୩୦।
- ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ବୈଠକ, ସ୍ଥାନ: ପରିଷଦର ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ୍ ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡିଏ)ପକ୍ଷରୁ ମାଛଧରା ବନ୍ଦର ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ହୋଟେଲ ଗୋଲ୍‌ଡେନ ଆଙ୍କର, ନୂଆବଜାର ପାରାଦୀପ, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ନିଶା ମୁକ୍ତି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅବକାରୀ ବିଭାଗ କାର୍ଯ୍ୟାଳୟ, ନୂଆବଜାର, ପାରାଦୀପ,ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଡେରାବିଶ ସାଂସ୍କୃତିକ ସଙ୍ଗଠନର ୧୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ତିଳକପୁର ଛକ ନିକଟ କଲ୍ୟାଣ ମଣ୍ଡପ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ରଥ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ୍ ହଲ , କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ରସୁଲପୁର ବ୍ଲକ ସରପଞ୍ଚ ସଂଘର ବୈଠକ,ସ୍ଥାନ : ମଙ୍ଗରାଜପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ସମୟ : ପୂର୍ବାହ୍ନ ୧୦ଟା।

# ଜମିବାଡ଼ି ବିବାଦରୁ ମହିଳାଙ୍କୁ ହତ୍ୟା, ୬ ଗୁରୁତର

**ରାଜକନିକା,୨୬।୬(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ଏହାକୁ ନେଇ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋଇଲିପୁର ପଞ୍ଚାୟତର ସଂଗ୍ରାମପୁର ଟୋଲକ୍ଷ ବ୍ରାହ୍ମଣ ପୋଖରୀ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିବାକୁ ଉଦ୍ୟମ ଜାରି ରଖିଛି। ପୋଲିସ ଉକ୍ତ ଘଟଣା ଉପରେ ଆଗୁଆ ପଦକ୍ଷେପ ନେଇଥିଲେ ଏପରି ଘଟଣା ଘଟି ନ ଥାନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସଂଗ୍ରାମପୁର ଟୋଲକ୍ଷ ବ୍ରାହ୍ମଣ ପୋଖରୀ ଗାଁର ରମେଶ ଚନ୍ଦ୍ର ନାୟକ ଓ ସୁନାକର ନାୟକଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘ ବର୍ଷ ହେବ ବିବାଦ ଲାଗି ରହିଥିଲା। ଗତ କିଛିଦିନ ହେବ ସୁନାକରଙ୍କ ପରିବାର ସେହି ବିବାଦୀୟ ଜମିରେ ଏକ ଶୌଚାଳୟ ଟାଙ୍କି ନିର୍ମାଣ କରୁଥିଲେ। ଏହାକୁ ବିରୋଧ କରି ରମେଶଙ୍କ ସ୍ତ୍ରୀ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଉଭୟ ପକ୍ଷ ଆକ୍ରମଣ ଓ ପ୍ରତିଆକ୍ରମଣ କରିଥିଲେ। ଏଥିରେ ୬ ଜଣ ଆହତ ହୋଇଥିଲେ। ରମେଶଙ୍କ ପରିବାରର ୩ ଗୁରୁତରଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ହେଲେ ବାଟରେ ରମେଶଙ୍କ ଭଉଣୀ ସୁଶୀଳା ନାୟକ(୪୫ )ଙ୍କ ମୃତ୍ୟୁ ଘଟିଥିଲା। ଏ କଥା ଜଣାପଡିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ପୋଲିସ ସୁନାକାର ନାୟକଙ୍କ ସମେତ ତାଙ୍କ ୩ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ପ୍ରତି ବ୍ଲକ୍‌ରେ ପ୍ରାଣୀରୋଗ ପରୀକ୍ଷାଗାର ପ୍ରତିଷ୍ଠା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୬।୬(ଅସମାପିକା ସାହୁ)**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା ବୁଧବାର ଓଡ଼ିଶା ପ୍ରାଣୀସମ୍ପଦ ବିକାଶ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ଆସ୍ଥାଭାଜନ ହୋଇ ଓ ସ୍ୱଚ୍ଛତା ଅବଲମ୍ବନପୂର୍ବକ ବିଭାଗର ଅଧିକାରୀମାନେ କାର୍ଯ୍ୟ କରିବାକୁ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପ୍ରତି ବ୍ଲକ୍‌ରେ ପ୍ରାଣୀରୋଗ ପରୀକ୍ଷାଗାର ପ୍ରତିଷ୍ଠା କରାଯିବା ସହିତ ବୁଲା ଓ ଅସହାୟ ପ୍ରାଣୀଙ୍କ ପାଇଁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଣ, ଅଧିକ ସଂଖ୍ୟକ ଗୋଶାଳା ପ୍ରତିଷ୍ଠା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ପ୍ରାଣୀଙ୍କ ଟିକାକରଣ କାର୍ଯ୍ୟକ୍ରମ, କୃତ୍ରିମ ପ୍ରଜନନ, ମଧୁର ଓ କ୍ଷାରଜଳ ମାଛଚାଷ ଇତ୍ୟାଦିରେ କିପରି ଚାଷୀମାନେ ଅଧିକ ଲାଭପ୍ରଦ ହେବେ ସେ ବିଷୟରେ ଧ୍ୟାନ ଦେବାକୁ ପଡ଼ିବ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ସେଗୁଡ଼ିକର ସୁଫଳ ଗ୍ରାମାଞ୍ଚଳରେ ଥିବା ଗୋପାଳକ, ପ୍ରାଣୀପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କୁ ମିଳିବା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ମନ୍ତ୍ରୀ ରାଜ୍ୟରେ ଓଡ଼ିଶା ପ୍ରାଣୀସମ୍ପଦ ମିଶନ, ଓଡ଼ିଶା ମତ୍ସ୍ୟ ମିଶନ, ଓଡ଼ିଶା କ୍ଷୀରଧାରା ମିଶନ, ଦୁଗ୍ଧବନ୍ୟା ମିଶନର କାର୍ଯ୍ୟକ୍ରମକୁ ସଶକ୍ତ କରିବା ପାଇଁ ଏକ ବଳିଷ୍ଠ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକ ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରମୁଖ ଶାସନ ସଚିବ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ସାଦ୍ଦିକ୍ ଆଲାମ୍, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ଗଙ୍ଗାଧର ନାୟକ ଧନ୍ୟବାଦ ଦେଇଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଭାଗୀୟ ଅଧିକାରୀମାନେ।

## ପ୍ରଥମ ପୃଷ୍ଠାରୁ...

### ମୁଖ୍ୟମନ୍ତ୍ରୀ, ୨ ...

ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଆହୁରି ଅନେକ ବିଭାଗର ମନ୍ତ୍ରୀମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ରାଜ୍ୟ ସଭାରେ ଗୃହର ନେତା ଜଗତ୍ ପ୍ରକାଶ ନଡ୍ଡା ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ୨ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଦିଲ୍ଲୀ ଯାଇଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଷୟଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିବେ।

### ବଜ୍ରପାତ: ମା'ପୁଅ ...

ପୁରନ୍ଦର ଏବେ ଚିକିତ୍ସାଧୀନ ଅଛନ୍ତି। ଖପ୍ରାଖୋଲ ଥାନା ପୋଲିସ ମୃତଦେହ ଜବତ କରିଛି। ପାଟଣାଗଡ ଉପଜିଲାପାଳ ଅମିତ କୁମାର ନାଏକ ଖପ୍ରାଖୋଲ ତହସିଲଦାରଙ୍କୁ ପ୍ରାଥମିକ ରିପୋର୍ଟ ଦେବା ନିର୍ଦ୍ଦେଶ ଦେଇଛନ୍ତି। ବିଡିଓ ବିବେକାନନ୍ଦ ଷଡଙ୍ଗୀ ହରିଶ୍ଚନ୍ଦ୍ର ଯୋଜନାରୁ ୨ମୃତକଙ୍କ ପରିବାରକୁ ୬ହଜାର ଟଙ୍କା ପ୍ରଦାନ କରିଛନ୍ତି। ଚାଷୀ ପରିବାରର ୨ଜଣଙ୍କ ମୃତ୍ୟୁରେ ଚାଉଳବାଞ୍ଜି ଗାଁରେ ଶୋକର ଛାୟା ଖେଳିଯାଇଛି।

ସେହିପରି ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅନ୍ତର୍ଗତ ଖଲିଆପାଲି ଗ୍ରାମପଞ୍ଚାୟତ ଦେୱାନ ଗ୍ରାମରେ ଘଟିଛି ଅନ୍ୟ ଦୁଃଖଦ ଘଟଣା। ଆସନ୍ନ ବର୍ଷାରୁ ରକ୍ଷା ପାଇବା ପାଇଁ ଗଛତଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତରେ ୩ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୨ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଦେୱାନ ଗ୍ରାମର ସୁଖଦେବ ବନଛୋର (୫୮), ନୀରୋଜ କୁମ୍ଭାର (୨୫) ଓ ଧନୁର୍ଯ୍ୟ ନାୟକ (୪୫)। ଆହତ ୨ଜଣ ହେଲେ ମନିରାମ ଲୁହାର ଓ ବାଜେନମୁଣ୍ଡା ଗ୍ରାମର ବୃନ୍ଦାବନ ସାହୁ। ମିଳିଥିବା ସୂଚନା ଅନୁସାରେ ଦେୱାନ ଗାଁର ୫ଜଣ ଗାଁ ମୁଣ୍ଡ ବରଗଛ ମୂଳେ ବସି କଥାବାର୍ତ୍ତା ହେଉଥିଲେ। ଅପରାହ୍ନ ପ୍ରାୟ ୩ଟାରେ ହଠାତ ବର୍ଷା ହେବାରୁ ସେମାନେ ଘରକୁ ଯାଇ ପାରି ନ ଥିଲେ। ବରଗଛ ମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ସୁଖଦେବ, ନୀରୋଜ, ଧନୁର୍ଯ୍ୟଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମନିରାମ ଓ ବୃନ୍ଦାବନଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ମୁନିରାମଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ପୁଟେଲଙ୍କ ଉପସ୍ଥିତିରେ ଆହତଙ୍କ ଚିକିତ୍ସା ଚାଲିଛି। ଖବର ପାଇ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଭାଜପା ନେତା ଗୋବର୍ଦ୍ଧନ ଭୁଏ ଆହତ ଓ ମୃତକଙ୍କ ପରିବାରକୁ ପଦ୍ମପୁର ଡାକ୍ତରଖାନାରେ ଭେଟି ସମବେଦନା ଜଣାଇଛନ୍ତି।

### ଓମ୍ ବିର୍ଲା ଲୋକ ସଭା ...

ବିରୋଧୀ ଇଣ୍ଡିଆ ମେଣ୍ଟ ମଧ୍ୟ ବିର୍ଲାଙ୍କୁ ବିରୋଧ କରି ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ ଧ୍ୱନିମତରେ ପାରିତ ହୋଇଥିବା ବିଷୟ ପ୍ରୋଟେମ୍ ସ୍ପିକର ଭର୍ତ୍ତୃହରି ମହତାବ ଘୋଷଣା କରିଥିଲେ। ୪୮ ବର୍ଷ ପରେ ଲୋକ ସଭାର ବାଚସ୍ପତି ନିର୍ବାଚନ ହୋଇଛି। ଓମ୍ ବିର୍ଲା ଲଗାତର ଦ୍ୱିତୀୟ ଥର ପାଇଁ ଗୃହର ଅଧ୍ୟକ୍ଷ ପଦ ସମ୍ଭାଳିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାରେ ଧ୍ୱନିମତରେ ବିର୍ଲା ନିର୍ବାଚିତ ହେବା ପରେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ତାଙ୍କୁ ବାଚସ୍ପତି ଆସନ ଅଳଙ୍କୃତ କରିବା ପାଇଁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବିର୍ଲାଙ୍କୁ ତାଙ୍କ ଆସନ ନିକଟକୁ ପାଛୋଟି ନେଇଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ବାଚସ୍ପତିଙ୍କ ପାଖକୁ ଯାଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାହୁଲ ପ୍ରଧାନମନ୍ତ୍ରୀ ମୋଦି ଓ ବାଚସ୍ପତି ବିର୍ଲାଙ୍କ ସହ ହାତ ମିଳାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ବିର୍ଲା ଦ୍ୱିତୀୟ ଥର ପାଇଁ ବାଚସ୍ପତି ନିର୍ବାଚିତ ହେବା ସମ୍ମାନର ବିଷୟ। ଆଗାମୀ ୫ ବର୍ଷ ତାଙ୍କ ମାର୍ଗଦର୍ଶନରେ ଗୃହ ପରିଚାଳିତ ହେବ। ତେଣୁ ସମଗ୍ର ଲୋକ ସଭା ପକ୍ଷରୁ ଗୃହର ନେତା ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଜଣେ ସାଂସଦ ଭାବେ ବିର୍ଲାଙ୍କ କାର୍ଯ୍ୟ ନବନିର୍ବାଚିତ ଲୋକ ସଭା ସଦସ୍ୟମାନଙ୍କ ପାଇଁ ପ୍ରେରଣା ହେବା ଉଚିତ। ଅନ୍ୟପକ୍ଷେ ଗୃହ ପରିଚାଳନା ବେଳେ ବିର୍ଲା ନିରପେକ୍ଷତା ବଜାୟ ରଖି ସମସ୍ତଙ୍କୁ ଜନସାଧାରଣଙ୍କ ସ୍ୱର ଉତ୍ତୋଳନ ପାଇଁ ସୁଯୋଗ ଦେବା ଉଚିତ ବୋଲି କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀ ଓ ସମାଜବାଦୀ ପାର୍ଟି (ଏସ୍‌ପି) ଏମ୍‌ପି ଅଖିଳେଶ ଯାଦବଙ୍କ ସମେତ ବିରୋଧୀ ପକ୍ଷର ଅନେକ ସଦସ୍ୟ ମତ ଦେଇଥିଲେ।

ଲୋକ ସଭାରେ ଏକାଧିକ ଥର ବାଚସ୍ପତି ପଦ ସମ୍ଭାଳିବାରେ ବିର୍ଲା ହେଉଛନ୍ତି ପଞ୍ଚମ। ତେବେ ବିର୍ଲା ଆସନ ଗ୍ରହଣ କରିବା ମାତ୍ରେ ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି ଏମର୍ଜେନ୍ସି ଉପରେ ଏକ ନିନ୍ଦା ପ୍ରସ୍ତାବ ଆଣି ୨ ମିନିଟ୍ ନୀରବ ପ୍ରାର୍ଥନା କରିବାକୁ ସଦସ୍ୟମାନଙ୍କୁ କହିଥିଲେ। ଏହି ବିବାଦୀୟ ପ୍ରସ୍ତାବକୁ ବିପକ୍ଷ ସଦସ୍ୟମାନେ ନିନ୍ଦା କରିଥିଲେ। ବିରୋଧୀ ଏମ୍‌ପିମାନେ ଗୃହ ଭିତରେ ହଙ୍ଗାଗୋଳ କରିଥିବାବେଳେ ଭାଜପା ସଦସ୍ୟମାନେ ଜରୁରିକାଳୀନ ପରିସ୍ଥିତି ପାଇଁ କଂଗ୍ରେସଠାରୁ କ୍ଷମା ଦାବି କରି ପାର୍ଲାମେଣ୍ଟ ହାଉସ୍ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଇତିମଧ୍ୟରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଇଣ୍ଡିଆ ଦଳଗୁଡ଼ିକ ନିଜ ରାଜନୈତିକ ଅଧିକାର ସାବ୍ୟସ୍ତ କରି କେ. ସୁରେଶଙ୍କ ସପକ୍ଷରେ ପ୍ରସ୍ତାବ ଆଗତ କରିଥିଲେ। ବାଚନିକ ଭୋଟ ଗ୍ରହଣ କରାଯାଇଥିଲା। ଏହା ପରେ ସହମତି ଓ ସହଯୋଗର ଧାରା ବଜାୟ ରଖିବା ପାଇଁ ବିରୋଧୀ ମତ ବିଭାଜନ ଚାହିଁଲେ ନାହିଁ ବୋଲି ଏକ୍ସ'ରେ ଜୟରାମ ଉଲ୍ଲେଖ କରିଛନ୍ତି।

### ପୋଲିସ ବର୍ବରତା: ମହିଳାଙ୍କୁ ...

ଏହି ଘଟଣା ପରେ ଏଏସ୍‌ଆଇ ନେପାଳ ସାହା, କନଷ୍ଟେବଲ ରବୀନ୍ଦ୍ର ସେଠୀ ଓ ଥାନା ଗାଡ଼ି ଡ୍ରାଇଭର କିଶୋର କୁମାର ମହାପାତ୍ର ହନୁମାନ ମନ୍ଦିରକୁ ଆସି ମିତାଙ୍କୁ ଏକ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିବା ସହ ବର୍ଷାରେ ଘୋଷାରି ଘୋଷାରି ଥାନାକୁ ନେଇଯାଇଥିଲେ। ଟଣା ଘୋଷରାରେ ମହିଳାଙ୍କର ଶାଢ଼ି ସମ୍ପୂର୍ଣ୍ଣ ଚିରି ଯାଇଥିଲା ଓ ତାଙ୍କ କାନ ବାଟେ ରକ୍ତ ବାହାରିଥିଲା। ନାବାଳିକା ନଣନ୍ଦ ବାଧା ଦେବାରୁ ତାକୁ ମଧ୍ୟ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୂର୍ଣ୍ଣ ଘଟଣାକୁ ସେଠାରେ ଥିବା କିଛି ଲୋକେ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରଛନ୍ତି। ଏହି ଘଟଣାରେ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଓ ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତିଙ୍କୁ ନେଇ ଏକ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେବା ସହ ଏଏସ୍‌ଆଇ ନେପାଳ ସାହା ଓ ରବୀନ୍ଦ୍ର ସେଠୀଙ୍କୁ ଭଦ୍ରକ ଜିଲା ମୁଖ୍ୟାଳୟକୁ ବଦଳି କରିଛନ୍ତି।ଏ ସମ୍ପର୍କରେ ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ଘଟଣା ମୋବାଇଲରେ ଦେଖିଛି ଓ ତଦନ୍ତ ପରେ ରିପୋର୍ଟ ଏସ୍‌ପିଙ୍କୁ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ଚାନ୍ଦବାଲି ଦଳିତ ମହାସଂଘ ଦାବି କରିଛି। ଏହି ଘଟଣାରେ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୨୮୫/୨୪) ଓ ପୋଲିସକୁ ଆକ୍ରମଣ ଅଭିଯୋଗରେ ସମ୍ପୃକ୍ତ ମହିଳାଙ୍କ ବିରୋଧରେ ଅନ୍ୟ ଏକ ମାମଲା(ନଂ.୨୮୪/୨୪) ରୁଜୁ ହୋଇଛି।

### ଉଇ ଖାଇଗଲାଣି ...

ସେବକମାନେ ରଥରେ ସ୍ଥାନ ପାଉଥିବା ସାରଥି, ଅଶ୍ୱ ଏବଂ ପାର୍ଶ୍ୱ ଦେବଦେବୀ ମୂର୍ତ୍ତିଗୁଡ଼ିକୁ ନିର୍ମାଣ କରିଥାନ୍ତି। ପ୍ରତିବର୍ଷ ରଥ ନିର୍ମାଣ ସରିବା ପରେ ରଥଯାତ୍ରା ପୂର୍ବଦିନ ଭୋଇ ସେବକମାନେ ସାରଥିମାନଙ୍କୁ ଆଣି ରଥରେ ରଥାରୂଢ଼ କରିଥାନ୍ତି। ରଥଯାତ୍ରା ସମ୍ପନ୍ନ ହୋଇ ନୀଳାଦ୍ରି ବିଜେରେ ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରକୁ ବାହୁଡ଼ ଯିବାପରେ ଭୋଇ ସେବକମାନେ ରଥରୁ ସାରଥିମାନଙ୍କୁ କାଢି ସୁରକ୍ଷିତ ଭାବେ ରଖିଥାନ୍ତି। ରଥଯାତ୍ରା ପରେ ରଥଗୁଡ଼ିକୁ ଭଙ୍ଗାଯାଇଥାଏ। ମାତ୍ର ରଥରେ ଲାଗିଥିବା ସାରଥି, ଠେକରା ବାଡା, ଓଲଟ ଶୁଆ, ଘୋଡା ଆଦି ଭଙ୍ଗା ନ ଯାଇ ରଖାଯାଇଥାଏ। ପ୍ରତ୍ୟେକ ନବକଳେବର ସମୟରେ ମହାପ୍ରଭୁ ପାତାଳି ହେବା ସହ ଘୋଡ଼ା, ସାରଥି ଆଦିକୁ ମଧ୍ୟ ପାତାଳି କରାଯାଇଥାଏ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଅନୁକୂଳ ଗ୍ରହସ୍ଥିତିରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ମନ ହାଲୁକା ରହିବା ସହ ପାରିବାରିକ ଜୀବନ ହସଖୁସିରେ ବିତିବ। ଦୂରଯାତ୍ରାର ସୁଯୋଗ ପାଇବେ ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ବିରୋଧୀ ହୋଇପାରନ୍ତି। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ବୃଷ**: ଦ୍ୱିତୀୟସ୍ଥ ଶୁକ୍ରଙ୍କ ପ୍ରଭାବଜନିତ କାବ୍ୟ, ଶାସ୍ତ୍ରବିନୋଦ କିମ୍ବା ଭୋଗବିଳାସରେ ସମୟ ଅତିବାହିତ ହେବ। ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟ ବଢ଼ାଇବାକୁ ପଦକ୍ଷେପ ନେବେ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ, ଲେଖାପଢ଼ା, ଗବେଷଣା କ୍ଷେତ୍ରରୁ ସୁନାମ ମିଳିବ।

**ମିଥୁନ**: ଭାଗ୍ୟସ୍ଥାନରେ ଚନ୍ଦ୍ର ହେତୁ ଦିନସାରା ମୁହଁରେ ହସ ରହିବ ଏବଂ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ସାଧାରଣ କଥାରୁ ପରିବାରରେ ବିବାଦ ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ଅନ୍ୟଥା ତାହା ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇପଡ଼ିବ। ସାଙ୍ଗଠନିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ିପାରେ।

**କର୍କଟ**: ସ୍ୱଗୃହୀ କର୍ମାଧିପ ହେତୁ ମନ ଖୁସି ରଖିବା ସହ କର୍ମାରମ୍ଭ ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପରିବାରରେ ତରିମରି କାମ କରିବାକୁ ବାଧ ହୋଇପାରନ୍ତି।

**ସିଂହ**: ଏକାଦଶସ୍ଥ ରାଶ୍ୟାଧିପତି ସୁସମ୍ପର୍କ ସ୍ଥାପନରେ ସହାୟକ ହେବେ। ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ ସମସ୍ୟା ସମାଧାନ ଏବଂ ଆଲୋଚନା କାଳରେ ସ୍ଥିର ନିଷ୍ପତ୍ତି ନେଇ କୃତକାର୍ଯ୍ୟ ହେବେ। ପ୍ରଥମେ ଯେଉଁ କାମ ଭଲ ଲାଗୁ ନ ଥିବ ପରକ୍ଷଣରେ ତାହା ପାଇଥିବାରୁ ଖୁସି ହେବେ। ଅର୍ଥଲାଭ ସହ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**: ସପ୍ତମସ୍ଥ ପାପଗ୍ରହ କାରଣରୁ ଶତ୍ରୁତାର ମୁକାବିଲା, ଋଣ ପରିଶୋଧ, ପାରିବାରିକ ସମସ୍ୟା ଏବଂ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଯେଉଁ କାମ ଅନ୍ୟମାନଙ୍କ ଲାଗି ତାହା ଦୁଷ୍ପ୍ରାପ୍ୟ ଆପଣଙ୍କ ପାଇଁ ସହଜଲଭ୍ୟ ହେବ। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**ତୁଳା**: କୋଣଭାବସ୍ଥ ଚନ୍ଦ୍ର କର୍ମକ୍ଷେତ୍ରରେ ଅସ୍ଥିରତା ଦୂର କରିବ ଏବଂ ପାରିବାରିକ ଶାନ୍ତିକୁ ଅକ୍ଷୁଣ୍ଣ ରଖିବାରେ ସହାୟକ ହେବ। ସମ୍ପର୍କୀୟଙ୍କ ଶତ୍ରୁତା ଯୋଗୁ ମୁହଁରେ କ୍ରୋଧ ଜରଜର ହୋଇପାରନ୍ତି। ନିର୍ମାଣ କିମ୍ବା ଗୁରୁତ୍ୱପୂର୍ଣ୍ଣ କାମ ଲାଗି ଅର୍ଥାଭାବ ପରିଲକ୍ଷିତ ହେବ। ଦୀର୍ଘଦିନର ଆଶା ପୂରଣ ହେବାରେ ଜଣେ ସହକର୍ମୀ ସାହାଯ୍ୟ କରିବେ।

**ବିଛା**: ରାଶ୍ୟାଧିପତିଙ୍କ ପ୍ରଭାବରେ ପ୍ରତ୍ୟେକ କାମରେ ସିଦ୍ଧିଲାଭ ଏବଂ ଝମେଲା କରିଥିବା ଲୋକଟି ମିତ୍ରତା ପାଇଁ ହାତ ବଢ଼ାଇବ। ସୁହାଇଲା ଭଳି କଥା ଲୋକସମ୍ପର୍କ ବୃଦ୍ଧିରେ ସାହାଯ୍ୟ କରିବ। ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମିତ ହେବେ। ସରକାରୀ କାମ ଓ ପଦସ୍ଥଙ୍କ କ୍ଷେତ୍ରରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ**: ଶନିଯୁକ୍ତ ଚନ୍ଦ୍ର ସମ୍ବନ୍ଧରୁ ଅନ୍ୟମାନଙ୍କ ଦ୍ୱାରା ଭୁଲ୍ ତଥ୍ୟର ଅବତାରଣାକୁ ପ୍ରବଳ ବିରୋଧକରି ଭଲ ସମ୍ପର୍କକୁ ହରାଇପାରନ୍ତି। ସଙ୍ଗଠନ, ରାଜନୀତି, ଗବେଷଣା ପାଇଁ ଦିନଟି ଭଲ। କଳା, ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ସୁନାମ ଅର୍ଜନ କରିବେ। ସପ୍ତମସ୍ଥ ଏକାଧିକ ଗ୍ରହ ହେତୁ ବିବାଦରେ ପଶିଲେ କ୍ଷତିରେ ପଡ଼ିବେ।

**ମକର**: ଅନୁକୂଳ ଗ୍ରହସ୍ଥିତିରୁ ମନୋବଳ ଟାଣ ରହିବ କିନ୍ତୁ ଭଲ ସମ୍ପର୍କ ନ ଥିବା ପଡ଼ୋଶୀ ଦାଉ ସାଧିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ ପୂର୍ବକ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବା ସୂଚନା ରହିଛି। ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ। ସଭାସମିତି, ଗଠନମୂଳକ କାମ, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ**: କର୍ମାଧିପ ତୃତୀୟସ୍ଥ ଯୋଗୁ ବିଭିନ୍ନ ସମସ୍ୟା ରହିଥିଲେ ହେଁ ଆଜି କିଛି ଅସୁବିଧା ହେବନାହିଁ। ଶୁକ୍ରଙ୍କ ପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପରିବାରରେ ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା ଅଦଳବଦଳ ହୋଇଯାଇପାରେ।

**ମୀନ**: ଦେବଗୁରୁ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ପ୍ରତ୍ୟେକ କାମ ସମ୍ପନ୍ନ ହୋଇପାରିବ। ତଥାପି କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ଚୁପ୍‌ଚୁପ୍ କଥା ମନକୁ ବିଚଳିତ କରିବ। ଶୁକ୍ରଙ୍କ ପ୍ରଭାବରେ କବିତ୍ୱ, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସୁନାମ ମିଳିବ। ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି ଏବଂ କର୍ମକ୍ଷେତ୍ର ସରଳ ଓ ସାବଲୀଳ ରହିବ।

ଆଜି ଜୁନ୍ ୨୭ ତାରିଖ, ଆଷାଢ଼ କୃଷ୍ଣ ଷଷ୍ଠୀ ଗୁରୁବାର, ରାଶି ନକ୍ଷତ୍ର–ଶତଭିଷା/କୁମ୍ଭ, ଦିବା ଘ.୧୧।୩୬ମି. ଗତେ ପୂର୍ବଭାଦ୍ର ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୪ମି. ଗତେ ଘ.୦୬।୦୬ମି. ମଧ୍ୟେ, ଘ.୦୯।୩୭ମି. ଗତେ ଘ.୧୧।୨୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୮ମି. ଗତେ ଘ.୦୩।୦୭ମି. ମଧ୍ୟେ ରାହୁକାଳ ॥

# ଶୃଙ୍ଖଳିତ ନୀତି, ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

## ରଥଯାତ୍ରା ପାଇଁ ଦ୍ୱିତୀୟ ସମନ୍ୱୟ ସଭା

ପୁରୀ,୨୬।୬
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ୭ତାରିଖରେ ଅନୁଷ୍ଠିତ ହେବ। ଏହି ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତି, ଭିଡ଼ ନିୟନ୍ତ୍ରଣ, ବିଭିନ୍ନ ବିଭାଗର ସେବା ନେଇ ପୁରୀ ଟାଉନ ହଲ୍‌ଠାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସହ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ମହାପ୍ରଭୁଙ୍କ ନୀତି ସମ୍ପାଦନ, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସହ ବିଦ୍ୟୁତ୍ ଯୋଗାଣ ନେଇ ବୈଠକରେ ବେଶ୍ ସରଗରମ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ୩୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ସେହିପରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ବେଡ୍ ସୁବିଧା ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ତେବେ ମହାପ୍ରଭୁଙ୍କ ମହିମା ଓ ମହତ୍ତ୍ୱକୁ ଅଧିକ ପ୍ରସାରିତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ରଥଯାତ୍ରା ଏକ ସାମୂହିକ କାର୍ଯ୍ୟ। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ରଥଯାତ୍ରାରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ମହାପ୍ରଭୁଙ୍କ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟରେ ଓଡ଼ିଆ ଅସ୍ମିତାର ପ୍ରତିଫଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ବିଭାଗକୁ ଅଧିକ ସକ୍ରିୟ କରିବାକୁ ଜଣେ ଯୁଗ୍ମ ନିର୍ଦ୍ଦେଶକସ୍ତରର ଅଧିକାରୀ ନିୟୋଜିତ ହେବେ। ସେହିପରି ପୌରପାଳିକା ପାଇଁ ଜଣେ ଅତିରିକ୍ତ ସଚିବସ୍ତରର ଅଧିକାରୀ କାର୍ଯ୍ୟ ଅନୁଧ୍ୟାନ କରିବେ। ରଥଯାତ୍ରା ସମୟରେ ଅଂଶୁଘାତର ମୁକାବିଲା ପାଇଁ ୧୦୦ ବେଡ୍‌ର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ତେବେ ବୈଠକରେ ୧୬ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ତିନିରଥର ନିର୍ମାଣ ପାଇଁ ସମସ୍ତ କାଠ ରଥଖଳାରେ ପହଞ୍ଚି ସାରିଛି। ତେବେ ରଥ ନିର୍ମାଣ ପାଇଁ ଅନେକ କାଠ ପୋଲା ଥିବାରୁ ଏହାକୁ ନେଇ ସେବାୟତମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ରଥକାଠର ଅଭାବ ଯେଭଳି ଦେଖା ନ ଯିବ ସେନେଇ ଡାଟା ବେସ୍ ପ୍ରସ୍ତୁତ ହେବ। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥଟଣା ଦଉଡ଼ି, ଇନର ଓ ଆଉଟଡୋର କର୍ତ୍ତନ ଦଉଡ଼ି ପହଞ୍ଚିସାରିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇଥିଲେ। ତେବେ ଚଳିତବର୍ଷ ତିନି ରଥର ନିର୍ମାଣ କାର୍ଯ୍ୟ ବେଶ୍ ଆଗୁଆ ଚାଲିଛି। ତେବେ ରଥଯାତ୍ରା ଦିନ ନବଯୌବନ, ନେତ୍ରୋତ୍ସବ ପଡୁଥିବାରୁ ନୀତିକାନ୍ତି କିଭଳି ଶୃଙ୍ଖଳିତ ଓ ସୁଚାରୁରୂପେ ହୋଇପାରିବ ସେନେଇ ସମସ୍ତଙ୍କ ସହଯୋଗ ଲୋଡ଼ା ଯାଇଛି। ଭକ୍ତମାନେ ଚଳିତ ବର୍ଷ ଦୁଇଦିନ ରଥ ଟାଣିବାର ସୁଯୋଗ ପାଇବେ। ତେଣୁ ସମସ୍ତ ବିଭାଗ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ଆଇନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସଡ଼କ ପଥରେ ପରିବହନ ବ୍ୟବସ୍ଥା, ଜାତୀୟ ରାଜପଥ ମରାମତି, ପରିମଳ ବ୍ୟବସ୍ଥା, ସ୍ୱେରେଜ, ଅଗ୍ନିଶମ ବିଭାଗର ପ୍ରସ୍ତୁତି, ପ୍ରଦର୍ଶନୀ ଓ ସ୍ୱେଚ୍ଛାସେବୀ କାର୍ଯ୍ୟନେଇ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଭିତରେ, ବାହାରେ, ରଥ କର୍ଡନ୍, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ଭିଭିଆଇପିଙ୍କ ସୁରକ୍ଷା ସହ ସମନ୍ୱିତ ପୋଲିସ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବଡ଼ଦାଣ୍ଡ ସହ ସମ୍ପୂର୍ଣ୍ଣ ପୁରୀ ସହରରେ ସିସିଟିଭି କ୍ୟାମେରା, ତଟ ସୁରକ୍ଷା ଉପରେ ମଧ୍ୟ ପୋଲିସ ପ୍ରଶାସନ ଗୁରୁତ୍ୱ ଦେଇଛି। ତେବେ ବୈଠକରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ରଥଯାତ୍ରା ସମୟରେ ଜଣେ ବରିଷ୍ଠ ଅଧିକାରୀ ଡେପୁଟେସନରେ ଆସି ଦାୟିତ୍ୱରେ ରହିବେ। ରଥଯାତ୍ରା ବେଳେ ପ୍ରବଳ ଖରା ଓ ଗୁଳୁଗୁଳି ହେବା ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଅଂଶୁଘାତ ମୁକାବିଲା ପାଇଁ ହସ୍ପିଟାଲରେ ଶହେ ଶଯ୍ୟା ବିଶିଷ୍ଟ ବେଡ୍ ସୁବିଧା ଉପଲବ୍ଧ ହେବ। ସେହିପରି ଅସ୍ଥାୟୀ ଭାବେ ବର୍ନ ୱାର୍ଡ ମଧ୍ୟ ଖୋଲାଯିବ। ସହରର ବିଭିନ୍ନ ସ୍ଥାନରେ ୧୨୦ ଟି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଥିବାବେଳେ ଲୋକମାନେ ଯେଭଳି ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସେନେଇ ମଧ୍ୟ ୱାଟ୍‌କୋ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ରଥଯାତ୍ରାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ଗମନାଗମନ ସୁବିଧା ପାଇଁ ୧୮ଟି ପାର୍କିଂସ୍ଥଳ ଚିହ୍ନଟ କରାଯାଇଛି। ରେଳ ବିଭାଗ ପକ୍ଷରୁ ହେବାକୁ ଥିବା ଆଶ୍ରୟସ୍ଥଳୀରେ ୨୫ହଜାର ଲୋକଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ପୌରସଂସ୍ଥା ପକ୍ଷରୁ ସମୁଦାୟ ୫୨୩ ଟଏଲେଟ୍ ବ୍ୟବସ୍ଥା କରାଯାଇଛି। ଯାତ୍ରୀ ଓ ଭକ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଅପରପକ୍ଷରେ ସାରଥୀ, ପାର୍ଶ୍ୱ ଦେବଦେବୀ ଅସୁରକ୍ଷିତ ଭାବରେ ରହୁଥିବା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଇସ୍ପାତ, ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡା ଓ ଯୁବସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ,ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଜି.ମାଥିଭାଥନନ, ମାନସ ରଞ୍ଜନ ବାରିକ, ଆଡିଶନାଲ ଡିଜି ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଆର୍‌ଡିସି ସନ୍ତ ଗୋପାଳନ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ରଥଯାତ୍ରାକୁ ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଅନୁରୋଧ କରିଥିଲେ।




ରଥଯାତ୍ରା ପାଇଁ ବୁଧବାର ପୁରୀ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

# ନୟାଗଡ଼ରେ ସର୍ବାଧିକ ୧୧୦ ମି.ମି. ବର୍ଷା

ଭୁବନେଶ୍ୱର,୨୬।୬
(ଅସମାପିକା ସାହୁ)

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଯୋଗୁ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୁଧବାର ସନ୍ଧ୍ୟା ସାଢ଼େ ୬ଟା ବୁଲେଟିନ ସୂଚନାନୁସାରେ, ରାଜ୍ୟରେ ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ଟା ମଧ୍ୟରେ ନୟାଗଡ଼ରେ ସର୍ବାଧିକ ୧୧୦ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ପାରଳାଖେମୁଣ୍ଡିରେ ୬୯.୮, ନବରଙ୍ଗପୁରରେ ୨୩, ଭୁବନେଶ୍ୱରରେ ୨୧.୩, ଫୁଲବାଣୀରେ ୧୪, ଟିଟିଲାଗଡ଼ରେ ୧୫, ମାଲକାନଗିରିରେ ୧୬.୮, ଦାରିଙ୍ଗବାଡ଼ିରେ ୧୩, ଭଦ୍ରକରେ ୮.୧, ଛତ୍ରପୁରରେ ୫.୪, ରାଉରକେଲାରେ ୪.୨ ଏବଂ ବୌଦ୍ଧରେ ୪ ମି.ମି. ବର୍ଷା ରେକର୍ଡ ହୋଇଛି। ଏଥିସହିତ ଗୋପାଳପୁର, ପୁରୀ, ବାରିପଦା, କେନ୍ଦୁଝର, ସମ୍ବଲପୁର, ହୀରାକୁଦ, ଭବାନୀପାଟଣା, କୋରାପୁଟ, ସୋନପୁର, ରାୟଗଡ଼ା, ଢେଙ୍କାନାଳରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହିଭଳି ବର୍ଷା ଲାଗିରହିବ। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି।

## ୨୯ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷିବ

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ଗଜପତି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ବୌଦ୍ଧ ଓ ନୂଆପଡ଼ାରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ମାଲକାନଗିରି ଏବଂ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ୨୮ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, କନ୍ଧମାଳରେ ପ୍ରବଳ ବର୍ଷା ଏବଂ ନବରଙ୍ଗପୁର ଓ ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ୨୯ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ୨୮ତାରିଖ ପର୍ଯ୍ୟନ୍ତ ଝଡ଼ବର୍ଷା ଏବଂ ବଜ୍ରପାତ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ବଜ୍ରପାତରେ ମୃତ୍ୟୁ ଘଟଣା: ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୬(ଅନିଲ ଦାସ)

ବରଗଡ଼ ଜିଲା ପଦ୍ମପୁର ଖଲିଆପଲି ଗ୍ରାମପଞ୍ଚାୟତ ଦୁଆନଡିହି ଗାଁରେ ବଜ୍ରପାତ ଯୋଗୁ ୩ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଓ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ କମିଶନରେଟ୍ ପୋଲିସର ପ୍ରସ୍ତୁତି

ଭୁବନେଶ୍ୱର,୨୬।୬
(ସତ୍ୟଜିତ୍ ରାଉତ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁଲାଇ ୬ରୁ ୪ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ସେ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପୂର୍ବରୁ ରାଷ୍ଟ୍ରପତିଙ୍କ ସୁରକ୍ଷା ଦିଗକୁ ନେଇ କମିଶନରେଟ୍ ପୋଲିସ ପ୍ରସ୍ତୁତି ଆରମ୍ଭ କରିଛି। ଏନେଇ ପୋଲିସ କମିଶନର ସଞ୍ଜୀବ ପଣ୍ଡା ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବ୍ଲୁ ବୁକ୍ ଅନୁଯାୟୀ ରାଷ୍ଟ୍ରପତିଙ୍କ ସମସ୍ତ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ଯେଉଁ ସ୍ଥାନରେ ସର୍ବସାଧାରଣ ସଭା ରହିଛି ସେନେଇ ସମୀକ୍ଷା କରାଯାଉଛି। ରୁଟ୍ ଲାଇନ ଆଦି ପ୍ରତି ବିଶେଷ ଧ୍ୟାନ ଦିଆଯିବ। ସେହି ସମୟରେ ରଥଯାତ୍ରା ଥିବାରୁ ଫୋର୍ସ ମୁତୟନ କରିବା ଆମ ପାଇଁ ଚ୍ୟାଲେଞ୍ଜ ରହିବ। ସୁରକ୍ଷା ଦିଗକୁ ନେଇ ଅଫିସରଙ୍କ ସହ ଆଲୋଚନା କରି ବ୍ଲୁ ପ୍ରିଣ୍ଟ ତିଆରି କରୁଛୁ। ଟ୍ରାଫିକ୍, ରୁଟ୍ ଲାଇନିଂ ଏବଂ ରାସ୍ତାର ସାନିଟାଇଜେଶନ୍ ଆଦି ଆମ ପାଇଁ ସବୁଠୁ ଚ୍ୟାଲେଞ୍ଜ ରହିବ ବୋଲି କମିଶନର ପ୍ରକାଶ କରିଛନ୍ତି।




ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା



# ମୁଦ୍ରାରେ ବିଶ୍ୱାସ



ଦେବଦତ୍ତ ପଟ୍ଟନାୟକ

ଭାରତରେ ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ହୋଇଥିଲା। ଏହା ଆମ ସମ୍ମୁଖରେ ବ୍ୟବସ୍ଥା ବା ସରକାରଙ୍କ ଶକ୍ତିକୁ ପ୍ରକାଶ କରିଥିଲା। ଦେଖିବାକୁ ଗଲେ କେଉଁ କାଗଜ ଖଣ୍ଡିକ ଟଙ୍କା ଓ କେଉଁଟି ନୁହେଁ, ତାହା ସରକାର ଆମକୁ କହିଛନ୍ତି। ମଣିଷ ଭାବରେ ଆମେ ଯେକୌଣସି ଜିନିଷକୁ ଅର୍ଥରେ (ମୁଦ୍ରା ଆକାରରେ) ପରିଣତ କରିପାରିବା ଏବଂ ଏହାକୁ ବାଣିଜ୍ୟ ପାଇଁ ବ୍ୟବହାର କରିପାରିବା। ପୁରୁଣା କାଳରେ ଲୋକମାନେ କଉଡ଼ିଠାରୁ ଆରମ୍ଭ କରି କଫି ମଞ୍ଜି ଓ ଧାତୁ ଟୁକୁଡା ପର୍ଯ୍ୟନ୍ତ ସବୁକିଛି ମୁଦ୍ରା ଭାବେ ବ୍ୟବହାର କରିଛନ୍ତି। ଏହା ସବୁ ବାସ୍ତବରେ ବିଶ୍ୱାସ ବିଷୟ। ଜଣେ କ୍ରେତାଙ୍କୁ ବିକ୍ରେତା ଦେଉଥିବା ଟୋକନ (କାଗଜ ବା ଧାତୁ ଟୁକୁଡ଼ା)ର ମୂଲ୍ୟ ଉପରେ ସେ ବିଶ୍ୱାସ କରନ୍ତି କି? ହଁ, ସେ ବିଶ୍ୱାସ ଥିଲା। ହେଲେ ସାମ୍ପ୍ରତିକ ସମୟରେ ଟଙ୍କା ଭାବେ ସ୍କ୍ରିନ ଉପରେ ଦୃଶ୍ୟମାନ ଏକ ସଂଖ୍ୟାକୁ ଆମେ ବିଶ୍ୱାସ କରୁ। ଏହି ସଂଖ୍ୟା ମୁଦ୍ରାର ମୂଲ୍ୟକୁ ସୂଚିତ କରେ। ଟେକ୍ନୋଲୋଜି ଉପରେ ଆମେ କେତେ ବିଶ୍ୱାସ କରୁ ତାହା ଏଥିରୁ ବୁଝାପଡ଼େ।

ଏକଦା କଉଡ଼ି(ମାଳଦ୍ୱୀପରୁ)କୁ ମୁଦ୍ରା ଭାବେ ବିଶ୍ୱାସ କରାଯାଉଥିଲା, ଯାହାକୁ 'ଫୁଟି କଉଡ଼ି' ଭାବେ ସୂଚିତ କରାଯାଇଥାଏ। ପୁରାତନ କାଳରେ ଚାରିଟି ଭଙ୍ଗା କଉଡ଼ିରୁ ଏକ ମୂଲ୍ୟର କଉଡ଼ି ହେଉଥିଲା। ଗୋଟିଏ ସମୟରେ ମହିଳାମାନେ କଉଡ଼ି ହାର ପିନ୍ଧୁଥିଲେ। ସେମାନଙ୍କ ପାଖରେ ଥିବା ଧନ ପ୍ରଦର୍ଶନ କରିବା ଲାଗି ସେମାନେ ଏହା କରୁଥିଲେ। ତା'ପରେ ସେମାନେ ସୁନା ମୁଦ୍ରାରେ ତିଆରି ହାର ପିନ୍ଧିଲେ। କିନ୍ତୁ ଆମେ ଏବେ ଡିଜିଟାଲ ମୁଦ୍ରା ପିନ୍ଧିପାରିବୁ ନାହିଁ। ତେଣୁ ଆମେ ବ୍ରାଣ୍ଡେଡ୍ ବା ମାର୍କାଦିଆ ପୋଷାକ ପିନ୍ଧି ଆମର ଧନ ଏବଂ ସାମାଜିକ ସ୍ଥିତିକୁ ପ୍ରଦର୍ଶନ କରୁଛୁ, ଯାହାର ମୂଲ୍ୟ ବିଜ୍ଞାପନ ଏବଂ ସ୍ନୋବେରି ମାଧ୍ୟମରେ ପ୍ରଚାର ହୋଇଥାଏ। ଧନ ଓ ସ୍ଥିତିକୁ ଦେଖାଇବା ଲାଗି ଏକ ଦାମୀ ଜୋତା, ଫୋନ କିମ୍ବା ବ୍ୟାଗ ଯାହା କରୁଛି ତାହା ଆଜକୁ ଦୁଇ ହଜାର ବର୍ଷ ପୂର୍ବେ ବିରଳ ରତ୍ନ ଏବଂ ପଥର କରୁଥିଲେ।

ସ୍ୱଚ୍ଛ ପ୍ରତୀକ ଥିବା ମୁଦ୍ରା ପ୍ରାୟ ୨୫୦୦ ବର୍ଷ ପୂର୍ବେ ଏକ ସମୟରେ ଗ୍ରୀସ୍, ଭାରତ ଏବଂ ଚାଇନାରେ ଦେଖାଦେଇଥିଲା। ଭାରତରେ ବିଶେଷକରି ଗାଙ୍ଗେୟ ଉପତ୍ୟକାର



ବ୍ୟବସାୟୀମାନେ ଏହାକୁ ଅଧିକ ବ୍ୟବହାର କରୁଥିଲେ। ଏହାକୁ କର୍‌ଶପାନ ବା କୋଶା (କୋଷାଗାର) କୁହାଯାଉଥିଲା। ଏହି ଶବ୍ଦରୁ ଇଂଲିଶ ଶବ୍ଦ 'କ୍ୟାଶ' ସୃଷ୍ଟି ହୋଇଛି। ଚାଇନାରେ ଏହାକୁ ଟିକସୀକରଣ ଭାବେ ବିଚାର କରିବାକୁ ହେଉଥିବାବେଳେ ଗ୍ରୀସ୍‌ରେ ଏହା ସାମାଜିକ ଗତିଶୀଳତା ସହିତ ଜଡିତ ଥିଲା। ଏଥିରୁ ବୁଝାପଡୁଛି ଯେ ନିଯୁକ୍ତପ୍ରାପ୍ତ ଲୋକମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଋଣରେ ବାନ୍ଧି ହୋଇ ନ ଥିଲେ।

ଇଣ୍ଡୋ-ଗ୍ରୀକ୍ ରାଜା, କୁଶାଣ ରାଜା, ଗୁପ୍ତ ସାମ୍ରାଜ୍ୟ ଦ୍ୱାରା ମୁଦ୍ରା ଛପା ଯାଇଥିଲା। ସେମାନେ ଗାଙ୍ଗେୟ ସମତଳ ଅଞ୍ଚଳରୁ ହିନ୍ଦୁକୁଶ ବାଟ ଦେଇ ପାରସ୍ୟ, ଇଜିପ୍ଟ ଏବଂ ଭୂମଧ୍ୟସାଗର ପର୍ଯ୍ୟନ୍ତ ଦୂର ଦୂରାନ୍ତରେ ବାଣିଜ୍ୟକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ। ସେମାନଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରାଗୁଡ଼ିକ ଉପରେ ପ୍ରତୀକଗୁଡ଼ିକ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ମୁଖ୍ୟତଃ ମୁଦ୍ରାଗୁଡ଼ିକ ଉପରେ ରାଜାମାନଙ୍କର ଛବି, ସ୍ଥାନୀୟ ଦେବତାମାନଙ୍କର ଚିତ୍ର ଏବଂ ସମାନ ଭାବାପନ୍ନ ଗୋଷ୍ଠୀ ବା ସଂଗଠନର ଚିତ୍ର ରହୁଥିଲା। ଭାରତ ମଧ୍ୟ ଏହି ମୁଦ୍ରା ଦ୍ୱାରା ଦୂରଦୂରାନ୍ତରେ ନିଜର ବ୍ୟବସାୟ ମଜଭୁତ କରିପାରିଥିଲା। ତେବେ ପ୍ରାୟ ୫୦୦ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଭାରତରେ ଦୂର ଦୂରାନ୍ତର ଏହି ବାଣିଜ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲା, ସେତେବେଳେ ମୁଦ୍ରାର ଲୋକପ୍ରିୟତା ମଧ୍ୟ ସେହି ଅନୁପାତରେ ହ୍ରାସ ପାଇଥିଲା। ସେହି ସମୟରେ ସ୍ଥାନୀୟ ଏବଂ କମ୍ ଦୂରରେ ଥିବା ଅଞ୍ଚଳରେ ବାଣିଜ୍ୟ ପାଇଁ କାହାକୁ ରାଜକୀୟ ମୁଦ୍ରା ଦରକାର ନ ଥିଲା। ଉତ୍ତର ପଶ୍ଚିମ ଭାରତରେ ପ୍ରତିହାରଙ୍କ ମଧ୍ୟରେ ମୁଦ୍ରାଗୁଡ଼ିକ ଜାରି ରହିଥିବାବେଳେ ପଲା ଏବଂ ରାଷ୍ଟ୍ରକୁଟ ଅଞ୍ଚଳରେ ତାହା ସେତେ ଲୋକପ୍ରିୟ ବା ପ୍ରଚଳିତ ନ ଥିଲା। ଏହି ଦୁଇ ଅଞ୍ଚଳରେ ବ୍ୟବସାୟିକ ଆୟ ବ୍ୟୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଲାଗି କଉଡ଼ି ଏବଂ ଧାତୁଖଣ୍ଡକୁ ମୁଦ୍ରା ଭାବେ ପ୍ରଚଳନ କରାଯାଉଥିଲା।

ସମୟକ୍ରମେ ଭାରତରେ ମୋଗଲ ସାମ୍ରାଜ୍ୟର ଉତ୍ଥାନ ଘଟିଲା ଓ ସେହି ସମୟରେ ପୁନର୍ବାର ମୁଦ୍ରା ପ୍ରଚଳନ ଆରମ୍ଭ ହୋଇଗଲା ଓ ଏହାର ବ୍ୟବହାର ମଧ୍ୟ ବଢ଼ିଲା। ସମସ୍ତ ମୋଗଲ ସାମ୍ରାଜ୍ୟର ପ୍ରତ୍ୟେକ ସୁଲତାନ ମୁଦ୍ରା ଛାପିବା ଆବଶ୍ୟକ କଲେ। ହେଲେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଜଟିଳ ଥିଲା। ସେତେବେଳେ ମୁଦ୍ରାରେ ରାଜାଙ୍କ ନାମ ଦୃଶ୍ୟମାନ ହେବା ମୁଖ୍ୟ ବିଷୟ ଥିଲା। ଇସ୍‌ଲାମରେ ଛବି ବ୍ୟବହାରକୁ ନିଷେଧ କରାଯାଇଥିବାରୁ ସେ ପୂର୍ବ ରାଜାମାନଙ୍କ ପରି ସେମାନଙ୍କ ମୁହଁର ଛବି ବ୍ୟବହାର କରି ନ ଥିଲେ। କିନ୍ତୁ ସ୍ଥାନୀୟ ଭାରତୀୟମାନେ ଲିପି ପଢ଼ିବା ଜାଣି ନ ଥିଲେ। ସେଥିପାଇଁ ସେମାନେ ନାମ ବ୍ୟବହାର କରୁ ନ ଥିଲେ। ଗୋଟିଏ ମୁଦ୍ରା ଉପରେ ବିଶ୍ୱାସ କରିବା ପାଇଁ ସେମାନେ ହିନ୍ଦୁ ଦେବତାମାନଙ୍କର ପ୍ରତୀକ ଆବଶ୍ୟକ କରୁଥିଲେ। ତେଣୁ ପ୍ରଥମ ମୁସଲମାନ ରାଜାମାନେ ଆରବୀୟ ଲିପି ସହିତ ହିନ୍ଦୁ ଦେବତାମାନଙ୍କର ଛବି ବ୍ୟବହାର କରିଥିଲେ। ଏହା ଏକ ଯଥାର୍ଥବାଦୀ ଦୃଷ୍ଟିକୋଣ। ବଜାରରେ କିଣାବିକାର ବିଶ୍ୱାସ ହାସଲ କରିବା ଲାଗି ପୁରୁଣା ଇସ୍‌ଲାମିକ ମୁଦ୍ରାଗୁଡ଼ିକରେ ନନ୍ଦୀ ଏବଂ ଲକ୍ଷ୍ମୀଙ୍କ ଛବି ଦେଖିବାକୁ ମିଳେ। ଇସ୍‌ଲାମିକ ସାମ୍ରାଜ୍ୟଗୁଡ଼ିକ ଅଧିକରୁ ଅଧିକ ଶକ୍ତିଶାଳୀ ହେବା ଯୋଗୁ ଏହି ପରମ୍ପରା ବନ୍ଦ ହୋଇଗଲା। ଖିଲଜୀଙ୍କ ଟାଙ୍କା ମୁଦ୍ରାରେ କୌଣସି ଛବି ବା ପ୍ରତୀକ ଦେଖାଯାଏ ନାହିଁ। ସେଥିରେ କେବଳ ଲିପି ଦେଖାଯାଏ। କିନ୍ତୁ ସମଗ୍ର ମୋଗଲ ଯୁଗରେ ବିଷୟଗୁଡ଼ିକ ବଦଳିଗଲା।

ଆକବର ଏବଂ ଜାହାଙ୍ଗୀର ପରି ମହାନ୍ ମୋଗଲ ସମ୍ରାଟମାନେ ସ୍ଥାନୀୟ ଜନସାଧାରଣଙ୍କ ସହ ମିଶି ଏକ ଇଣ୍ଡୋ-ଇସ୍‌ଲାମିକ ସଂସ୍କୃତି ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଥିଲେ। ସେମାନେ ନିଜ ମୁଦ୍ରାରେ ସ୍ଥାନୀୟ ପ୍ରତୀକ ବ୍ୟବହାର କରିବାକୁ ଚାହୁଁଥିଲେ। ତେଣୁ ଆମେ ଜାଣୁ ଯେ ଆକବର ଏଥିରେ ରାମଙ୍କ ପ୍ରତିମୂର୍ତ୍ତି ଥିବା ମୁଦ୍ରା ତିଆରି କରିଥିଲେ। ଜାହାଙ୍ଗୀର ଏହି ରାଶିର ବିଭିନ୍ନ ଚିତ୍ର ଏବଂ ଏପରିକି ନିଜର ପ୍ରତିଛବି ବ୍ୟବହାର କରିଥିଲେ। ଏହି ଜାହାଙ୍ଗୀର ମୁଦ୍ରା ବ୍ୟବହାର ରୂଢ଼ିବାଦୀ ଇସ୍‌ଲାମିକ ଗୋଷ୍ଠୀକୁ ଅଧିକ ଭୟଭୀତ କରିଥିଲା। ସ୍ୱାଭାବିକ ଭାବରେ ରୂଢ଼ିବାଦୀ ଇସ୍‌ଲାମିକ ଗୋଷ୍ଠୀଙ୍କ ସାହାଯ୍ୟରେ ଯେତେବେଳେ ଶାହାଜାହାନ ଏବଂ ଔରଙ୍ଗଜେବ ସିଂହାସନ ଆରୋହଣ କଲେ ସେତେବେଳେ ଏହି ପରମ୍ପରା ବନ୍ଦ ହୋଇଗଲା।

-devduttofficial@gmail.com

# ପେଡିଆଟ୍ରିକ ହାଇପରଟେନ୍‌ସନ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପିଲାମାନଙ୍କଠାରେ ଘଟୁଥିବା ହାଇପରଟେନ୍‌ସନକୁ ପେଡିଆଟ୍ରିକ ହାଇପରଟେନ୍‌ସନ କୁହାଯାଏ। ଏହା ସାଧାରଣତଃ ୧୨ ବର୍ଷରୁ ୧୯ବର୍ଷ ପିଲାମାନଙ୍କଠାରେ ଦେଖାଯାଏ। ପିଲାମାନଙ୍କର ହାଇପରଟେନ୍‌ସନ ବୟସ ଜାତି, ରଙ୍ଗ, ଜିନ, ରୂପ ଏବଂ ଶାରୀରିକ ଗଠନ ଉପରେ ନିର୍ଭର କରେ। ଏହା ପିଲାମାନଙ୍କର ଜୀବନଶୈଳୀ, ଖାଦ୍ୟ, ପରିବାର ଏବଂ ସାମାଜିକ ପରିବେଶ ଉପରେ ନିର୍ଭର କରିପାରେ। ଏଥିସହିତ ମୋଟାପଣରେ ପୀଡ଼ିତ ପିଲାମାନଙ୍କଠାରେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ଦୁଇ ପ୍ରକାରର ପେଡିଆଟ୍ରିକ ହାଇପରଟେନ୍‌ସନ ରହିଛି।

ପିଲାମାନଙ୍କ ପେଡିଆଟ୍ରିକ ହାଇପରଟେନ୍‌ସନ ରୋଗ ସମ୍ବନ୍ଧରେ ଆଲୋଚନା କଲାବେଳେ ଆସନ୍ତୁ ସେମାନଙ୍କର ହୃଦ୍‌ରୋଗ ଏବଂ ହୃଦ୍‌ଜନିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟବସ୍ଥା ସମ୍ପର୍କରେ ଜାଣିବା। ହୃତ୍‌ପିଣ୍ଡ ସାଧାରଣତଃ ବାମପାଖ ଛାତି ପିଞ୍ଜରାହାଡ଼ ତଳେ ଅବସ୍ଥିତ। ସମୟ ସମୟରେ ଏହା ଡାହାଣ ପାଖ ପିଞ୍ଜରା ହାଡ଼ ତଳେ ରହିପାରେ। ସେତେବେଳେ ଏହାକୁ 'ଡେକସଟ୍ରୋକାଡ଼ିଆ' କୁହାଯାଏ। ମାଆର ଗର୍ଭାଶୟରେ ଥିବା ଶିଶୁର ବୟସ ୮ ସପ୍ତାହ ବେଳକୁ ହୃତପଣ୍ଡର ପୂର୍ଣ୍ଣ ବିକାଶ ହୋଇଥାଏ। ଗର୍ଭାବସ୍ଥାର ୮ ସପ୍ତାହ ମଧ୍ୟରେ ମାଆ ଯଦି କୌଣସି ଔଷଧ ସେବନ କରିଥାଏ କିମ୍ବା ଭୂତାଣୁ ଦ୍ୱାରା ରୋଗାକ୍ରାନ୍ତ ହୋଇଥାଏ କିମ୍ବା ଏକ୍ସ-ରେ ସଂସ୍ପର୍ଶରେ ଆସିଥାଏ, ତେବେ ହୃତ୍‌ପିଣ୍ଡ ତିଆରି ହେବାରେ ତ୍ରୁଟି ଦେଖା ଦେଇପାରେ।

ହୃତ୍‌ପିଣ୍ଡ ଉପରିଭାଗରେ ଯୋଡ଼ିଏ କୋଠରି ଥାଏ, ଯାହାକୁ ବାମ ଏବଂ ଡାହାଣ ଅଳିନ୍ଦ କୁହାଯାଏ। ନିମ୍ନଭାଗରେ ଯୋଡ଼ିଏ କୋଠରି ଥାଏ, ଯାହାକୁ ଆମେ ବାମ ଏବଂ ଡାହାଣ ନିଳୟ କହୁ। ଶରୀରର ସମସ୍ତ ଅପରିଷ୍କାର ରକ୍ତ ସୁପେରିଅର ଏବଂ ଇନଫେରିଅର ଭେନାକାଭା ସାହାଯ୍ୟରେ ଆସି ଡାହାଣ ପାଖ ଅଳିନ୍ଦରେ ପହଞ୍ଚିଥାଏ। ତା'ପରେ ଏହି ରକ୍ତ ଡାହାଣ ନିଳୟକୁ ଯାଏ। ଏଠାରୁ ରକ୍ତ ପଲମୋନାରି ଧମନୀ ସାହାଯ୍ୟରେ ଫୁସଫୁସକୁ ବିଶୁଦ୍ଧ ହେବାକୁ ଯାଏ। ଫୁସଫୁସରେ ରକ୍ତ ଅକ୍ସିଜେନେଟେଡ ହେବାପରେ ପାଲମୋନାରି ଶିରା ଦ୍ୱାରା ବାମ ଅଳିନ୍ଦକୁ ଆସେ। ଏଠାରୁ ପୁଣି ବାମ ନିଳୟକୁ ଆସି ଏଇ ଅତଟା ସାହାଯ୍ୟରେ ବିଭିନ୍ନ ଶୀରାପ୍ରଶିରାକୁ ପମ୍ପ ହୋଇଥାଏ।

ଏହି ସମସ୍ୟା ଦୁଇ ପ୍ରକାରର। ପ୍ରାଇମେରୀ, ଯାହା ମୁଖ୍ୟତଃ ମେଦବହୁଳତା, ପାରିବାରିକ ଇତିହାସ, ଜିନ୍, ଗର୍ଭାବସ୍ଥାରେ ଧୂମପାନ ହେତୁ ଜନ୍ମ ହୋଇଥିବା ପିଲାମାନଙ୍କର ହୋଇଥାଏ। ସେହିପରି ଦ୍ୱିତୀୟଟି ହେଉଛି ସେକୋଣ୍ଡାରୀ, ଯେଉଁଥିରେ ଶୋଇବା ସମ୍ବନ୍ଧୀୟ ସମସ୍ୟା, କୁସିଂ ସିଣ୍ଡ୍ରୋମ, କିଡ୍‌ନୀ କିମ୍ବା ହାଇପରଥାଇଏଡିଜିମ ଆଦି ହୋଇଥାଏ। ଏହାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଉଛି ପିଲାଟିର ଛାତି ଅସ୍ୱାଭାବିକ ଭାବେ ଧଡ଼ ଧଡ଼ ହେବା, ଛାତି ଯନ୍ତ୍ରଣା ହେବା, ଲଗାତର ମୁଣ୍ଡ ବିନ୍ଧା ଯନ୍ତ୍ରଣା ରହିବା, ଖାଦ୍ୟ ଅରୁଚି ଲାଗିବା, ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, ଆଖିକୁ ଠିକ ଭାବେ ଦେଖା ନ ଯିବା ପ୍ରମୁଖ। କେତେକ କ୍ଷେତ୍ରରେ ପିଲାଟି ଅସ୍ତବ୍ୟସ୍ତ ହୋଇପଡ଼ି ତାହା ରୁଟିନ ବନ୍ଧା ସର୍ବନିମ୍ନ କାର୍ଯ୍ୟକ୍ରମ କିଛି କରିବାକୁ ସକ୍ଷମ ହୋଇନଥାଏ। ତେବେ ଏହି ସମସ୍ୟାରୁ କିପରି ପିଲାଟି ଉପଶମ ପାଇବ ସେ ସମ୍ବନ୍ଧରେ ଜାଣନ୍ତୁ। ପିଲାର ସୁସ୍ଥ ଜୀବନଶୈଳୀ ଓ ଖାଦ୍ୟପେୟ ଉପରେ ଧ୍ୟାନଦେବା ଜରୁରୀ। ଖାଦ୍ୟରେ ସୋଡିୟମର ମାତ୍ରା ସୀମିତ ରଖନ୍ତୁ। ଫାଷ୍ଟଫୁଡ଼ ପିଲାଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ପିଲାକୁ ନିୟମିତ ଭାବେ ଫ୍ରିଜ ଖାଦ୍ୟ, ଥଣ୍ଡା ପାଣି, ବାସି ଖାଦ୍ୟ ପିଲାଟିକୁ ଦିଅନ୍ତୁ ନାହିଁ। ଆମିଷ ଦିଅନ୍ତୁ ନାହିଁ କିମ୍ବା ଫାଷ୍ଟଫୁଡ ନ ଦେବା ସବୁଠାରୁ ଭଲ। ପିଲାଟି ବିଶ୍ରାମ ନେଉଥିବା କୋଠରିରେ ଯେପରି ଉତ୍ତମ ବାୟୁ ଚଳାଚଳ କରୁଥାଏ ସେ ଦିଗଟିକୁ ଦେଖନ୍ତୁ। ପିଲାର ପିନ୍ଧା ବସ୍ତ୍ର ଯେପରି ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହେ ତାକୁ ଗୁରୁତ୍ୱ ଦିଅନ୍ତୁ। ଏବେ ବର୍ଷାଦିନ ଆସିଯାଇଥିବାରୁ ପିଲାଟି ଯେପରି ବର୍ଷାରେ ଅତ୍ୟଧିକ ଭାବେ ତିନ୍ତି ନ ଯାଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ କାରଣ ଏହା ହାଇପରଟେନ୍‌ସନ ସମସ୍ୟା ସହ ପିଲାଟିର ଶରୀରରେ ଉତ୍ତାପ ବଢ଼ାଇବା ସହ ଜ୍ୱରର କାରଣ ମଧ୍ୟ ହୋଇଥାଏ। ଦୈନିକ ଏକ୍ସରସାଇଜ ଓ ଯୋଗ କରାନ୍ତୁ। ବୟସ ଅନୁସାରେ ପିଲାର ଓଜନ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଜ୍ଞାତବ୍ୟ କଥା ହେଉଛି କୌଣସି ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ସରକାରୀ ସ୍ତରରେ ମେଡିକାଲ ଯାଇ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ କରିବା ନିହାତି ଜରୁରୀ।

ମୋ: ୯୪୩୭୧୨୪୦୭୪

## ଏଇ ଭାରତରେ

ସେନା ଓ ପୋଲିସ ବାହିନୀରେ କୁକୁରଙ୍କୁ ଏବେ ଅଧିକ ସଂଖ୍ୟାରେ ସାମିଲ କରାଯାଉଛି। ଏହାର କାରଣ ହେଉଛି ସେମାନେ ତୀବ୍ର ଆଘ୍ରାଣ ଶକ୍ତି ବିସ୍ଫୋରକ କିମ୍ବା ଶତ୍ରୁକୁ ସହଜରେ ସନ୍ଧାନ କରିପାରୁଛନ୍ତି। ଏଭଳି ଏକ କୁକୁର ହେଉଛି ତାରା। ତେଲଙ୍ଗାନା ଆଦିଲାବାଦ ଜିଲା ପୋଲିସରେ ସେ କାର୍ଯ୍ୟରତ ଥିଲା। ସେ ବିସ୍ଫୋରକ ସନ୍ଧାନ କରିବାରେ ପୂରା ଦକ୍ଷ ଥିଲା ଓ ଏହା ତାକୁ ନିଆରା ପରିଚୟ ଦେଇଥିଲା। ପୋଲିସରେ ୧୧ ବର୍ଷ କାମ କରିବା ପରେ ଅବସର ନେଇଛି ତାରା। ଅବସରକାଳୀନ ଉତ୍ସବ ମଧ୍ୟ ନିଆରା ଢଙ୍ଗରେ ପାଳନ କରାଯାଇଛି। ପୋଲିସ ଅଧୀକ୍ଷକ ଗୌଶ ଆଲାମ୍ ତାକୁ ଫୁଲମାଳ ପିନ୍ଧାଇ ଶାଲ୍ ଦେଇଛନ୍ତି। ଏହି ସମୟରେ ଅନ୍ୟ ପୋଲିସ ତାରାର ଜୟଜୟକାର କରୁଥିଲେ। କେବଳ ଏତିକି ନୁହେଁ ଆୟୋଜିତ ଉତ୍ସବର କ୍ୟାପ୍‌ଶନରେ ତାରାର କ୍ୟାରିୟର ବିଷୟରେ ଲେଖାଯାଇଛି। ତାହାର ଜନ୍ମ ୨୨ ଜାନୁଆରୀ ୨୦୧୩ରେ। ପ୍ରଥମେ ମୋଇନବାଦର ଇଣ୍ଟିଗ୍ରେଟେଡ ଇଣ୍ଟେଲିଜେନ୍ସ ଟ୍ରେନିଂ ଏକାଡେମୀରେ ସେ ଯୋଗ ଦେଇଥିଲା। ପରେ ଆଦିଲାବାଦ ଫୋର୍ସରେ ଯୋଗ ଦେଇ କାମ କରୁଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୨୭ ଜୁନ୍ ୧୯୭୫**

- ଇରାନ ଭାରତରୁ ୨୦ କୋଟି ୧୦ ଲକ୍ଷ ଟନ ଲୁହାପଥର କିଣିବା ନେଇ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଦେଶରେ ଘୋର ଅରାଜକତା ସୃଷ୍ଟିର ଚକ୍ରାନ୍ତ ଯୋଗୁ ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା ଲାଗି ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ।
- ତିନିଶହ ବର୍ଷ ବ୍ୟାପୀ ବିଦେଶୀ ଶାସନର ଅବସାନ ଘଟାଇ ମୋଜାମ୍ବିକ୍ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 6 | 4 | | | | | |
| | | 2 | | | 1 | | | |
| | | | | | | 5 | 7 | |
| | 4 | | 3 | | 9 | | | 2 |
| | | 3 | | 8 | 4 | | | |
| | | 9 | | | | | | |
| 8 | | | | 2 | | | | 7 |
| 5 | | | 8 | | | | 6 | |
| | 6 | | 7 | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 3 | 6 | 9 | 1 | 7 | 8 | 5 |
| 6 | 8 | 7 | 3 | 5 | 2 | 4 | 1 | 9 |
| 9 | 5 | 1 | 8 | 4 | 7 | 6 | 3 | 2 |
| 7 | 9 | 2 | 1 | 8 | 5 | 3 | 6 | 4 |
| 8 | 6 | 4 | 2 | 3 | 9 | 5 | 7 | 1 |
| 1 | 3 | 5 | 7 | 6 | 4 | 2 | 9 | 8 |
| 4 | 1 | 6 | 9 | 2 | 3 | 8 | 5 | 7 |
| 3 | 2 | 9 | 5 | 7 | 8 | 1 | 4 | 6 |
| 5 | 7 | 8 | 4 | 1 | 6 | 9 | 2 | 3 |

ଗତକାଲିର ଉତ୍ତର

# ଲାଇବ୍ରେରି ବନାମ ଇ-ଲାଇବ୍ରେରି




ଅକ୍ଷୟ କୁମାର ମିଶ୍ର

ଜଗତ ପରିବର୍ତ୍ତନଶୀଳ, କିଛି କୃତ୍ରିମ କିଛି ପ୍ରାକୃତିକ। ଯେଉଁସବୁ ପରିବର୍ତ୍ତନର ବାହକ ମଣିଷ ସେସବୁକୁ ଅନ୍ଧ ଭାବରେ ଗ୍ରହଣ କରିନେବା ବୁଦ୍ଧିମାନ୍‌ର ପରିଚୟ ନୁହେଁ। ଯେଉଁସବୁ ପରିବର୍ତ୍ତନ ସମାଜ, ସଭ୍ୟତା ଓ ସଂସ୍କୃତି ପାଇଁ ବିପଦ ସୃଷ୍ଟି କରିଥାଏ, ସେସବୁ ପ୍ରତି କେବଳ ସତର୍କ ରହିଲେ ହେବନାହିଁ ସେଗୁଡ଼ିକୁ କେମିତି ରୋକାଯାଇପାରିବ ସେ ଦିଗରେ ଯତ୍ନବାନ୍ ହେବା ଜରୁରୀ। ନିଜ ବିଦ୍ୟା, ବୁଦ୍ଧି ଓ ବିବେକ ଖଟାଇ ଗ୍ରହଣ ଅଥବା ବର୍ଜନ କରିବା ଉଚିତ।

''ଏହା ବିଜ୍ଞାନର ଯୁଗ, ସବୁକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆଖିବୁଜି ଗ୍ରହଣ କରିନେବାକୁ ପଡ଼ିବ, ନଚେତ୍ ମଣିଷ ପଛରେ ପଡ଼ିଯିବ'' ଏମିତି କଥା ଆମେ କହିଥାଉ। ଉଚିତ ଅନୁଚିତ, ଉପକାରିତା ଅପକାରିତା ଦିଗଗୁଡ଼ିକ ପ୍ରତି ଆଦୌ ସଚେତନ ହେଉନା। ଫଳରେ ଆମ ଅଗୋଚରରେ ଏବଂ ଅଜାଣତରେ ଆମର ଏବଂ ଆମ ଭବିଷ୍ୟତ ପିଢ଼ିର କ୍ଷତି ହୋଇଚାଲେ। ସାଧାରଣତଃ ପାଶ୍ଚାତ୍ୟ ସଭ୍ୟତାରେ ଆମେ ଉଚ୍ଚ ପ୍ରଶଂସକ। ସେ ଦେଶଗୁଡ଼ିକରେ ଯାହା ହେଲା ତାକୁ ଆମ ଦେଶରେ ପ୍ରୟୋଗ ନ କରିବା ଯାଏ ଆମ ଆଖିକୁ ନିଦ ଆସେନା। ଥରୁଟିଏ ବିଚାରବିମର୍ଶ କରୁନା ସେ ଦେଶଗୁଡ଼ିକ ଆମଠାରୁ କେତେ ଉନ୍ନତ। ସେଠାକାର ପରିବେଶ ଆମ ପରିବେଶ ମଧ୍ୟରେ କ'ଣ ସବୁ ପାର୍ଥକ୍ୟ ଅଛି। ଯେମିତି ଡିଜିଟାଲାଇଜେଶନ ବର୍ତ୍ତମାନ ସମୟର ଏକ ଆହ୍ୱାନ, ଏହା ଅପରିହାର୍ଯ୍ୟ। ଏହା ବ୍ୟତିରେକେ ବିକାଶ ବିପନ୍ନ ହେବା ସ୍ୱାଭାବିକ। ଏହାର ଅର୍ଥ ନୁହେଁ ସବୁକ୍ଷେତ୍ରରେ ଡିଜିଟାଲ୍‌କୁ ଆପଣେଇନେବା। ଏଇ ଧରନ୍ତୁ ପୁସ୍ତକ ଓ ପଠନ।

ଡିଜିଟାଲ୍ ଯୁଗରେ ପୁସ୍ତକ ଓ ପଠନ ଉଭୟର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଲାଇବ୍ରେରିକୁ ଇ-ଲାଇବ୍ରେରିରେ ରୂପାନ୍ତରିତ କରିବା ପାଇଁ ତତ୍ପରତା ଦେଖିବାକୁ ମିଳିଲାଣି। ସତରେ କ'ଣ କମ୍ପ୍ୟୁଟର କିମ୍ବା ମୋବାଇଲ୍ ଅଥବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ୍ସ ପୁସ୍ତକର ବିକଳ୍ପ ହୋଇପାରିବ? ହଁ, ଏହା ସତ୍ୟ ଯେ ସବୁ ଲେଖକଙ୍କ ସମସ୍ତ ପୁସ୍ତକକୁ ଗୋଟିଏ ପାଠାଗାରରେ ସ୍ଥାନିତ କରିବା ସମ୍ଭବ ନୁହେଁ। ଅପରପକ୍ଷରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଅବଲମ୍ବନକରି କୌଣସି ପାଠାଗାରକୁ ନ ଯାଇ ଆମେ ଯେକୌଣସି ପୁସ୍ତକକୁ ମୋବାଇଲରେ ଡାଉନଲୋଡ୍ କରିପାରିବା। କିନ୍ତୁ ମୋବାଇଲରେ ଏହି ପୁସ୍ତକଟିକୁ ଆମୂଳଚୂଳ ପଢ଼ିବା କ'ଣ ସମ୍ଭବ? ଏହାସତ୍ତ୍ୱେ ଇ-ପାଠାଗାର ଉପରେ ଗୁରୁତ୍ୱ ଅଧିକ ଦିଆଯାଉଛି। ଲେଖକ ଓ ପ୍ରକାଶକମାନେ ମଧ୍ୟ ପଛୁଆହେବାକୁ ଚାହାନ୍ତି ନାହିଁ। ସେମାନେ ମଧ୍ୟ ତତ୍ପର ନିଜ ପୁସ୍ତକଟିକୁ ଡିଜିଟାଲାଇଜ୍‌ଡ କରି ଇ-ମାର୍କେଟରେ ସାମିଲ ହେବାକୁ। ଏପରିକି ଦୈନିକ ଖବରକାଗଜ ଏବେ ଇ-ନ୍ୟୁଜ୍‌ପେପର ନାମରେ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ। ମାସିକ ପତ୍ରିକା ସବୁ ଇ-ମାଗାଜିନ୍ ରୂପରେ ମିଳୁଛି। ଫଳରେ ନେଟ୍ ବାବଦକୁ ସାମାନ୍ୟ ଅର୍ଥ ବ୍ୟୟକରି ଲୋକେ ଓଡ଼ିଆ, ହିନ୍ଦୀ, ଇଂଲିଶ ତଥା ଅନ୍ୟ ଭାଷାର ସମସ୍ତ ଦୈନିକ ଖବରକାଗଜ ପାଉଛନ୍ତି। ମନ ଚାହିଁଲେ ଯେକୌଣସି ମାସିକ ପତ୍ରିକାକୁ ଡାଉନଲୋଡ୍ କରି ପଢ଼ିହେଉଛି। ହକରକୁ ଅପେକ୍ଷା କରିବାକୁ ପଡୁନି। ବହି ଦୋକାନ ପର୍ଯ୍ୟନ୍ତ ଯିବାର ଆବଶ୍ୟକତା ନାହିଁ। ଗଳ୍ପ, କବିତା, ପ୍ରବନ୍ଧ, ଉପନ୍ୟାସ, ନାଟକ, ଜୀବନୀ, ଭ୍ରମଣକାହାଣୀ ସବୁକିଛି ଇ-ପାଠକଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ। ପାଠାଗାର ପର୍ଯ୍ୟନ୍ତ ଯିବାକୁ ପଡୁନାହିଁ। ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ଇଚ୍ଛାନୁଯାୟୀ



ପୁସ୍ତକ ମିଳିପାରୁଛି। ହାତରେ ମୋବାଇଲ ଅଥବା କମ୍ପ୍ୟୁଟର, ନେଟ୍‌ୱର୍କ ଓ ନେଟ୍ ପ୍ୟାକ୍ ଥିଲେ ହେଲା।

ଏବେ ଇ-ଲାଇବ୍ରେରିର ଉପଯୋଗିତା ସମ୍ପର୍କରେ ଆଲୋଚନା କରିବା। ଜଣେ ପାଠକ ପାଠାଗାରକୁ ଯାଇ ତା' ପସନ୍ଦର ପୁସ୍ତକଟି ଆଣି ପଢ଼ାଗୃହରେ ବସି ପଢ଼େ କିମ୍ବା ନିର୍ଦ୍ଧାରିତ ଦେୟ ଦେଇ ପୁସ୍ତକଟିକୁ କିଛିଦିନ ପାଇଁ ଘରକୁ ନେଇଆସେ। ବହିଟିକୁ ପଢ଼ିସାରି ଫେରସ୍ତ ଦିଏ। ପସନ୍ଦର ପୁସ୍ତକ ନ ମିଳିଲେ ପାଠାଗାର କର୍ତ୍ତୃପକ୍ଷଙ୍କୁ ସେ ଅବଗତ କରାଏ। ଫଳରେ ପାଠାଗାରର କର୍ତ୍ତୃପକ୍ଷ ଉକ୍ତ ପୁସ୍ତକଟିକୁ ଆଣି ପାଠାଗାରରେ ସ୍ଥାନିତ କରନ୍ତି। ପାଠକ ଖୁସି ହୁଏ, ପାଠାଗାରର କଳେବର ବୃଦ୍ଧିପାଏ। କିନ୍ତୁ ଇ-ପାଠାଗାରରେ ପାଠକଟି ପାଇଁ ଏହି ସୁବିଧା ଯେ ଉପଲବ୍ଧ ହେବ ଏଥିରେ ସନ୍ଦେହ ଅଛି। ପ୍ରଥମ କଥା ହେଲା, ପାଠାଗାରର ଗୋଟିଏ ଶାଖା ହୁଏତ ଇ-ପାଠାଗାର ହୋଇପାରେ। କେବଳ ଇ-ପାଠାଗାରର ପ୍ରତିଷ୍ଠା ପରିକଳ୍ପନା ଜହ୍ନ ରାଇଜରେ ଜାଗା କିଣିବା ସହ ସମାନ। ପାଠକଟି ସେଠାକୁ ଯିବାକୁ ମନ ବଳାଇବ ନାହିଁ। ସେଠାରେ ହୁଏତ ମନ ଚାହୁଁଥିବା ପୁସ୍ତକଟିକୁ ଡାଉନଲୋଡ୍ କରିବାରେ ସହଜ ହେବ। କିନ୍ତୁ କମ୍ପ୍ୟୁଟର ପରଦାରେ ପଢ଼ିବା ସମସ୍ତଙ୍କ ପାଇଁ ସରଳ କିମ୍ବା ସହଜ ହେବନାହିଁ। ଦ୍ୱିତୀୟରେ ସବୁ ବହି ମାଗଣାରେ ମିଳିବ ନାହିଁ। ନିର୍ଦ୍ଧାରିତ ଅର୍ଥରାଶି ଜମା କଲାପରେ ଡାଉନଲୋଡ୍ କରିହେବ। ତୃତୀୟରେ ତିନି ଚାରିପୃଷ୍ଠା ହୁଏତ ପଢ଼ିବା ସମ୍ଭବ ହେବ। ଶତାଧିକ ପୃଷ୍ଠାର ପୁସ୍ତକ ପଢ଼ିବା ବେଳେ ଧୈର୍ଯ୍ୟଚ୍ୟୁତି ଘଟିବା ଥୟ। ଚତୁର୍ଥରେ ପୁସ୍ତକରେ ଥିବା ଦରକାରୀ ତଥ୍ୟଗୁଡ଼ିକୁ ଏକାଥରେ ପଢ଼ି ମନେରଖିବା ସହଜ ନୁହେଁ। ପଞ୍ଚମରେ ଦୀର୍ଘ ସମୟ କମ୍ପ୍ୟୁଟର ଜରିଆରେ ପଠନ ଚକ୍ଷୁ ଉପରେ ଯେ କୌଣସି କୁପ୍ରଭାବ ପକାଇବ ନାହିଁ ଏହା ମଧ୍ୟ କୁହାଯାଇ ପାରିବ ନାହିଁ। ଷଷ୍ଠରେ ଲେଖକ ଓ ପ୍ରକାଶକ ଉଭୟ ଅର୍ଥନୈତିକ ଭାବେ କ୍ଷତିଗ୍ରସ୍ତ ହେବା ଥୟ।

ଇ-ଲାଇବ୍ରେରି ଏବଂ ଇ-ପୁସ୍ତକର ପ୍ରଭାବ ପାଠକମାନଙ୍କ ଉପରେ ସିଧାସଳଖ ପଡ଼ିଲାଣି। ଏକେତ ପାଠକ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ସେଥିରେ ପୁଣି ଇ-ପାଠାଗାର ପଠନର ଅଭୀପ୍ସାକୁ ଅବଦମିତ କରୁଛି। ହାତ ପାଖରେ ବହିଟିଏ ଥିଲେ ପଢ଼ାରେ ଅଭ୍ୟାସ ନ ଥିବା ଲୋକଟି ମଧ୍ୟ ଦୁଇପୃଷ୍ଠା ପଢ଼ିବାକୁ ଇଚ୍ଛା କରେ। ଅପରପକ୍ଷେ ପଢ଼ାରେ ନିଶା ଥାଇ ବି ମନପସନ୍ଦର ପୁସ୍ତକଟି ନ ମିଳିଲେ ମନ ମାରିଦେବାକୁ ବାଧ୍ୟହୁଏ। ଏହି ପ୍ରଭାବ କେବଳ ପାଠକ ଉପରେ ପଡ଼ିନାହିଁ ବରଂ ପଡ଼ିଛି ପୁସ୍ତକ ଉପରେ, ପୁସ୍ତକ ବିକ୍ରୟ ଉପରେ, ପ୍ରକାଶକଙ୍କ ଉପରେ। ଏହାର ଚାକ୍ଷୁଷ ପ୍ରମାଣ ପାଇପାରିବା ଯଦି ଥରେ କୌଣସି ପୁସ୍ତକମେଳା ଆଡ଼େ ଘେରାଏ ବୁଲିଆସିବା। ରାଜ୍ୟର ମାସିକ ପତ୍ରିକା ଗୁଡ଼ିକର ଅବସ୍ଥା ଶୋଚନୀୟ।

ଏବେ ଇ-ପାଠାଗାରର ଭୂତଟା ବିଦ୍ୟାଳୟରେ ପହଞ୍ଚିଛି। ଇ-ପାଠାଗାର ଭିତରେ ପାଞ୍ଚ ସାତଟି କମ୍ପ୍ୟୁଟରକୁ ତିନି ଚାରିଶହ ପିଲା। ସେଥିରୁ କିଛି କମ୍ପ୍ୟୁଟର କାମ କରୁନାହିଁ। କମ୍ପ୍ୟୁଟର ଶିକ୍ଷା ସକାଶେ ଶିକ୍ଷକ ନାହିଁ କି ନାହିଁ ଲାଇବ୍ରେରିଆନ୍। ବହୁ ବିଦ୍ୟାଳୟ ଅଛି, ଯେଉଁଠି ପାଠ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି। ଲାଇବ୍ରେରିର ଉପଯୁକ୍ତ ଉପଯୋଗ ହେଉ ନ ଥିବା ବେଳେ ଇ-ଲାଇବ୍ରେରିର ବ୍ୟବହାର କେତେ ହେବ ତାହା ସମସ୍ତଙ୍କୁ ଜଣା। ବରଂ ପଠନ ପ୍ରକ୍ରିୟାରେ ଗଜାମରୁଡ଼ି ହେବ। ଇ-ପାଠାଗାର ଉପରେ ଗୁରୁତ୍ୱ ନ ଦେଇ ଛାତ୍ରୀଛାତ୍ରମାନେ କେମିତି ଅଧିକରୁ ଅଧିକ ବହି ପଢ଼ିବେ ସେ ଦିଗରେ ଧ୍ୟାନଦେବା ଉଚିତ। ସୃଜନଶୀଳତାର ବୃଦ୍ଧି ପାଇଁ ବିଦ୍ୟାଳୟରେ ମୋ କାହାଣୀ, ମୋ କବିତା କାର୍ଯ୍ୟକ୍ରମ ପ୍ରଶଂସନୀୟ। କିନ୍ତୁ ଇ-ପାଠାଗାରର ଉପକାରିତା ଓ ଅପକାରିତା ସମ୍ପର୍କରେ ତର୍ଜମା ହେବା ଆବଶ୍ୟକ। ମୋଟାମୋଟି ଭାବେ କହିବାକୁ ଗଲେ, ଅଭିନ୍ନ ତଥ୍ୟ ପାଇବା ପାଇଁ ଇ-ଲାଇବ୍ରେରି ସହାୟତା ପ୍ରଦାନ କରିପାରେ କିନ୍ତୁ ପାଠକ ଓ ପଠନର ଚାହିଦା ମେଣ୍ଟାଇବାରେ ଯେ ଅସମର୍ଥ ଏହା ନିଃସନ୍ଦେହ।

**ସଭାପତି, ଓଷ୍ଟା**
**ମୋ:୯୯୩୮୭୬୩୨୩୭**

## ପାଠକ ଶ୍ରେଷ୍ଠ ବିଚାରକ

### ପୋଷ୍ଟର ରାଜନୀତି ବନ୍ଦ ହଉ

ମହାଶୟ,
କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଯାଏ । ସରକାର ଲୋକଙ୍କ ଟିକସ ପଇସାରେ ଯୋଜନା କରନ୍ତି। ବିଧାନସଭା ଏବଂ ଲୋକ ସଭାକୁ ନିର୍ବାଚିତ ସଦସ୍ୟତାର ଆୟୁଷ ପାଞ୍ଚବର୍ଷ । ଏମିତିରେ ଯେଉଁ ବ୍ୟକ୍ତିବିଶେଷ ନିର୍ବାଚିତ ହୋଇଥାନ୍ତି, ବିଭିନ୍ନ ଯୋଜନା ଲୋକାର୍ପଣ ଉତ୍ସବରେ ସେମାନଙ୍କ ଫଟୋଚିତ୍ର ଦେବା କେତେଦୂର ଯୁକ୍ତିଯୁକ୍ତ ? ଏମିତିରେ ବିଷୟଟିର ପବିତ୍ରତା ନଷ୍ଟ ହେଉଅଛି। ତା'ବଦଳରେ ଜାତୀୟ ସଙ୍କେତ ଅଶୋକ ସ୍ତମ୍ଭ ନତୁବା ଓଡ଼ିଶାର ରାଷ୍ଟ୍ରୀୟ ସଙ୍କେତ କୋଣାର୍କର ଘୋଡ଼ା ରହୁ। ଯଦି ଏହିଭଳି କରାଗଲା ତେବେ ସମସ୍ତ ଦଳର କାର୍ଯ୍ୟକର୍ତ୍ତା ବିଷୟଟିକୁ ଉତ୍ତମଭାବେ ଆପଣେଇନେବା ସହ ଦେଶ ଗଠନରେ ପ୍ରକୃଷ୍ଟ ମନୋନିବେଶ କରିବେ। ଏ ଦିଗରେ ଆଇନ ପ୍ରଣୟନ କରି ସରକାର ନିଜର ଉଦାରତାର ପରିଚୟ ଦିଅନ୍ତୁ। ଯଦି ସେଭଳି କରାଯାଇ ନ ପାରୁଛି ତେବେ ଶୈକ୍ଷିକ ଅନୁଷ୍ଠାନମାନଙ୍କରେ ଅନ୍ୟୂନ ଏହି ବିବାଦାତ୍ମକ ପ୍ରଥାଟି ବନ୍ଦ ହେଉ।

-ଅରୁଣ କୁମାର ତ୍ରିପାଠୀ, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବସି ତହିଁ
ଉଦାସ ବେଦନା ବହି
ଚକ୍ରବାକ ନିର୍ବାକ ଦମ୍ପତି
ଭାଳେ ହରାଇବ ଅବା କି ସ୍ୱର୍ଗ-ସମ୍ପତ୍ତି।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅନ୍ଧାର ଯୁଗକୁ ଫେରିଗଲେ ବିସ୍ଥାପିତ

- ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତଙ୍କ କରୁଣ କାହାଣୀ
- ବର୍ଷେ ହେଲା ଅନ୍ଧାରରେ ରହୁଛନ୍ତି ଖଗସାବାହାଲର ଭୂମିହୀନ ପରିବାର
- ପିଇବା ପାଣି, ବିଜୁଳି ଭଳି ମୌଳିକ ସୁବିଧାରୁ ବଞ୍ଚିତ

ବଲାଙ୍ଗୀର, ୨୬।୬ (ବୀରେନ୍ଦ୍ର କୁମାର ଝାଙ୍କର)



ବାରପୁଡ଼ଗିଆ ଗାଁ ନିକଟ ସରକାରୀ ଜମିରେ ଖଗସାବାହାଲ ଗାଁର ବିସ୍ଥାପିତମାନେ।

ଜିଲାବାସୀଙ୍କ ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ଅନେକ କିଛି ବଳିଦାନ ଦେଇ ସର୍ବସ୍ୱାନ୍ତ ହୋଇଥିବା ବିସ୍ଥାପିତମାନେ ଏବେ ଅନ୍ଧାର ଯୁଗକୁ ଫେରିଯାଇଛନ୍ତି। କଥାଟି ଅତିରଞ୍ଜିତ ଭଳି ଲାଗୁଥିଲେ ମଧ୍ୟ ସତ୍ୟ। ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇଥିବା ଖଗସାବାହାଲ ଗାଁର ଭୂମିହୀନ ବିସ୍ଥାପିତମାନେ ଯେଉଁ ସ୍ଥାନରେ ରହୁଛନ୍ତି, ସେଠାରେ ଆଜିଯାଏ ବିଜୁଳି ସେବା ଉପଲବ୍ଧ ହୋଇନାହିଁ। ଫଳରେ ଦୀର୍ଘ ପ୍ରାୟ ୧ବର୍ଷ ହେବ ସେମାନେ ଅନ୍ଧାରରେ ରହୁଛନ୍ତି। ଏଭଳିକି ସେମାନଙ୍କୁ ସୋଲାର କି ବ୍ୟାଟେରି ଲାଇଟ୍ ମଧ୍ୟ ଯୋଗାଇ ଦିଆଯାଇନାହିଁ। ଖାଲି ସେତିକି ନୁହେଁ, ଯେଉଁ ସ୍ଥାନରେ ସେମାନଙ୍କୁ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ସେଇ ସ୍ଥାନରେ ପିଇବା ପାଣି, ରାସ୍ତାଘାଟ, ଏଭଳିକି ଅସ୍ଥାୟୀ ଟିଣଘରର ବି ସୁବିଧା କରାଯାଇନାହିଁ।

ଖଗସାବାହାଲ ଗାଁର ୧୫ଟି ଭୂମିହୀନ ବିସ୍ଥାପିତ ପରିବାର ବାରପୁଡ଼ଗିଆ ଗାଁ ନିକଟ ସରକାରୀ ଜମିରେ ରହୁଛନ୍ତି। ଏଠାରେ ରହୁଥିବା ବିସ୍ଥାପିତମାନେ ଗରିବ ଅନୁସୂଚିତ ଜାତି ବର୍ଗ ଓ ମୁସଲିମ୍ ସମ୍ପ୍ରଦାୟର। ୨୦୨୩ ଜୁଲାଇରେ ଲୋୟର ସୁକ୍‌ତେଲ ଡ୍ୟାମ୍‌ରେ ପ୍ରଥମ ବର୍ଷାଜଳ ସଂରକ୍ଷଣ ଆରମ୍ଭ ହୋଇଥିଲା। ସେତେବେଳ ପର୍ଯ୍ୟନ୍ତ ଡ୍ୟାମ୍ ଜଳଭଣ୍ଡାର ଭିତରେ ଥିବା ଅନେକ ଗାଁରୁ ଲୋକେ ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇ ନ ଥିଲେ। ଲଗାଣ ବର୍ଷା ଯୋଗୁ ଡ୍ୟାମ୍‌ର ଠେଲା ପାଣି ଖଗସାବାହାଲ, ଗଡ଼ଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲି, କୁମିଆପାଲି ଭଳି ନଦୀକୂଳ ଗାଁକୁ ମାଡ଼ି ଯାଇଥିଲା। ଖଗସାବାହାଲ ଗାଁ ସୁକ୍‌ତେଲ ନଦୀ ଖଣ୍ଡିକୁ ଲାଗିକରି ରହିଥିବାରୁ ଡ୍ୟାମ୍‌ର ଠେଲାପାଣି ଗାଁ ଭିତରକୁ ପଶିଯାଇଥିଲା। ଫଳରେ ସେଠାରେ ରହିଯାଇଥିବା ଶତାଧିକ ଭୂମିହୀନ ପରିବାର ସଦସ୍ୟଙ୍କୁ ଜିଲା ପ୍ରଶାସନ ତରବରିଆଭାବେ ୨୦୨୩ ଅଗଷ୍ଟ ୨ ସନ୍ଧ୍ୟାରେ ଗାଁରୁ ଆଣି ଚୁଡ଼ାପାଲି ଆଦିବାସୀ ସ୍କୁଲ ହଷ୍ଟେଲରେ ରଖିଥିଲେ। ପ୍ରଶାସନର ଏଭଳି ତରବରିଆ କାର୍ଯ୍ୟାନୁଷ୍ଠାନରେ ବିସ୍ଥାପିତମାନେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଆସବାବପତ୍ର ଓ ସାମଗ୍ରୀ ମଧ୍ୟ ଆଣି ପାରି ନ ଥିଲେ। ବିସ୍ଥାପିତମାନେ ଭୂମିହୀନ ହୋଇଥିବାରୁ ସେମାନଙ୍କୁ ସରକାର କୌଣସି ଘରଡିହ କି ବଡ଼ ପ୍ୟାକେଜ ଯୋଗାଇ ନ ଥିଲେ। ସେମାନଙ୍କୁ ପରିବାର ପିଛା ମାତ୍ର ୩ ଲକ୍ଷ ୪୫ହଜାର ଟଙ୍କାର ସହାୟତା ଦେଇ ବିସ୍ଥାପିତ କରାଯାଇଥିଲା। ପରେ ଜିଲା ପ୍ରଶାସନ ବାରପୁଡ଼ଗିଆ ଗାଁ ନିକଟ ଏକ ସରକାରୀ ଜାଗାକୁ ଖଗସାବାହାଲର ଭୂମିହୀନ ବିସ୍ଥାପିତଙ୍କ ପାଇଁ ଚିହ୍ନଟ କରାଯାଇଛି କହି ଚୁଡ଼ାପାଲି ଆଦିବାସୀ ହଷ୍ଟେଲ ଖାଲି କରିଥିଲେ। ବସୁନ୍ଧରା ଯୋଜନାରେ ବିସ୍ଥାପିତ ପରିବାରକୁ ଏଠାରେ ଘରଡିହ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏଭଳି ପ୍ରତିଶ୍ରୁତି ପରେ ସେଇ ସ୍ଥାନରେ ବିଜୁଳି, ପାଣି, ରାସ୍ତା କି ଅସ୍ଥାୟୀ ଘର କୌଣସି ମୌଳିକ ସୁବିଧା ନଥିଲେ ମଧ୍ୟ ୧୫ ବିସ୍ଥାପିତ ପରିବାର ସେଠାରେ ନିଜ ଉଦ୍ୟମରେ ଝାଟିମାଟି, ଅଖାବସ୍ତାର ଘର ତିଆରି କରି ରହିବା ଆରମ୍ଭ କରିଥିଲେ। ଇତିମଧ୍ୟରେ ୧୦ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ବିସ୍ଥାପିତଙ୍କ ପାଇଁ ବିଜୁଳି ଯୋଗାଣ, ପିଇବା ପାଣି ସୁବ୍ୟବସ୍ଥା, ରାସ୍ତା, ଡ୍ରେନ୍, ପାଇଖାନା କିଛି ବି ତିଆରି କରାଯାଇନାହିଁ। ବିଜୁଳି ନ ଥିବାରୁ ସନ୍ଧ୍ୟା ହେଲା ପରେ ସମଗ୍ର ଅଞ୍ଚଳ ଅନ୍ଧକାରମୟ ହୋଇଯାଉଛି। ଫଳରେ ଅନେକେ ସନ୍ଧ୍ୟା ପୂର୍ବରୁ ଖାଇଦେଉଥିବା କହିଛନ୍ତି। ସେଠାରେ ଗାଧୋଇବା ପାଇଁ ବନ୍ଧ କି ଜଳାଶୟ ନାହିଁ। ଫଳରେ ମହିଳାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାକାର ଛୋଟ ଶିଶୁଙ୍କୁ ଅଙ୍ଗନୱାଡି ସୁବିଧା ବି ମିଳୁନାହିଁ। ପାଖରେ ଜଙ୍ଗଲ ଥିବାରୁ ବନ୍ୟଜନ୍ତୁ ଓ ବିଷଧର ସରୀସୃପଙ୍କ ଭୟ ଲାଗି ରହିଛି। ଏବେ ବର୍ଷା ସମୟ ଆସିଯାଇଥିବାରୁ ବିନା ବିଜୁଳିରେ ପିଲାଛୁଆ ଧରି ଏଠାରେ ବିସ୍ଥାପିତମାନେ କିପରି ରହିବେ ଚିନ୍ତାରେ ପଡିଛନ୍ତି। ବାରମ୍ବାର ଆପତ୍ତି ଅଭିଯୋଗ ପରେ ମଧ୍ୟ ଏମାନଙ୍କୁ କିଛି ସୁବିଧା ମିଳିନାହିଁ। ପାରମ୍ପରିକ ଚୁଡି ବ୍ୟବସାୟ ଫିକା ପଡିଯାଇଛି। ଦିନ ମଜୁରିଆଙ୍କୁ କାମ ବି ମିଳୁନାହିଁ। କେବଳ ଚାଉଳ କାର୍ଡ ଖଣ୍ଡେ ଧରି ଏଇ ବିସ୍ଥାପିତମାନେ ସରକାରୀ ଓ ପ୍ରଶାସନିକ ସୁବିଧା ପାଇବା ଅପେକ୍ଷାରେ ପଡ଼ିରହିଛନ୍ତି।

ଏ ନେଇ ଲୋୟର ସୁକତେଲ (ପୁନର୍ବାସ ଓ ଥଇଥାନ) ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନୂତନ ସେଠଙ୍କୁ ପଚାରିବାରୁ ବିଜୁଳି ସୁବ୍ୟବସ୍ଥା ପାଇଁ ଚୁଡାନ୍ତ ଏଷ୍ଟିମେଟ କରାଯାଇ ଟାଟା ପାୱାର ଅଫିସକୁ ପଠାଯାଇ ସାରିଛି। ଆରଡବ୍ଲୁଏସ୍‌ଏସ୍ ପକ୍ଷରୁ ଦୁଇଟି ନଳକୂପ ଖୋଳାଯାଇଛି। ଅନ୍ୟ ସମସ୍ୟାଗୁଡ଼ିକର ମଧ୍ୟ ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

## ବିଦ୍ୟାଳୟରେ ଉଠ୍‌ବସ୍ ହୋଇ ଚତୁର୍ଥ ଶ୍ରେଣୀ ଛାତ୍ର ମୃତ ମାମଲା

କଟକ,୨୬।୬ (କାର୍ତ୍ତିକ ସାହୁ)



ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଦଣ୍ଡ ଦିଆ ନ ଯିବା ଉପରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ସେନେଇ ଜବାବ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଯାଜପୁର ଜିଲାର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଉଠ୍‌ବସ୍ କରାଇବା ହେତୁ ତାଙ୍କର ମୃତ୍ୟୁ ଘଟିବା ନେଇ ରୁଜୁ ମାମଲାର ବୁଧବାର ହାଇକୋର୍ଟରେ ଶୁଣାଣି ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ୮ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ନଭେମ୍ବର ୨୧ରେ ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ଥାନା ଓରାଳି ଗ୍ରାମର ସୂର୍ଯ୍ୟନାରାୟଣ ନୋଡାଲ ୟୁପି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରୁଦ୍ର ନାରାୟଣ ସେଠୀଙ୍କୁ ଜଣେ ଶିକ୍ଷୟିତ୍ରୀ ଉଠବସ୍ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପଢ଼ାରେ ମନଯୋଗୀ ହୋଇ ନ ଥିବାରୁ ଶିକ୍ଷୟିତ୍ରୀ ଉଠବସ୍ ହେବାକୁ କହିଥିଲେ। ରୁଦ୍ର ଉଠବସ୍ ହେଉଥିବାବେଳେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆବେଦନକାରୀ ପ୍ରବୀର କୁମାର ଦାସ ଏନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରି ଦର୍ଶାଇଛନ୍ତି, ବିଦ୍ୟାଳୟଗୁଡ଼ିକୁ ରାଜ୍ୟ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଶାରୀରିକ ଦଣ୍ଡ କିମ୍ବା ମାନସିକ ନିର୍ଯାତନା ସ୍କୁଲରେ ପିଲାଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆଇନ୍ ହୋଇଛି। ତଥାପି ଯାଜପୁରରେ ଏଭଳି ଘଟଣା ଘଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଲା। ସେହିପରି ବଲାଙ୍ଗୀର ଓ ନବରଙ୍ଗପୁରରେ ପିଲାମାନଙ୍କୁ ଉଠବସ୍ ହେବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ କହୁଛନ୍ତି। ତେଣୁ ଏହି ଆଇନ୍‌କୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା, ଦୋଷୀ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଆଗାମୀ ଦିନରେ ଏଭଳି ଘଟଣା ଯେପରି ବିଦ୍ୟାଳୟରେ ନ ଘଟିବା, ପିଲାମାନେ ଶାରୀରିକ ଓ ମାନସିକ ନିର୍ଯାତନା ନ ଭୋଗିବେ ସେଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ପାଇଁ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମର ବ୍ୟବସ୍ଥା ସରକାର କରିବା ଦରକାର ବୋଲି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଭଳି କେତେ ଘଟଣା ଘଟିଛି, କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ସରକାର କୌଣସି ତଥ୍ୟ ଦେଉନାହାନ୍ତି। ଏହାଦ୍ୱାରା ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଆବେଦନକାରୀ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି। ମେ' ୨୪ରେ ଏହି ମାମଲା ରୁଜୁ ହୋଇଥିଲା।

# ଶର୍ମିଷ୍ଠାଙ୍କ ସହଯୋଗୀ ଝୁନା ଭୋଇଙ୍କୁ ଅନ୍ତରୀଣ ଜାମିନ

## କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲା

ଭଦ୍ରକ,୨୬।୬(ସନାତନ ରାଉତ/ରବିନାରାୟଣ ଖିଲାର)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ଅନ୍ୟତମ ସହଯୋଗୀ ଝୁନା ଭୋଇଙ୍କୁ ବୁଧବାର ଅନ୍ତରୀଣ ଜାମିନ ମିଳିଛି। ତାଙ୍କ ବାପାଙ୍କର ଶାରୀରିକ ଅସୁସ୍ଥତା ଦର୍ଶାଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ୧ମାସ ପାଇଁ ଜାମିନରେ ଯାଇଛନ୍ତି। ଜାମିନଦାର ଦେଇ ସେ ଜେଲରୁ ବାହାରିଥିବା ବେଳେ ଆସନ୍ତା ଜୁଲାଇ ୨୭ରେ ଜିଲା ଜଜ୍ କୋର୍ଟରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ କ୍ରାଇମବ୍ରାଞ୍ଚ ଏହି ହାଇ ପ୍ରୋଫାଇଲ ଅପହରଣ ଓ ହତ୍ୟା ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ସହଯୋଗୀ ଝୁନା ଭୋଇ, ରାଜ ଓରଫ ରଞ୍ଜନ ନାୟକ ଓ ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କୁ ଗିରଫ କରିଥିଲା। ଏବେ ସେମାନେ ଭଦ୍ରକ ସ୍ୱତନ୍ତ୍ର ଉପ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ଭଦ୍ରକ ଜିଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଦାଲତରେ ଏହି ମାମଲା ବିଚାରାଧୀନ ଅଛି।


भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 10/2024-25 Date of Insertion- 27.06.2024

वॉक–इन–इन्टरव्यू

भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान सीफा कौशल्यागंग, भुवनेश्वर, ओडिशा में **01(एक) यंग प्रोफेशनल-II** एवं **01(एक) यंग प्रोफेशनल-I** पद भर्ती के लिए **दिनांक 02.07.2024** को **पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी हेतु कृपया भा.कृ.अनु.प. सीफा वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **02.07.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II, (YP-II) and 01(One) no. of Young Professional-I, (YP-I)** purely on contractual basis to work under the "AICRP on Plastic Engineering in Agriculture Structures and Environment Management"project. For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता / Principal Investigator


# ଟିଟିଲାଗଡ଼ରେ ହେବ ୮.୧୧ କି.ମି.ର ଫ୍ଲାଏ ଓଭର

## ରେଳ ମନ୍ତ୍ରଣାଳୟ ପକ୍ଷରୁ ୧୮୩.୮୯ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୨୬।୬ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ଼ ଜଙ୍କସନ ଷ୍ଟେଶନରେ ବୃଦ୍ଧି ପାଉଥିବା ରେଳ ଚଳାଚଳ ଏବଂ ଯାତାୟାତକୁ ଦୃଷ୍ଟିରେ ରଖି ଫ୍ଲାଏ ଓଭର ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାୟପୁର-ବିଜୟନଗରମ୍, ଟିଟିଲାଗଡ଼-ସମ୍ବଲପୁର ଓ ସମ୍ବଲପୁର-ରାୟପୁର ରେଳ ସେକ୍ସନରେ ଟ୍ରେନ ଚଳାଚଳକୁ ସୁଗମ କରିବା ପାଇଁ ରେଳ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଅନୁମତି ଦେଇ ୧୮୩.୮୯ କୋଟି ଟଙ୍କା ମଞ୍ଜୁର କରିଛି। ୮.୧୧ କିଲୋମିଟର ବିଶିଷ୍ଟ ଦୀର୍ଘ ଏହି ଫ୍ଲାଏ ଓଭର ଭାରତୀୟ ରେଳପଥର ଶକ୍ତି କରିଡର ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପ ବ୍ୟସ୍ତବହୁଳ ରେଳ ସେକ୍ସନରେ ଟ୍ରେନ୍ ଚଳାଚଳକୁ ସୁଗମ କରିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ବିଜୟନଗରମ୍-ରାୟପୁର ରେଳମାର୍ଗକୁ ସମ୍ବଲପୁର-ବିଜୟ ନଗରମ୍/ରାୟପୁର ରେଳ ସେକ୍ସନ ଟିଟିଲାଗଡ଼ ଷ୍ଟେଶନଠାରେ ସଂଯୋଗ କରୁଥିବା ଯୋଗୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଜଙ୍କସନ ଷ୍ଟେଶନ ଭାବେ ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଅବସ୍ଥିତ। ସମ୍ପ୍ରତି ସମସ୍ତ ପାର୍ଶ୍ୱରୁ ଆସୁଥିବା କିମ୍ବା ଯାତାୟାତ କରୁଥିବା ଟ୍ରେନଗୁଡ଼ିକ କ୍ରସିଂ ପାଇଁ ଅନ୍ୟ ମାର୍ଗଗୁଡ଼ିକର ଟ୍ରେନ ଚଳାଚଳକୁ ଟିଟିଲାଗଡ଼ ଷ୍ଟେଶନରେ ପ୍ରଭାବିତ କରୁଛି। ରାୟପୁରରୁ ଅପ୍‌ଟ୍ରେନ ଟିଟିଲାଗଡ଼ ୟାର୍ଡକୁ ପ୍ରବେଶ କରିବା ସମୟରେ ୟାର୍ଡର ଉତ୍ତର ପାର୍ଶ୍ୱରେ ସମ୍ବଲପୁର ପାର୍ଶ୍ୱରୁ ଡାଉନ ଲାଇନରେ ଆସୁଥିବା ଟ୍ରେନ ଟ୍ରାଫିକ ରେଳଧାରଣା ଅତିକ୍ରମ କରିବାକୁ ପଡ଼ିଥାଏ। ୨୦୨୩-୨୪ରେ ଲାଇନ କ୍ଷମତା ବିବରଣୀ ଅନୁଯାୟୀ, ଏହିପରି କ୍ରସ୍ ଗତିବିଧି ସଂଖ୍ୟା ଦୈନିକ ହାରାହାରି ୩୮ଟି ବୋଲି ଆକଳନ କରାଯାଇଛି। ଏତେସଂଖ୍ୟକ କ୍ରସ୍‌ଜନିତ ପ୍ରତିବନ୍ଧକ ଟ୍ରେନ ଅପରେଶନ ସିଷ୍ଟମରେ ସାମଗ୍ରିକ ଗତିଶୀଳତାକୁ ପ୍ରଭାବିତ କରିଆସୁଛି। ଏହି ପ୍ରତିବନ୍ଧକଜନିତ ସମସ୍ୟା ଏଡ଼ାଇବାରେ ଉକ୍ତ ଫ୍ଲାଏ ଓଭରବ୍ରିଜ୍ ସହାୟକ ହେବ ବୋଲି ଆଶା କରାଯାଉଛି।


झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

अल्पकालीन ई– पुनर्निविदा आमंत्रण सूचना (3rd Call)
PR No. -318226 Dated 07.02.2024
अल्पकालीन ई–पुनर्निविदा संख्या:- 09/2024-25 दिनांक :- 25.06.24
मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | 4 | | 5 | 6 | 7 |
| 1 | JH-M-DHN-10 / 2023-24 | बाघमारा | 1 | योगेश्वर मोड़ झिंझि पहाड़ी भाया श्रीधरपुर, लष्करीटाँड तक पथ का सुदृढ़ीकरण कार्य। (लं० – 2.865 कि०मी०) | 1330.498 | तेरह करोड़ तीस लाख उनचास हजार आठ सौ रू० मात्र | 15 महीना |
| | | बाघमारा | 2 | आर०सी०डी० पथ से बरोरा तक पथ का सुदृढ़ीकरण कार्य। (लं० – 1.750 कि०मी०) | | | |
| | | बाघमारा | 3 | एन०एच०–32 भुरूंगिया से भाटडीह पुल तक भाया कंचनपुर कुमारडीह, कर्चरा तक पथ का सुदृढ़ीकरण कार्य। (लं० – 5.880 कि०मी०) | | | |
| | | बाघमारा | 4 | खरखरी रेलवे पुल से फुलवारीटाँड भाया सहाना तक पथ का सुदृढ़ीकरण कार्य। (लं० – 1.790 कि०मी०) | | | |
| | | बाघमारा | 5 | सिन्दवारटाँड से रामराज मंदिर (चिटाही) भाया बहियारडीह तक पथ का सुदृढ़ीकरण कार्य। (लं० – 3.900 कि०मी०) | | | |
| | | बाघमारा | 6 | आर०ई०ओ० पथ (झगराही–मतारी पुल पथ) से मुख्य पथ दरिदा तक पथ का सुदृढ़ीकरण कार्य। (लं० – 1.610 कि०मी०) | | | |
| | | बाघमारा | 7 | पाथरगरिया से कमलिया षिवमंदिर भाया लुटूटाँड तक पथ का सुदृढ़ीकरण कार्य। (लं० – 2.950 कि०मी०) | | | |
| | | बाघमारा | 8 | एन०एच०–32 तेलमच्चो से जुमुनिया रेलवे फाटक भाया अंधारी तक पथ का सुदृढ़ीकरण कार्य। (लं० – 3.620 कि०मी०) | | | |
| | | बाघमारा | 9 | एन०एच०–32 पतराकुल्ही से आर०सी०डी० पथ रामपुर भाया कुमारजोरी तक पथ का सुदृढ़ीकरण कार्य। (लं० – 4.250 कि०मी०) | | | |
| | | बाघमारा | 10 | मुचुरायडीह से तरगा तक पथ का सुदृढ़ीकरण कार्य। (लं० – 2.400 कि०मी०) | | | |
| | | बाघमारा | 11 | मझिलाडीह हरि मंदिर से कदमटाँड भाया मधुडीह तक पथ का सुदृढ़ीकरण कार्य। (लं० – 2.050 कि०मी०) | | | |

2. वेबसाईट मे निविदा प्रकाशन की तिथि:–**27.06.2024**
3. ई–निविदा प्राप्ति की अंतिम तिथि एवं समय:– **08.07.2024** अपराह्न 5.00 बजे तक।
4. निविदा खोलने की तिथि एवं समय:–**09.07.2024** .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट **jharkhandtenders.gov.in** में देखा जा सकता है।

अभियंता प्रमुख, ग्रामीण कार्य विभाग –सह– जे०एस०आर०आर०डी०ए०, राँची,

PR 327697 (Rural Work Department) 24-25 (D)



झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

ई–निविदा आमंत्रण सूचना
ई–निविदा संख्या:- 08/2024-25 दिनांक :- 25.06.24
मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या संख्या / पैकेज | प्रखण्ड का नाम | | कार्य का नाम | प्राक्कलित राशि अंक में(लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | 4 | | 5 | 6 | 7 |
| 1 | JH-M-GOD-08/2023-24 | मेहरमा | 1 | बेलनीगढ़ से गोसीचक तक पथ का सुदृढ़ीकरण कार्य। (लं०–2.300 कि०मी०) | 1464.593 | चौदह करोड़ चौसठ लाख उनसठ हजार तीन सौ रू० मात्र | 15 महीना |
| | | मेहरमा | 2 | बिरनियाँ से अंबाडीह तक पथ का सुदृढ़ीकरण कार्य। (लं०–2.150 कि०मी०) | | | |
| | | मेहरमा | 3 | एन०एच०–133 पथ से सुड़नी तक पथ का सुदृढ़ीकरण कार्य। (लं०–2.200 कि०मी०) | | | |
| | | मेहरमा | 4 | पी०डब्ल्यू०डी० पथ कुमरडोय से छोटा कुमरडोय तक पथ का सुदृढ़ीकरण कार्य।(लं०–2.100 कि०मी०) | | | |
| | | मेहरमा | 5 | मेहरमा थाना से आर०सी०डी० रोड तक पथ का सुदृढ़ीकरण कार्य। (लं०–1.500 कि०मी०) | | | |
| | | मेहरमा | 6 | कोरका खास से अमर सिंह किता तक पथ का सुदृढ़ीकरण कार्य। (लं०–3.350 कि०मी०) | | | |
| | | मेहरमा | 7 | गंझडा चौक से रेलवे लाईन तक भाया जगनकिता पथ का सुदृढ़ीकरण कार्य। (लं०–1.000 कि०मी०) | | | |
| | | मेहरमा | 8 | दियाजोरी डोय मेन रोड से लोहचिन्ता तक पथ का सुदृढ़ीकरण कार्य। (लं०–1.300 कि०मी०) | | | |
| | | मेहरमा | 9 | सोनागुजी से बिहार सीमा तक पथ का सुदृढ़ीकरण कार्य। (लं०–1.100 कि०मी०) | | | |
| | | मेहरमा | 10 | सिंघाड़ी से लोलीबाँध तक पथ का सुदृढ़ीकरण कार्य। (लं०–1.500 कि०मी०) | | | |
| | | ठाकुरगंगटी | 11 | मेहरामपुर से तमाशाचक तक पथ का सुदृढ़ीकरण कार्य। (लं०–0.750 कि०मी०) | | | |
| | | मेहरमा | 12 | मेनरोड से धनकुड़िया सोनाटीकर तक पथ का सुदृढ़ीकरण कार्य। (लं०–1.000 कि०मी०) | | | |
| 2 | JH-M-GOD-09/2023-24 | महगामा | 1 | सिनपुर से डोमाचक तक पथ का सुदृढ़ीकरण कार्य। (लं०–2.500 कि०मी०) | 1031.112 | दस करोड़ इकतीस लाख ग्यारह हजार दो सौ रू० मात्र | 15 महीना |
| | | महगामा | 2 | पीरपैंती एन०एच० से अमडीहा गाँव तक पथ का सुदृढ़ीकरण कार्य। (लं०–0.600 कि०मी०) | | | |
| | | महगामा | 3 | गुदिया श्रीमतपुर पी०एम०जी०एस०वाई० से पथरकानी तक पथ का सुदृढ़ीकरण कार्य।(लं०–0.600 कि०मी०) | | | |
| | | महगामा | 4 | रायकित्ता पी०डब्ल्यू०डी० रोड से दियारी कित्ता तक पथ का सुदृढ़ीकरण कार्य। (लं०–0.400कि०मी०) | | | |
| | | महगामा | 5 | पी०डब्ल्यू०डी० रोड़ से गरही तक पथ का सुदृढ़ीकरण कार्य। (लं०–2.200 कि०मी०) | | | |
| | | ठाकुरगंगटी | 6 | देवघर चौक से हरिणकोल तक पथ का सुदृढ़ीकरण कार्य। (लं०–6.300 कि०मी०) | | | |
| | | बोआरीजोर | 7 | धनकुंडा से हिजरीजुनिया तक पथ का सुदृढ़ीकरण कार्य। (लं०–3.700 कि०मी०) | | | |
| | | बोआरीजोर | 8 | तुलसीपुर से लोहातांबा भाया नीचेटोला तक पथ का सुदृढ़ीकरण कार्य। (लं०–2.600 कि०मी०) | | | |

2. वेबसाईट मे निविदा प्रकाशन की तिथि :–28.06.2024
3. ई–निविदा प्राप्ति की अंतिम तिथि एवं समय :– 22.07.2024 अपराह्न 5.00 बजे तक।
4. निविदा खोलने की तिथि एवं समय :–23.07.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट **jharkhandtenders.gov.in** में देखा जा सकता है।

अभियंता प्रमुख ग्रामीण कार्य विभाग–सह– जे०एस०आर०आर०डी०ए०, राँची।

PR.NO.327705 Rural Work Department(24-25):D



OFFICE OF THE DIVISIONAL FOREST OFFICER
PARALAKHEMUNDI DIVISION, PARALAKHEMUNDI
No. MM-51
E-mail: dfo.parlakhemundi@odisha.gov.in

Tender Notice No. 05 of 2024-2025 Date: 25.06.2024

Short Tender Notice For "Erection of Iron Angle Chain Link Wire Mesh Fencing in Tuburuba CA Plantation in Paralakhemundi Forest Division for length of 7200 Running Meters at Ramagiri Range"

| Sl. No. | Particulars | Date & Time/ Details | Location/Details |
|---|---|---|---|
| 1 | RFP No. & Date | Tender Notice No. 05 of 2024-2025 | |
| 2 | Commencement of Download of RFP Document | Dt.26.06.2024 | www.odishaforest.in https://gajapati.odisha.gov.in/tender |
| 3 | Last Date of Bid Submission (By Messenger/Courier/Post) | Dt.15.07.2024 | Office of the Divisional Forest Officer, Paralakhemundi Forest Division, At: Paralakhemundi, Gajapati - 761200 |
| 4 | Date of General and Technical and Financial Bid Opening | Dt.16.07.2024 4.00 P.M. | Office of the Divisional Forest Officer, Paralakhemundi Forest Division, At: Paralakhemundi, Gajapati - 761200 |
| 5 | Contact Address for Querries | Office of the Divisional Forest Officer, Paralakhemundi Forest Division, At: Paralakhemundi, Gajapati - 761200 Email: dfo.parlakhemundi@odisha.gov.in | |
| 6 | Address of Bid Submission | Office of the Divisional Forest Officer, Paralakhemundi Forest Division, At: Paralakhemundi, Gajapati - 761200 | |
| 7 | RFP Document Cost (Non-refundable) | Rs.2,000/- (Rupees Two Thousand Only) | By Demand Draft issued by a Nationalized or Scheduled Bank in favour of "The Divisional Forest Officer, Paralakhemundi Division", Payable at Paralakhemundi |
| 8 | EMD (Refundable, but non-interest bearing) | Rs.1,00,000/- (Rupees One Lakhs Only) | By Demand Draft issued by a Nationalized or Scheduled Bank in favour of "The Divisional Forest Officer, Paralakhemundi Division", Payable at Paralakhemundi |
| 9 | Bid validity period | 4 Months from the last date (deadline) from the last date of submission of Bids. | |
| 10 | Last tender document and addendum/corrigendum if any will be published at the website: www.odishaforest.in. | | |
| 11 | Diclaimer: Notwithstanding anything else contaned to the contrary in this tender document, DFO, Paralakhemundi reserves the right to cancel/withdraw/modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsever consequent upon such a decision. | | |
| 12 | In case of any unscheduled holiday or on days of Bandh or natural calamity on the aforesaid dates, the next working day will be treated as scheduled/prescribed date for the same purpose. | | |
| 13 | The tender inviting authority may change the venue of opening the Technical or Financial Bids in case of exigent circumstances like breakdown of communication link of conditions of force majeure. | | |
| 14 | The tender inviting authority reserves the right to defer the date of opening of either Technial or Financial Proposal or both, if required. | | |

OIPR-08148/11/0007/2425 Sd./- Divisional Forest Officer, Paralakhemundi Division

## ସଂକ୍ଷେପରେ

### ଷ୍ଟଣ୍ଟ କରିବା କାଳ ହେଲା ଆମ୍ବୁଲାନ୍ସ ଧକ୍କାରେ ବାଇକ୍ ଚାଳକ ମୃତ



ବାଲିଗୁଡା,୨୬ା୬(ସଞ୍ଜୟ କୁମାର ପାଣିଗ୍ରାହୀ): ତୁମୁଡିବନ୍ଧ ନେତାଜୀ ସୁବାଷ ବୋଷ ଜୁନିୟର ମହାବିଦ୍ୟାଳୟ ନିକଟରେ ଜଣେ ଯୁବକ କେଟିଏମ୍ ବାଇକରେ ଷ୍ଟଣ୍ଟ କରି ଯାଉଥିବା ବେଳେ ମୃତଦେହ ଧରି ଯାଉଥିବା ଆମ୍ବୁଲାନ୍ସ ସହ ମୁହାଁମୁହିଁ ଧକ୍କା ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଲଙ୍କାଗଡର ଜନକ ପାତ୍ର (୨୦)। ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ଧକ୍କା ଦେବାରୁ ଅନ୍ୟ ଏକ ବାଇକର ଚାଳକ ନୂଆମୁଣ୍ଡା ଗ୍ରାମର ଗଜପତି ସାହୁ ଆହତ ହୋଇଛନ୍ତି। ସେ ତୁମୁଡିବନ୍ଧ ମେଡିକାଲରେ ଭର୍ତ୍ତି ହୋଇଥିଲେ।

ପ୍ରକାଶ ଯେ, ବୁଧବାର ଏକ ଘରୋଇ ଆମ୍ବୁଲାନ୍ସ ଭବାନୀପାଟଣାରୁ ଏକ ମୃତଦେହ ଧରି ନୟାଗଡ ଯାଉଥିଲା। ଏହି ସମୟରେ ଜନକ ବେନାରବାଲରୁ କେଟିଏମ ବାଇକକୁ ଷ୍ଟଣ୍ଟ କରି ଦ୍ରୁତଗତିରେ ଆସୁଥିବା ବେଳେ ତୁମୁଡିବନ୍ଧ ନେତାଜୀ ସୁବାଷ ବୋଷ ଜୁନିୟର ମହାବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲେ। ଫଳରେ ଆମ୍ବୁଲାନ୍ସଟି ରାସ୍ତା କଡକୁ ଚାଲିଯାଇଥିବା ବେଳେ କେଟିଏମ ବାଇକଟି ଚୁରମାର ହୋଇଯାଇଥିଲା। ଘଟଣାସ୍ଥଳରେ ଚାଳକ ଜନକଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଭାରସାମ୍ୟ ହରାଇ ଥିବା ଆମ୍ବୁଲାନ୍ସ ଧକ୍କାରେ ଅନ୍ୟ ବାଇକ୍ ଚାଳକ ଗଜପତି ଆହତ ହୋଇଥିଲେ। ଘଟଣା ସ୍ଥଳରେ ଭାଜପାର କିଛି ନେତା ଓ କର୍ମୀ ଆସି ମୃତ ଓ ଗୁରୁତରଙ୍କୁ ମେଡିକାଲ ଆଣିଥିଲେ।

### ରାସ୍ତା ମଝିରେ ବିରାଟ ଗର୍ତ୍ତ ନେଇ ଜନ ଅସନ୍ତୋଷ

ଗଞ୍ଜାମ,୨୬ା୬(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମକୁ ଯିବା ମୁଖ୍ୟ ରାସ୍ତାରେ ଡ୍ରେନ୍ର ପ୍ଲେଟ୍ ଫାଟି ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ଗାଁର ମୁଖ୍ୟ ରାସ୍ତା ହୋଇଥିବା ଯୋଗୁ ଯାତାୟାତରେ ଘୋର ସମସ୍ୟା ଦେଖାଦେଇଛି। ଏଥିସହ ସେଠାରେ ଏକ ସ୍କୁଲ ରହିଛି। ବର୍ତ୍ତମାନ ୨ ଦିନ ହେବ ସ୍କୁଲ ଖୋଲିଥିବା ବେଳେ କେତେବେଳେ ପିଲାମାନେ ଉକ୍ତ ଗର୍ତ୍ତରେ ପଡ଼ି ଆହତ ହେବେ କହିହେବ ନାହିଁ। ପୁଇଁତୋଳା ଗ୍ରାମରେ ମାଳମାଳ ନେତା କିନ୍ତୁ ଗାଁର ସମସ୍ୟା ସମାଧାନ ପ୍ରତି କାହାର ଆନ୍ତରିକତା ନ ଥିବା ପରିଲକ୍ଷିତ ହେଉଛି। ଡ୍ରେନ୍ ନିର୍ମାଣ ବେଳେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବର୍ଷାଦିନ ହୋଇଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ନ ହେଲେ ଗ୍ରାମ ମଧ୍ୟରେ ଡ୍ରେନ୍ ପାଣି ପଶିଯିବ ବୋଲି ଆଲୋଚନା ହେଉଛି।

# ଗଞ୍ଜାମ ଚାଷୀ ଅନ୍ୟ ରାଜ୍ୟରେ ଦାଦନ

■ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି
■କୃଷି ମନ୍ତ୍ରୀଙ୍କୁ ସ୍ମାରକପତ୍ର

ଛତ୍ରପୁର, ୨୬ା୬(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାରେ କୃଷିର ବିକାଶ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ଯୋଗୁଁ ଜିଲାରୁ ଲକ୍ଷାଧିକ ଚାଷୀ ଓ କୃଷି ଶ୍ରମିକ ନିଜ ପରିବାରର ପେଟ ପୋଷିବା ପାଇଁ ଅନ୍ୟ ରାଜ୍ୟକୁ ବାବନ ଖଟିବାକୁ ଯାଉଛନ୍ତି । ଦାଦନ ଯାଇ ବହୁ ଶ୍ରମିକ ମୃତ୍ୟୁବରଣ କରିବା ସଂଗେ ସଂଗେ କମ୍ପାନୀ ମାଲିକମାନଙ୍କର ନିର୍ଯାତନାର ଶୀକାର ହୋଇ ଫେରୁଛନ୍ତି । ଏଣୁ ଗଞ୍ଜାମ ତଥା ଓଡ଼ିଶାକୁ ଏକ ନମ୍ବରରେ ପରିଣତ କରିବା ପାଇଁ ବଜେଟରେ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଋଷିକୂଲ୍ୟା ରୟତ ମହାସଭା ଦାବି କରିଛି। ଏହା କରାଗଲେ ଗଞ୍ଜାମ ଜିଲା ଦାଦନ ମୁକ୍ତ ହୋଇପାରିବ ବୋଲି କୁହାଯାଇଛି। ଏନେଇ ଏକ ଦାବିପତ୍ର ରାଜ୍ୟ କୃଷି ମନ୍ତ୍ରୀ ଓ କମିଶନରଙ୍କୁ ପ୍ରଦାନ କରାଯାଇଥିବା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଏଠାରେ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ମାତ୍ର ୫୦ ଭାଗ ଜମିକୁ ଜଳସେଚନ ସୁବିଧା ଥିବାରୁ ଦୋ ଫସଲି ଚାଷ ହୋଇପାରୁ ନାହିଁ । ଫଳରେ ଚାଷୀ ଓ କୃଷି ଶ୍ରମିକମାନେ ଦାଦନ ଯିବାକୁ ବାଧ ହେଉଛନ୍ତି । ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ସବୁ ଚାଷ ଜମିକୁ ଜଳସେଚନର ସୁବିଧା କରିଚା ନିମନ୍ତେ ଜଳସେଚନ ମିଶନ ଗଠନ ପାଇଁ ବଜେଟରେ ଅର୍ଥର ଅନୁମୋଦନ କରାଯିବାକୁ ଦାବି ହୋଇଛି। ସମସ୍ତ ଉଠାଜଳସେଚନ ପ୍ରକଳ୍ପ ଓ ବୋରୱେଲଗୁଡ଼ିକ କାର୍ଯ୍ୟକ୍ରମ କରିବା ସଂଗେ ସଂଗେ ପୋତି ହୋଇଯାଇଥିବା ସମସ୍ତ ଜନସେଚନ ପ୍ରକଳ୍ପଗୁଡ଼ିକୁ ପୁନଃରୁଦ୍ଧାର କରିବା ପାଇଁ ଅର୍ଥର ଅନୁମୋଦନ କରିବାକୁ ଅନୁରୋଧ କରାଯାଇଛି। କୃଷିଜାତ ପଦାର୍ଥର ମାର୍କେଟିଙ୍ଗର ସୁବିଧା ନଥିବାରୁ ମଧ୍ୟସ୍ଥି ବେପାରୀମାନଙ୍କୁ କମ ଦରରେ ବିକି ଚାଷୀ କ୍ଷତି ସହୁଛନ୍ତି। ଏଣୁ ଚାଷରେ ଲାଭ ହେଉନଥିବାରୁ ଚାଷ ପ୍ରତି ଚାଷୀମାନେ ବିମୁଖ ହୋଇ ଚାଷ କାମ ଛାଡ଼ିବାକୁ ବାଧ ହେଉଛନ୍ତି। ଏଣୁ ପ୍ରତି ଜୋନରେ ଗୋଦାମ ଗୃହ ଓ ମିନି ଶୀତଳ ଭଣ୍ଡାର ନିର୍ମାଣ କରି ମାର୍କେଟିଙ୍ଗ ଅଫିସର ନିଯୁକ୍ତି ଦେବା, ସମସ୍ତ ଭାଗ ଚାଷୀଙ୍କୁ ଚାଷୀର ମାନ୍ୟତା, କୃଷିର ବିକାଶ ନିମନ୍ତେ ପଞ୍ଚାୟତସ୍ତରରେ ଯୋଜନା କରି କାର୍ଯ୍ୟକାରୀ କରିବା ବେଳେ ଚାଷୀ ପ୍ରତିନିଧିମାନଙ୍କୁ ସାମିଲ କରିବା, ଚାଷ କାମ ପାଇଁ ଅନ୍ୟ ରାଜ୍ୟ ଭଳି ବିଦ୍ୟୁତ କର ଛାଡ଼, ମାଙ୍କଡ଼ ଓ ଅନ୍ୟ ବନ୍ୟଜନ୍ତୁଙ୍କ କବଳରୁ ଫସଲର ସୁରକ୍ଷା ବ୍ୟବସ୍ଥା, ଶ୍ରମିକମାନଙ୍କୁ ଦୈନିକ ୫୦୦ ଟଙ୍କା ମଜୁରୀ, ଚାଷୀମାନଙ୍କୁ ମାସିକ ୩ ହଜାର ଟଙ୍କା ସାମାଜିକ ସୁରକ୍ଷା ଭତ୍ତା, ଛୋଟ ଓ ନାମ ମାତ୍ର ଚାଷୀଙ୍କୁ ସୋଲାର ପମ୍ପ ରିହାତି ଦେବାକୁ ଦାବି ହୋଇଛି।

# ଯୁବମୋର୍ଚ୍ଚା ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ



ଯୁବମୋର୍ଚ୍ଚା ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

ପୋଲସରା,୨୬ା୬(ସୁବ୍ରତ ବେହେରା)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍ପି ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ବୁଧବାର ଯୁବମୋର୍ଚ୍ଚା ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଗଞ୍ଜାମ ଘୁମୁସର ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ଜାଳି ପ୍ରାର୍ଥନା କରିବା ପରେ ପୋଲସରା ମେଡିକାଲରେ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ସେମାନଙ୍କୁ ଫଳ ବଣ୍ଟନ କରିଛନ୍ତି। ଉକ୍ତ ସମୟରେ ନଗର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଡାକୁଆ, ରାଜୀବ କୁମାର ଜେନା, ଗୁଟୁ ସେଠୀ, ନାରାୟଣ ମହାରଣା, କୃତ୍ତିବାସ ଗୌଡ, ମନୋଜ ଖଟୁଆ, ସୁନୀଲ ସେଠୀ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଜାଗାକୁ ନେଇ ଗୋଷ୍ଠୀ ବିବାଦ ଦୂରେଇବାକୁ ୧୪୪ ଧାରା ଜାରି

ଧରାକୋଟ,୨୬ା୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ):



ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ତାଳପାଟଣା ଛକଠାରେ ଏକ ଜାଗାକୁ ନେଇ ୨ ସମ୍ପ୍ରଦାୟ ମଧ୍ୟରେ ବିବାଦ ଉପୁଜିଛି। ଏହାକୁ ପ୍ରତିହତ କରିବା ପାଇଁ ଉକ୍ତ ଜାଗା ଉପରେ ମଙ୍ଗଳବାର ୧୪୪ ଧାରା ଜାରି କରାଯାଇଛି। ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚି ବିବାଦୀୟ ସ୍ଥାନରେ ନାଲି ପତାକା ପୋତିଛନ୍ତି। ଫଳରେ ସେହି ଜାଗା ଉପରେ କେହି ନିଜ ଅଧିକାରୀ ଜାହିର କରିପାରିବେ ନାହିଁ। ସୂଚନା ଅନୁଯାୟୀ, ଗତ ୧୭ ତାରିଖ ଇଦ୍-ଉଜ୍-ଜୁହାରେ ଧରାକୋଟ ଏବଂ ଆଖପାଖ ଗାଁର ମୁସଲମାନ ସମ୍ପ୍ରଦାୟର ଲୋକେ ସ୍ଥାନୀୟ ତାଳପାଟଣା ଛକ ପାର୍ଶ୍ୱ ଏକ ସ୍ଥାନରେ ପ୍ରାର୍ଥନା କରିଥିଲେ। ଏହାକୁ ହିନ୍ଦୁ ସମ୍ପ୍ରଦାୟର ଲୋକେ ବିରୋଧ କରିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମହାପାତ୍ର ଓ ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ୧୮ ତାରିଖରେ ଥାନା ପରିସରରେ ଏଟିଓ ଗଣେଶ ଦଳେଇ, ଏସ୍ଡିପିଓ ମହାପାତ୍ର ଓ ଥାନା ଅଧିକାରୀ ଉଭୟ ସମ୍ପ୍ରଦାୟର ଲୋକଙ୍କ ସହ ପୃଥକ୍ ଭାବେ ଆଲୋଚନା କରି ମତାମତ ସଂଗ୍ରହ କରିଥିଲେ। ସମ୍ପୃକ୍ତ ବିବାଦୀୟ ସ୍ଥାନରେ ୧୯୮୫ରେ କବର ସ୍ଥାନ ଚିହ୍ନଟକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିଲା। ସେ ସମୟରେ ଏସ୍ଡିଜେଏମ୍ କୋର୍ଟ ଏହାର ବିଚାରକରି କବର ସ୍ଥାନ ପାଇଁ ଅନ୍ୟତ୍ର ଜାଗା ଯୋଗାଇଦେବାକୁ ନିର୍ଦ୍ଦେଶ ଦେବାରୁ ତାହା କାର୍ଯ୍ୟକାରୀ ହୋଇଥିଲା। ତେବେ ୩୯ ବର୍ଷ ପରେ ପୁଣି ସେହି ବିବାଦୀୟ ସ୍ଥାନରେ ମୁସଲମାନ ସମ୍ପ୍ରଦାୟ ପ୍ରାର୍ଥନା କରିବା ପାଇଁ ପହଞ୍ଚିବାରୁ ହିନ୍ଦୁ ସମ୍ପ୍ରଦାୟର ଲୋକେ ବିରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନା ଆଡ଼କୁ ଯିବା ପୂର୍ବରୁ ପ୍ରଶାସନ ସମୟୋଚିତ ପଦକ୍ଷେପ ଗ୍ରହଣ କରିଛି।

## ପିକ୍ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଚାଳକ ମୃତ

ନୂଆଗଡ଼,୨୬ା୬(ଯୋଗ୍ୟବନ୍ତ ପରିଛା)

ଗଜପତି ଜିଲା ସେରଙ୍ଗ ଥାନା ତଥା ନୂଆଗଡ ବ୍ଲକ ତାରମାଙ୍ଗଡା ନିକଟ କାଜୁ ଜଙ୍ଗଲ ବୁଲାଣି ରାସ୍ତାରେ ମଙ୍ଗଳବାର ଏକ ପିକ୍ଅପ୍ ଭ୍ୟାନ୍ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ଗୁଣପୁର ଶାନ୍ତି ନଗରର ଯିପ୍ତହ କାଡ୍ରାକା (୨୪)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା’ ଗୁରୁତର ଆହତ ହୋଇଛନ୍ତି।

କୌଣସି ଏକ କାମରେ ବାଇକ (ନଂ. ଓଡି୧୮ଏମ୯୪୬୨) ରେ ଯିପ୍ତହ ଗୁଣପୁରଠାରୁ ନିଜ ମା’ଙ୍କୁ ନେଇ ବଡ଼ପଦା ଆସୁଥିବା ବେଳେ ବାଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ (ନଂ. ଓଡି୦୨ବିୟୁ୧୨୧୦) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଖବରପାଇ ଖଜୁରିପଦା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ମା’ ପୁଅଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଯିପ୍ତହଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସହାୟତା ଦାବି ନେଇ ଆତ୍ମୀୟଙ୍କ ପକ୍ଷରୁ ମେଡିକାଲରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ସେରଙ୍ଗ ଥାନାଧିକାରୀ ନଳେଣୀ କୁମାରୀ କହଁର ଏବଂ ଖଜୁରିପଦା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଜାଗାରାଙ୍ଗ ସମେତ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ସ୍ଥିତି ଶାନ୍ତ ପଡ଼ିବାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ପଠାଇଥିଲା।

# ଚେନ୍ନାଇରେ ଦାଦନ ଶ୍ରମିକ ନିଖୋଜ

## ଖୋଜି ଆଣିବାକୁ ଅନୁରୋଧକଲେ ବାପା





ଧରାକୋଟ,୨୬ା୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ଥାନା ଅନ୍ତର୍ଗତ ଘୋଡ଼ାପଲ୍ଲୀ ଗ୍ରାମର ଜଣେ ଦାଦନ ଶ୍ରମିକ ନିଖୋଜ ହୋଇଯାଇଛନ୍ତି। ପ୍ରାୟ ୧ ବର୍ଷ ପୂର୍ବରୁ ଘୋଡ଼ାପଲ୍ଲୀ ଗ୍ରାମର ବିଦେଶୀ ନାୟକ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ମେ ୧୭ ତାରିଖରେ ସେ ଟ୍ରେନ୍ ଯୋଗେ ଫେରୁଥିବା ବେଳେ ଚେନ୍ନାଇ ରେଳ ଷ୍ଟେଶନରେ ନିଖୋଜ ହୋଇ ଯାଇଥିବା ଖବର ପାଇବା ପରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ପୁଅକୁ ଖୋଜି ଆଣିବାକୁ ବିଦେଶୀଙ୍କ ବାପା ଭଗବାନ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଅନୁରୋଧପତ୍ର ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ପ୍ରଦାନ କରିଛନ୍ତି।

ଭଗବାନଙ୍କ ପରିବାରର ସମସ୍ତ ସଦସ୍ୟ ଦିନ ମଜୁରି ଲାଗି ଚଳନ୍ତି। ଆର୍ଥିକ ଅନଟନ ଦୂର କରିବା ପାଇଁ ବଡ଼ପୁଅ ଅନ୍ୟତ୍ର ରହୁଥିବା ବେଳେ ସାନପୁଅ ବିଦେଶୀ ଦାଦନ ଖଟିବାକୁ କେରଳ ଯାଇଥିଲେ। ସେ ମେ ୧୭ ତାରିଖରେ ଘରକୁ ଆସିବେ ବୋଲି ୧୬ ତାରିଖରେ ନିଜ ମୋବାଇଲ ଫୋନ୍ରେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ତେବେ ୧୭ ତାରିଖରେ ବିଦେଶୀ ନିଖୋଜ ହୋଇଯାଇଥିବା ଜାଣିବା ପରେ ତାଙ୍କ ବାପା ଭଗବାନ ଚେନ୍ନାଇ ଯାଇ ଷ୍ଟେଶନ ଓ ଏହାର ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ନିରାଶ ହୋଇ ଫେରିଥିଲେ। ଏହାପରେ ସେ ବ୍ରହ୍ମପୁର ଜିଆର୍ପି ଥାନା, ସଦର ଥାନା, ବିଶାଖାପାଟଣା ଜିଆର୍ପି ଥାନା, ଚେନ୍ନାଇ ଜିଆର୍ପି ଥାନା, ଏର୍ନାକୁଲମ ଜିଆର୍ପି ଓ ଗଞ୍ଜାମ ଜିଲାପାଳ, ଏସ୍ପିଙ୍କୁ ପତ୍ର ଲେଖି ପୁଅକୁ ଖୋଜି ଆଣିବାକୁ ଅନୁରୋଧ କରିଛନ୍ତି । ପ୍ରଶାସନ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଉ ଥିବାରୁ ଭଗବାନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ସାପ କାମୁଡ଼ାରେ ମହିଳା ମୃତ

ଗଞ୍ଜାମ,୨୬ା୬(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ. ୪ ରାଉଳ ସାହିର ମିନତୀ ଗୌଡ଼ଙ୍କ ସାପ କାମୁଡାରେ ବୁଧବାର ମୃତ୍ୟୁ ଘଟିଛି। ମୃତ ମିନତୀ ପୁଅକୁ ଟିଉଶନରୁ ଆଣିବାକୁ ଯାଉଥିବା ବେଳେ ଘର ପାଖରେ ଏକ ବିଷାକ୍ତ ସାପ କାମୁଡିବା ପରେ ଘରକୁ ଫେରି ଆସି ଅଚେତ ହୋଇପଡ଼ିଲେ। ତାଙ୍କ ସ୍ୱାମୀ କାଲୁ ଗୌଡ଼ ସଙ୍ଗେ ସଙ୍ଗେ ଏକ ଅଟୋ ଯୋଗେ ପ୍ରଥମେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ସ୍ୱାମୀ କାଲୁ ଏତଲାରେ ଦର୍ଶାଇଛନ୍ତି।

# ପ୍ରଭୁପ୍ରୀତ ଭବନ ଉଦ୍ଘାଟିତ

କବିସୂର୍ଯ୍ୟନଗର,୨୬ା୬(କୃପାସିନ୍ଧୁ ସ୍ୱାଇଁ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆସିକା ସେବାକେନ୍ଦ୍ର ଉପଶାଖା କବିସୂର୍ଯ୍ୟନଗର ଆଇବି ଛକସ୍ଥିତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନବ ନିର୍ମିତ ଉପ ସେବାକେନ୍ଦ୍ର ‘ପ୍ରଭୁପ୍ରୀତ ଭବନ’ ବୁଧବାର ଉଦଘାଟିତ ହୋଇଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ରାଜଯୋଗିନୀ ବ୍ରହ୍ମା କୁମାରୀ ଉର୍ମିଳା ଦିଦି ଓ ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା ଦିଦି ଯୋଗ ଦେଇ ପ୍ରଭୁପ୍ରୀତ ଭବନକୁ ଉଦଘାଟନ କରିଥିଲେ। ଏହି ଅବସରରେ ମିନି ଷ୍ଟାଡିୟମରେ ଆଧ୍ୟାତ୍ମିକ ସମାବେଶ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବହୁମୁଖୀ କାର୍ଯ୍ୟକ୍ରମର




ଆଧ୍ୟାତ୍ମିକ ସମାବେଶରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପ୍ରଶଂସା କରିବା ସହିତ ସମସ୍ତ ଭଉଣୀ ଭାଇଙ୍କୁ ସାଧୁବାଦ ଜଣାଇଥିଲେ। ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ପଡ଼ିଆରୀ ତଥା ସହରର ସମସ୍ତ ବୁଦ୍ଧିଜୀବୀ ପରମାତ୍ମାଙ୍କ କାର୍ଯ୍ୟରେ ସହଯୋଗୀ ହୋଇ ଆଗକୁ ବଢିବାକୁ ସଂକଳ୍ପ ବଦ୍ଧ ହୋଇଥିଲେ। ଆସିକା ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟ ନଗର ପ୍ରଭୁ ପ୍ରୀତ ଭବନ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ସୁଜ୍ଞାନୀଙ୍କ ଦ୍ୱାରା ଜିଲାର ବିଭିନ୍ନ ସେବା କେନ୍ଦ୍ର ସଞ୍ଚାଳିକାଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର କୃଷ୍ଣ, ବ୍ରହ୍ମାକୁମାର ଅକ୍ଷୟ ଓ ବ୍ରହ୍ମାକୁମାର ଦିଲ୍ଲୀପ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମପୁର ସବ ଜୋନ୍ର ୧୫ଶହ ଭଉଣୀ ଭାଇ ଯୋଗ ଦେଇଥିଲେ।

# ଲକ୍ଷ୍ମୀ ନାରାୟଣ କଲେଜରେ ନିଶାମୁକ୍ତ ଭାରତ ସଚେତନତା

କୋଦଲା,୨୬ା୬
(ଅମିତ କୁମାର ପଟ୍ଟନାୟକ)

କୋଦଲା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ରଞ୍ଜୁବାଳା ନନ୍ଦ, ଏକାଡେମୀକ ଅଧିକାରୀ ବିନୋଦ କୁମାର ମିଶ୍ର ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ପଣ୍ଡା, ସାଗରିକା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ସମସ୍ତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନିଶା ନିବାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଇତିହାସ ବିଭାଗୀୟ ଅଧ୍ୟାପକ ସପନ କୁମାର ଦାସ, ଗୃହଲକ୍ଷ୍ମୀ ସାହୁ, ଓଡ଼ିଆ ବିଭାଗୀୟ ଅଧ୍ୟାପିକା ଡକ୍ଟର ଜ୍ୟୋତ୍ସ୍ନା ରାଣୀ ସାହୁ, ଯୁବ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ରତ୍ନାକର ପ୍ରଧାନ ଯୋଗଦେଇ କାର୍ଯକ୍ରମକୁ ସଫଳ ରୂପାୟନ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଶାମୁକ୍ତ ସମ୍ପର୍କରେ ଶପଥ ପାଠ କରାଇଥିଲେ। ଶେଷରେ ଡକ୍ଟର ପ୍ରଦୀପ କୁମାର ପଣ୍ଡାଙ୍କ ଧନ୍ୟବଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ନିଶା ନିବାରଣ ଦିବସ ପାଳିତ



ଶୋଭାଯାତ୍ରାର ଶୁଭାରମ୍ଭ ।

ଛତ୍ରପୁର,୨୬ା୬
(ସନ୍ତୋଷ ପାଢ଼ୀ/ଦିଳୀପ ସାମଲ):

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରଠାରେ ବିଶ୍ୱ ନିଶା ନିବାରଣ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ବିରାଟ ସଚେତନତା ଶୋଭାଯାତ୍ରା ବାହାରି ଛତ୍ରପୁର ସହର ପରିକ୍ରମା ପୂର୍ବକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ବିଭାଗ, ଜିଲା ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି, ଉପ ଜିଲାପାଳ ଦେବବ୍ରତ ମହନ୍ତ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପି. ପଦ୍ମା, ଜିଲା ଅବକାରୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ସମେତ ଜିଲାର ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ, ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରି ଆନ୍ତର୍ଜାତୀୟ ନିଶା ନିବାରଣ ଓ ବେଆଇନ ନିଶା ବେପାର ବିରୋଧି ଦିବସକୁ ପାଳନ କରିଥିଲେ । ଏହି ଦିବସର ସଚେତନତା ସୃଷ୍ଟି ସକାଶେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଲିଖନ, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିରିକ୍ତ ଜିଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରିଥିଲେ।

# ଛାତ୍ରୀମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି

## କଲେଜ ପରିଚାଳନା କମିଟି ଖୁବ୍ ଶୀଘ୍ର ଭଙ୍ଗ ହେବ

ଭଞ୍ଜନଗର,୨୬/୬(ବାବୁଲା ପ୍ରଧାନ)- ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବୁଧବାର ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ଛାତ୍ରୀ ଏବଂ କଲେଜ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଛାତ୍ରୀମାନେ କମନ ରୁମ ଏବଂ ଛାତ୍ରୀ ନିବାସ ଅଭାବ ସମ୍ପର୍କରେ କହିଥିଲେ। ଛାତ୍ରୀମାନଙ୍କ ପାଇଁ କମନରୁମ ବ୍ୟବସ୍ଥା ଏବଂ ଚଳିତ ଶିକ୍ଷା ବର୍ଷରୁ ନିର୍ମାଣାଧୀନ ଛାତ୍ରୀ ନିବାସ ତୁରନ୍ତ ଖୋଲିବାକୁ ବିଧାୟକ ଶ୍ରୀ ନାୟକ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ତାହାର ସୁଫଳ ଛାତ୍ରୀ ମାନେ ଆଗାମୀ ଦିନରେ ପାଇବେ। କଲେଜରେ କେତେକ ପଦବୀ ଖାଲି ଥିବା ଯୋଗୁଁ କଲେଜ ପରିଚାଳନାରେ ଅସୁବିଧା ହେଉଛି।



ବିଧାୟକ ମହିଳା କଲେଜରେ ଆଲୋଚନା କରୁଛନ୍ତି।

ତେଣୁ ଖାଲି ଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯିବ। ପରିଚାଳନା କମିଟି ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦରମା ବୃଦ୍ଧି ବ୍ୟବସ୍ଥା କରାଯିବ। ଖୁବ ଶୀଘ୍ର ରାଜ୍ୟର ସମସ୍ତ କଲେଜର ପରିଚାଳନା କମିଟିଙ୍କୁ ଭଙ୍ଗା ଯିବ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ନୂତନ ପରିଚାଳନା କମିଟି ଗଠନ ପରେ କଲେଜର ଆହୁରି ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ନାୟକ କଲେଜ କର୍ମଚାରୀଙ୍କ ସହ ଆଲୋଚନା ସମୟରେ ତାହା କହିଛନ୍ତି। ବିଧାୟକଙ୍କ ପରିଦର୍ଶନ ସମୟରେ ଭାଜପା ନେତା ଧୋବା ଗୌଡ, ଶିବ ଶଙ୍କର ପ୍ରଧାନ, ସୁବାସ ବରାଡ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଅପରାହ୍ନରେ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିଜ ନିର୍ବାଚନ ମଣ୍ଡଳୀର ବରିଷ୍ଠ ଅଧିକାରୀମାନଙ୍କୁ ଡାକି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ରାଜ୍ୟର ଏକ ଅଗ୍ରଣୀ ନିର୍ବାଚନ ମଣ୍ଡଳୀ କିଭଳି ହୋଇପାରିବ ତାହାକୁ ଆଖି ଆଗରେ ରଖି ପଦକ୍ଷେପ ନେବାକୁ ଶ୍ରୀ ନାୟକ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଉପ ଜିଲ୍ଲାପାଳ ଅନୀଲ କୁମାର ସେଠୀ, ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବିଡ଼ିଓ ଏବଂ ତହସିଲଦାର, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ରସାୟନ ବିଜ୍ଞାନ ବିଭାଗରେ ପାଠଚକ୍ର

ଛତ୍ରପୁର, ୨୬।୬ (ଦିଲୀପ ସାମଲ): ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡଃ ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପୂର୍ବତନ ଛାତ୍ରୀ ତଥା ଏନଆଇଟି ଭୋପାଳର ସହକାରୀ ପ୍ରାଧ୍ୟାପିକା ଡଃ ସୁକାନ୍ତି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ 'ରିସେଣ୍ଟ ଟ୍ରେଣ୍ଡ ଇନ ଇନଅର୍ଗାନିକ କେମିଷ୍ଟ୍ରି' ଶୀର୍ଷକରେ ଉଦବୋଧନ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡଃ ଲକ୍ଷ୍ମୀ ନାରାୟଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଅଧ୍ୟାପକ ଡଃ ବିଷ୍ଣୁ ପ୍ରସାଦ ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ପିଙ୍କି ରାଣୀ ବେଜ ନିଜ ଉଦବୋଧନରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଭାଗ ଅଧ୍ୟାପକ ଡଃ ତରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ରାଜବାଳା ତ୍ରିପାଠୀ, ବାଦଲ ସାହୁ, ପ୍ରଦ୍ୟୁମ୍ନ ମଢ଼େଇ ଏବଂ ମନୋରଞ୍ଜନ ମହାରଣା ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ କଣ୍ଟାବଣ ସାହି



ପାରଳାଖେମୁଣ୍ଡି, ୨୬।୬ (ଗିରିଧାରୀ ପରିଛା): ସ୍ୱାଧୀନତାର ୭୭ ବର୍ଷ ପରେ ବି ବିଜୁଳି ଆଲୁଅରୁ ବଞ୍ଚିତ ଉପାନ୍ତ ଅଞ୍ଚଳବାସୀ। ଆଲୁଅ ବିନା ଘରଠାରୁ ଗାଁ ପର୍ଯ୍ୟନ୍ତ ପାଳିଛନ୍ତି ଘନ ଅନ୍ଧକାର। ଡିବିରି ଆଲୁଅ ଲିଭିଗଲା ପରେ ପୁରା ଗ୍ରାମ ଯେମିତି ଖାଁ ଖାଁ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୂଆଗଡ ବ୍ଲକ ବଣ ପାହାଡ଼ ଘେରା ମଧ୍ୟରେ ଥିବା ପାରାଗୁଲ ଗାଁର କଣ୍ଟାବଣ ସାହିରେ। ଏହି ସାହିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାରରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ। ସୂଚନା ପ୍ରକାରେ, ୨୦୧୯ରେ ପ୍ରଶାସନ ଦ୍ୱାରା ଗାଁକୁ ବିଦ୍ୟୁତ ସଂଯୋଗ କରିବା ନିମନ୍ତେ ଗାଁରେ ଘରେ ଘରେ ମିଟର ବକ୍ସ ବସାଯାଇଛି। ହେଲେ ବିଦ୍ୟୁତ ସଂଯୋଗ ନ କରି ଛାଡିଦିଆଯାଇଛି। ପାହାଡ଼ ଜଙ୍ଗଲ ଘେରା ଭିତରେ ରହିଥିବା ଏହି ଗାଁ ଲୋକେ ରାତି ହେଲେ ଭୟଭୀତ ଅବସ୍ଥାରେ ରହିବା ସହ ଚାହିଁ ବସିଛନ୍ତି ବିଜୁଳି ଆଲୁଅକୁ। ସବୁଠାରୁ ବଡ଼କଥା ହେଲା ଖରା ଦିନରେ ଅତିଶୟ ଗରମରେ ପଙ୍ଖାଟିଏ ବି ଲଗେଇ ପାରୁନାହାନ୍ତି। ଛାତ୍ରୀଛାତ୍ରମାନେ ଅନଲାଇନ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅନେକ ଥର ପ୍ରଶାସନକୁ ଅଭିଯୋଗ କରିଥିଲେ ବି କେବଳ ପ୍ରତିଶ୍ରୁତି ଦେଉଥିବା କହିଛନ୍ତି ଗ୍ରାମବାସୀ। ଗାଁକୁ ଯେମିତି ଶୀଘ୍ର ବିଜୁଳି ସଂଯୋଗ କରାଯାଇପାରିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ଆର୍ ଉଦୟଗିରି ବିଦ୍ୟୁତ ବିଭାଗ ଅଧିକାରୀ ଦିଲୀପ କୁମାର ଲେଙ୍କା। ଗାଁ ଗାଁ କୁ ବିଜୁଳି ଆଲୁଅ ଯୋଗାଇବା ନିମନ୍ତେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଦ୍ୟୁତ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ଆଜି ମଧ୍ୟ ବିଜୁଳି ଆଲୁଅ ସାତ ସପନ ହୋଇ ରହିଛି ଏହି ଗ୍ରାମବାସୀ ଙ୍କ ପାଇଁ। ତେବେ ଆଗକୁ ଦେଖିବାକୁ ବାକି ରହିଲା କେବେ ଏହି ଗ୍ରାମବାସୀ ଅନ୍ଧାରୀରୁ ବାହାରି ବିଜୁଳି ଆଲୁଅ ଦେଖିପାରୁଛନ୍ତି।

## ଯାତ୍ରାରେ ନିଶା ନିବାରଣ ସଚେତନତା ବାର୍ତ୍ତା

ଆସିକା, ୨୬।୬ (ସୁରେନ୍ଦ୍ର ନାଥ ସାହୁ): ଆସିକା ସହରରେ ଚାଲିଥିବା ମା' ଫୁଲକେଶନୀ ଠାକୁରାଣୀଙ୍କ ଯାତ୍ରାରେ ବୁଧବାର କବିସୂର୍ଯ୍ୟନଗରର ସାମାଜିକ କର୍ମୀ ଏ. ବ୍ରହ୍ମାନନ୍ଦ ଆଚାରୀ ଭାଲୁ ବେଶରେ ସଜ୍ଜିତ ହୋଇ ନିଶା ନିବାରଣ ଲାଗି ସଚେତନତା ବାର୍ତ୍ତା ଦେଇଥିଲେ। ନିଶା ନିବାରଣ ଦିବସ ଅବସରରେ ମାଦକ ଦ୍ରବ୍ୟ ମଦ, ଗଞ୍ଜେଇ, ଅଫିମ, ଚରସ, ତମାଖୁ ଓ ଧୁମପାନ ଭଳି ମାରାତ୍ମକ ନିଶାରୁ ଦୂରେଇ ରହିବାକୁ ଲୋକଙ୍କୁ ସଚେତନ କରିଛନ୍ତି।

## ଆଦିବାସୀ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ

ବାଲିଗୁଡ଼ା, ୨୬।୬ (ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ବୁଡ୍ଡୁକିଆ ଆଶ୍ରମ ବିଦ୍ୟାଳୟର ଜଣେ ଆଦିବାସୀ ଛାତ୍ରୀଙ୍କ ବୁଧବାର ମୃତ୍ୟୁ ଘଟିଛି। ବୁଡ୍ଡୁକିଆ ଆଶ୍ରମ ବିଦ୍ୟାଳୟର ଛାତ୍ରାବାସରେ ରହି କୁଟିକିଆ ଗ୍ରାମ ପଞ୍ଚାୟତର ସରୁକୁଇ ଗ୍ରାମର ଆଦିବାସୀ ଛାତ୍ରୀ ମିତା ମଲ୍ଲିକ ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ । ଗତ ଦୁଇଦିନ ହେବ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିଲା। ବୁଧବାର ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଡକାଇ ମିତା ମଲ୍ଲିକଙ୍କୁ ଚିକିତ୍ସା ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ ଚିକିତ୍ସିତ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଝିଅର ମୃତଦେହକୁ ନେଇ ପରିବାର ଲୋକେ ସରୁକୁଇ ଗ୍ରାମକୁ ଫେରିଛନ୍ତି।

## ଖଲ୍ଲିକୋଟ କୋର୍ଟରେ ସବଜଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖଲ୍ଲିକୋଟ, ୨୬।୬ (ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ କୋର୍ଟ ପରିସରରେ ବୁଧବାର ସବ ଜଜ୍ ଜୟପ୍ରକାଶ ନାଏକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ବଉଦ କୋର୍ଟକୁ ରେଜିଷ୍ଟ୍ରର ରୂପେ ବଦଳି ହୋଇଛନ୍ତି। ଏହି ଅବସରରେ ଖଲ୍ଲିକୋଟ ବାର ସଭାପତି ନିଳାମ୍ବର ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଏଡିଜେ ଆଶୁତୋଷ ଦାଶ, ଜେଏମ୍‌ଏଫ୍‌ସି ପ୍ରଭାତୀ ରଣା, ସମ୍ପାଦକ ଜୋତିଶ କୁମାର ନନ୍ଦ, ସହ ସମ୍ପାଦକ ରଞ୍ଜନ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ରଥ, ଚକ୍ରପାଣି ସ୍ୱାଇଁ, ପ୍ରଶାନ୍ତ କୁମାର ପଣ୍ଡା, ସୀମାଞ୍ଚଳ ବେହେରା, ସୁଧାଂଶୁ ଶେଖର ସାହୁ, ସନ୍ତୋଷ କୁମାର ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଆଜିଠୁ ଦୁଇଦିନ ସପ୍ତଠାକୁରାଣୀଙ୍କ ବିଶ୍ରାମ



ସପ୍ତ ଠାକୁରାଣୀଙ୍କ ସନ୍ଧ୍ୟା ଆଳତି।

ଆସିକା, ୨୬।୬ (ସୁରେନ୍ଦ୍ର ନାଥ ସାହୁ): ଆସିକା ଲାଲାଗୋର୍ଜି ଛକଠାରେ ଚାଲିଥିବା ମା ଫୁଲକେଶିନୀ ଠାକୁରାଣୀଙ୍କ ଯାତ୍ରା ବୁଧବାର ନବମ ଦିନରେ ପହଞ୍ଚିଛି। ଅପରପକ୍ଷରେ ଯାତ୍ରାରେ ସପ୍ତ ଠାକୁରାଣୀଙ୍କ ଘଟ ପରିକ୍ରମା ପଞ୍ଚମ ଦିନରେ ପହଞ୍ଚିଛି। ବୁଧବାର ସନ୍ଧ୍ୟାରେ ଅସ୍ଥାୟୀ ପୀଠରେ ଠାକୁରାଣୀଙ୍କ ଆଳତୀ ପରେ ମାନସିକଧାରୀ ମହିଳାମାନେ ସପ୍ତ ଠାକୁରାଣୀଙ୍କ ଘଟକୁ ମୁଣ୍ଡରେ ଧରି ନଗର ପରିକ୍ରମାରେ ସାମିଲ ହୋଇଥିଲେ । ସପ୍ତଦେବୀଙ୍କ ଘଟ ଅସ୍ଥାୟୀ ପୀଠ ଲାଲାଗୋର୍ଜି ଛକରୁ ବାହାରି ଗାୟତ୍ରୀନଗର, ଦଣ୍ଡାସି ସାହି, ତୋଟା ସାହି, ତୋଟା ବାଉରୀ ସାହି, ତୋଟା ହରିଜନ ସାହି, ବୋର୍ଡ ସ୍କୁଲ, ସାଇ ମନ୍ଦିର, ଜୋକବନ୍ଧ ସାହି, ଆର୍ବନ ବ୍ୟାଙ୍କ ରୋଡ, ସୁବର୍ଣ୍ଣପେଟା ସାହି ପର୍ଯ୍ୟନ୍ତ ପରିକ୍ରମା ପରେ ଅସ୍ଥାୟୀ ମନ୍ଦିରକୁ ଫେରିଥିଲେ । ଅପରପକ୍ଷେ ଗତ ୫ଦିନ ଧରି ଯାତ୍ରା ପରିସରଭୁକ୍ତ ବିଭିନ୍ନ ସାହି ବସ୍ତିକୁ ନେଇ ଗଠନ କରାଯାଇଥିବା ସମସ୍ତ ଜୋନରେ ସପ୍ତ ଠାକୁରାଣୀଙ୍କ ଘଟ ପରିକ୍ରମା ସରିଛି। ଗୁରୁବାର ଓ ଶୁକ୍ରବାର ୨ଦିନ ଅସ୍ଥାୟୀ ପୂଜା ମଣ୍ଡପରେ ଠାକୁରାଣୀଙ୍କ ବିଶ୍ରାମ ଲାଗି ଧାର୍ଯ୍ୟ କରାଯାଇଛି। ଶନିବାର ଅନ୍ତିମ ପର୍ଯ୍ୟାୟରେ ସପ୍ତଠାକୁରାଣୀଙ୍କ ଘଟ ସମଗ୍ର ଯାତ୍ରା ପରିସରଭୁକ୍ତ ଅଞ୍ଚଳ ପରିକ୍ରମା ଲାଗି ସ୍ଥିର ହୋଇଛି । ଅସ୍ଥାୟୀ ମଣ୍ଡପରେ ରିତିମତ ପୂଜାର୍ଚ୍ଚନା ଓ ଯଜ୍ଞ ମଣ୍ଡପରେ ଘୃତଯଜ୍ଞ ଚାଲୁ ରହିଛି । ଯାତ୍ରା ଉତ୍ସବରେ ରଙ୍ଗୀନ ଆଲୋକମାଳା ଓ ବିଭିନ୍ନ ସାହିବସ୍ତିରେ ହୋଇଥିବା ମେଢ ସାଙ୍ଗକୁ ମୀନା ବଜାର ଓ ରାମଦୋଳି ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ବଢି ଚାଲିଛି ।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଖଜୁରିପଡ଼ା, ୨୬।୬ (ବିଦୁର ବେହେରା): ଖଜୁରିପଡ଼ା ସ୍ଥିତ ପେଟ୍ରୋଲପମ୍ପ ରାସ୍ତା ମଶାଣି ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଦଳପଡା ଗ୍ରାମପଞ୍ଚାୟତ ବାଦ୍ରିପାଙ୍ଗୁ ଗ୍ରାମର ସହଦେ କହଁର। ଖଜୁରିପଡ଼ା ପଟରୁ ପେଟ୍ରୋଲପମ୍ପ ରାସ୍ତାରେ ଯାଉଥିବା ବେଳେ ହଠାତ କୌଣସି କାରଣରୁ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକରେ ଥିବା ତିନି ଜଣ ଆହତ ହୋଇଥିଲେ। ସେମାନଙ୍କୁ ଖଜୁରୀପଡା ମେଡିକାଲରେ ଚିକିତ୍ସା କରାଯାଇ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସହଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖଜୁରିପଡା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି ଗ୍ରାମବାସୀ



ମୋହନା, ୨୬।୬ (ମନ୍ମଥ ମିଶ୍ର) ମୋହନା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ବିରିକୋଟ ଓ ମାଣ୍ଡିମେରା ଅଞ୍ଚଳରେ ବୁଧବାର ପ୍ରାୟ ୨ ଘଣ୍ଟା ଧରି ପ୍ରବଳ ବର୍ଷା ହେବାରୁ ହରଭଙ୍ଗି ନଦୀ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ବିପଦ ସଙ୍କୁଳ ଅବସ୍ଥାରେ ଗ୍ରାମବାସୀ ନଦୀ ପାର ହୋଇ ଗାଁକୁ ଫେରୁଛନ୍ତି। ନଦୀ ସେପଟେ ମାତାକୁପା, ନିମବାଡ ଓ ନାପକେଞ୍ଜୁ ଗ୍ରାମବାସୀ ବସବାସ କରୁଥିବା ବେଳେ ବୁଧବାର ଗାଁ ଲୋକମାନେ ମାଣ୍ଡିମେରା ଦୈନିକ ବଜାର ପାଇଁ ଆସିଥିଲେ। ଦୁଇ ଘଣ୍ଟା ଧରି ପ୍ରବଳ ବର୍ଷା ହେବାରୁ ନଦୀ ଜଳ ସ୍ତର ବୃଦ୍ଧି ପାଇଥିଲା। ତେଣୁ କାଦୁଅ ରାସ୍ତା ଅତିକ୍ରମ କରିବା ସହ ନଦୀ ପାରହୋଇ ସେମାନେ ଗାଁକୁ ଫେରିଥିଲେ। ଆଜି ଯାଏ ସେଠାରେ ପୋଲ ନିର୍ମାଣ ହୋଇ ପାରିନାହିଁ। ଏଣୁ ପୋଲଟିଏ ନିର୍ମାଣ କରିବାକୁ ଅଞ୍ଚଳବାସୀ ସରକାରଙ୍କୁ ଗୁହାରୀ କରିଛନ୍ତି।

# କ୍ରୀଡ଼ାଙ୍ଗନ ତାଲିମ୍ ଉଦ୍‌ଯାପିତ

ବେଲଗୁଣ୍ଠା, ୨୬।୬ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ କ୍ରୀଡ଼ା ଶିକ୍ଷକମାନଙ୍କୁ ନେଇ ବେଲଗୁଣ୍ଠା ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟରେ ଗତ ସୋମବାର ଠାରୁ ଚାଲିଥିବା କ୍ରୀଡ଼ାଙ୍ଗନ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ୍‌ର ୨୪ ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଅନୁଷ୍ଠିତ ଏହି ଶିବିରରେ କ୍ରୀଡ଼ା ପ୍ରଶିକ୍ଷକ ଦୁର୍ଗା ମାଧବ ଶତପଥୀ ଏବଂ ବିଭୂତି ଭୂଷଣ ପ୍ରଧାନ କ୍ରୀଡ଼ାର ବିଭିନ୍ନ କୌଶଳ ଏବଂ ଦକ୍ଷତା ବିକାଶ ଉପରେ ତାଲିମ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ, ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣା, ବେଲଗୁଣ୍ଠା ବ୍ଲକ୍ କ୍ରୀଡ଼ା ସମ୍ପାଦକ ଆଶୁତୋଷ କୁମାର ସ୍ୱାଇଁ ଅତିଥି ରୂପେ ଯୋଗଦେଇ ତାଲିମ୍‌ର ବିଷୟବସ୍ତୁକୁ କାର୍ଯ୍ୟକ୍ଷେତ୍ରରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ବେଲଗୁଣ୍ଠା ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଦୀପ୍ତ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଚୈତନ୍ୟ ଦେବୀ ମଣ୍ଡପରେ ଚେତନ ଲୀଳା

ଛତ୍ରପୁର, ୨୬।୬ (ସନ୍ତୋଷ ପାଢ଼ୀ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖା ଶାନ୍ତି ଅନୁଭୂତି ଭବନ କେନ୍ଦ୍ର ପକ୍ଷରୁ ଛତ୍ରପୁର ଷ୍ଟାଡିୟମ ପରିସରରେ ଚୈତନ୍ୟ ଦେବୀ ମଣ୍ଡପରେ ଚେତନ ଲୀଳା ଅଭିନୀତ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତ୍ରପୁର ପ୍ରେସ କ୍ଲବ ସଭପତି ରବିନ୍ଦ୍ର ନାଥ ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ ପ୍ରେସ କ୍ଲବ କୋଷାଧକ୍ଷ କେ.ସତ୍ୟନାରାୟଣ ରେଡ୍ଡୀ, ବରିଷ୍ଠ ଶିକ୍ଷକ ନାରାୟଣ ପାତ୍ର ଯୋଗଦେଇ କଳାକାର ଭାଇ ଏବଂ ସଂସ୍ଥାନର ଭାଇମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶଥାଉ କି, ଛତ୍ରପୁରରେ ଚାଲିଥିବା ଠାକୁରାଣୀ ଯାତ୍ରା ମେଳା ପସରାରେ ଦର୍ଶକଙ୍କୁ ଆଧାତ୍ମିକ ଈଶ୍ୱରୀୟ ଜ୍ଞାନରେ ପ୍ରଭାବିତ କରିବା ନେଇ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶବିଦ୍ୟାଳୟ ଛତ୍ରପୁର ଶାଖା ପକ୍ଷରୁ ଏହି ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଦର୍ଶକଙ୍କୁ ଆଧାତ୍ମିକ ଈଶ୍ୱରୀୟଜ୍ଞାନ ଓ ଈଶ୍ୱରୀୟ ସନ୍ଦେଶ ଓ ବିଶ୍ୱାସରେ ପ୍ରଭାବିତ କରିବା ପାଇଁ ଛତ୍ରପୁରର ବ୍ରହ୍ମାକୁମାରୀ ସଂସ୍ଥାନ ବିହିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ ଗୀତିନାଟ୍ୟ ମାଧ୍ୟମରେ ପରିବେଷଣ କରି ଜନତାଙ୍କୁ ଈଶ୍ୱରୀୟଜ୍ଞାନ ଓ ସନ୍ଦେଶରେ ଆକର୍ଷିତ କରିବାରେ ଏକ ସୁନ୍ଦର ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଆଶ୍ରମ ସଞ୍ଚାଳିକା ବ୍ରହ୍ମାକୁମାରୀ ବିଜୟଲକ୍ଷ୍ମୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ନେତୃତ୍ୱ ନେଇଥିବାବେଳେ ବି.କେ. ସୂର୍ଯ୍ୟ, ବି.କେ. ରଜନୀ କାନ୍ତ ,ବି.କେ. ବାଲା କ୍ରିଷ୍ଣା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ମାନବ ଜାତିକୁ ସବୁବେଳେ ପ୍ରଭାବିତ କରୁଛି ନିଶା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ, ୨୬।୬ (ରାକେଶ କୁମାର ରାଉତ)

ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ବୁଧବାର ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ କହିଲେ ନିଶା ମାନବ ଜାତିକୁ ବିଭିନ୍ନ ଉପାୟରେ ପ୍ରଭାବିତ କରୁଛି। ତେଣୁ ପ୍ରତିରୋଧ ଓ ଚିକତ୍ସା ଉପରେ ଆମର ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ପୌର ପରିଷଦ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ପ୍ରତିବର୍ଷ ଏହି ଦିବସକୁ ପାଳନ କରାଯାଉଛି। ମାତ୍ର ସଚେତନତା ଓ ଇଚ୍ଛାଶକ୍ତି ଅଭାବରୁ ନିଶା ଦ୍ରବ୍ୟ ଅପବ୍ୟବହାରକୁ ରୋକାଯାଇ ପାରୁନାହିଁ। ଡା.ବିଜୟ ପଣ୍ଡା ନିଶା ଦ୍ରବ୍ୟ ସେବନ ଦ୍ୱାରା ହେଉଥିବା ରୋଗର ଭୟବହତା ଉପରେ ସୂଚନା ଦେଇଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିରୁପମା ଦୋରା ଅବକାରୀ ଓ ପୋଲିସ ବିଭାଗ ଦ୍ୱାରା ରାତିରେ ପାଟ୍ରୋଲିଂ କରିଲେ ଏହାକୁ ରୋକା ଯାଇପାରିବ ବୋଲି କହିଥିଲେ। ସହକାରୀ ଜିଲାପାଳ ସୁମନ କୁମାର ଟୁଡୁ, ଅବକାରୀ ବିଭାଗର ନାରାୟଣ ସାହୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ନଟରାଜ କଳା ମନ୍ଦିର ଏବଂ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସଚେତନ ଧର୍ମୀ ନୃତ୍ୟ ଓ ନାଟକ ଅନୁଷ୍ଠିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଇତ୍ରୀ ଶତପଥି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏ ନେଇ ଏକ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଓ ଉପ ଜିଲାପାଳ ଚିତ୍ତରଞ୍ଜନ ମହନ୍ତ ଶୁଭାରମ୍ଭ କରିଥିଲେ।

# ନିଶା ନିବାରଣ ଦିବସ ପାଳିତ

ପାରଳାଖେମୁଣ୍ଡି, ୨୬।୬ (ଗିରିଧାରୀ ପରିଛା):

ଗଜପତି ଜିଲାର ପ୍ରଶାସନ, ଅବକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିସିଡ଼ି' ଓ ଭିନ୍ନକ୍ଷମ ଅନୁଷ୍ଠାନ 'ସମର୍ଥ'ର ମିଳିତ ଆନୁକୂଲ୍ୟରେ ପାରାଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆନ୍ତର୍ଜାତିକ ନିଶା ନିବାରଣ ଓ ଅବୈଧ ନିଶା କାରବାର ନିଷେଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରୀଛାତ୍ର ଓ ଅବକାରୀ ବିଭାଗ କର୍ମଚାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଅତିରିକ୍ତ ଜିଲାପାଳ ବିରେନ୍ଦ୍ର କୁମାର ଦାସ ଆଜିର ସମାଜରେ ନିଶା ସେବନର ଭୟାଭୟତା ଓ ଏହାର ପରିବାର ଉପରେ କିପରି କୁପ୍ରଭାବ ପଡେ, ତଥା ନାରୀ ନିର୍ଯାତନା ଓ ଜୀବିକାର ନକାରାତ୍ମକ ପ୍ରଭାବ ଉପରେ ଆଲୋଚନା କରିଥିଲେ। ସବୁଜ ପତକା ଦେଖାଇ ସଚେତନା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ କଲେଜ ଛକ ମୁଖ୍ୟ ବଜାର ଓ ରାଜପ୍ରସାଦ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ଜିଲାପାଳ କାର୍ଯ୍ୟାଳୟ ସ୍ଥିତ ଆନ୍ଧ୍ର ବ୍ୟାଙ୍କ ପ୍ରଶିକ୍ଷଣ କେନ୍ଦ୍ରଠାରେ ଏକ ସଚେତନା ବୈଠକରେ ଅନୁଷ୍ଠିତ ହୋଇଥିଲା ଏଥିରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏସ ସ୍ୱାତି କୁମାର, ଗଜପତି ବନଖଣ୍ଡ ଅଧିକାରୀ ଏସ ଆନନ୍ଦ ଉପସ୍ଥିତ ଥିଲେ।


**Bhubaneswar Municipal Corporation**

Phone: 0674-2431253, Fax: 0674-2432895, E_mail: bmcbbsr@bsnl.in

No. 25043
XXII(L) - 27/22
Dated: 21.06.24

## NOTIFICATION

No. C-89: Section 240 of the Orissa Municipal Corporation Act' 2003 safeguards the rights of the Corpoation to be acting as the sole regulator of Advertisement display in any form and manner and the authorized entity for collecting licence fee from the Advertiser. In pursuance to the same, Bhubaneswar Municipal Corporation issued Bhubaneswar Municipal Corporation Tax on Advertisements Regulation' 2006 vide Gazette Notification No. 1093 dated 03.08.2006 and Clause 12 of the said Regulation stipulates that **no person except licenced or registered advertisers or agencies shall be allowed to undertake display of advertisements on behalf of other person or agencies, but shall enroll themselves as licenced or registered with the Corporation by furnishing the required information, documents, secruity as may be determined by Commissioner and pay the requsite licence fee or registration fee and security deposit as may be determined by the Commissioner from time to time.**

In this connection, Bhubaneswar Municipal Corporation invited application from the advertising agencies for registration under Bhubaneswar Municipal Corporation as an authorize vendor to display of Advertisement. Based on the submitted documents, a total 4 agencies under **Category - I** (for hoardings advertisement) and 2 agencies under **Category - II** (other than hoardings advertisements) have been finalized as registered advertising agencies who are authorized for displaying of outdoor Advertisement within the territorial jurisdiction of Bhubanewar Municipal Corporation subject to meeting requisite compliance as per regulation and law. The list of authorized agencies under Category-I and Category-II is enclosed as Annexure-1.

Any person or agency intending to display of Advertisement within the territorial jurisdiction of Bhubaneswar Municipal Corporation shall entrust to any of the above agencies for the purpose else the same shall be deemed as unauthorized and subject to immediate removal by the Corporation besides levy of fine against the Advertisers and the person or agency concerned as per applicable rules and regulations. For avoidance of doubt, any display in the name of the shop or commercial establishment on its own premises for indentification shall not form a part of this notification and the same shall be allowed by Bhubaneswar Municipal Corporation upon approval of application submitted by the concerned shop or business establishment and payment of applicable licence fee.

**Sd./- Commissioner, Bhubaneswar Municipal Corporation**

**Annexure - 1**

**Category - I: Registered Advertisement Agencies to Display Advertisement Hoardings within Jurisdiction of BMC**

| Sl. No. | Agency Name | Address of the Agency | Contract Person and Contact No./Email ID |
|---|---|---|---|
| 1 | M/s. Jagannath Add | Plot No. 735/899/2864, Bijipur, Tamando, BBSR, Khordha | Name: Nirupama Paikaraya<br>Contact: 8777039766<br>Email ID: **jagannathaddbbsr@gmail.com** |
| 2 | M/s. Oripower Solution Pvt. Ltd. | Plot No. 59/E, Gayatri Vihar, Baramunda, Bhubaneswar | Name: Nirupama Patnaik<br>Contact: 9438668577<br>Email ID: **oripoersolution@gmail.com** |
| 3 | M/s. Iconic Media | LB-337, Baragada Brit Colony, Bhubaneswar | Name: Rupa Chakravorty<br>Contact: 8093096626<br>Email ID: **iconicmediaadvt@gmail.com** |
| 4 | M/s. Star Advertising Pvt. Ltd. | Plot No. 261, Prachi Enclave, Chandrasekharpur, Opp. Care Hospital, BBSR - 751016 | Name: Mr. Bijaya Ketan Barick<br>Contact: 9810140891<br>Email ID: **bijay@staradvertising.co.in** |

**Category - II: Registered Advertisement Agencies to Display Advertisement other than that of Hoardings within Jurisdiction of BMC**

| Sl. No. | Agency Name | Address of the Agency | Contract Person and Contact No. |
|---|---|---|---|
| 1 | M/s. Oripower Solution Pvt. Ltd. | Plot No. 59/E, Gayatri Vihar, Baramunda, Bhubaneswar | Name: Nirupama Patnaik<br>Contact: 9438668577<br>Email ID: **oripoersolution@gmail.com** |
| 2 | M/s. Star Advertising Pvt. Ltd. | Plot No. 261, Prachi Enclave, Chandrasekharpur, Opp. Care Hospital, BBSR - 751016 | Name: Mr. Bijaya Ketan Barick<br>Contact: 9810140891<br>Email ID: **bijay@staradvertising.co.in** |

OIPR-13002/11/0019/2425



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୩୪ **ବିଜ୍ଞାପନ** ତା:୧୯।୦୬।୨୦୨୪

No. CAD-354: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.–୧–୪୩ (MIG-I-43) ରାୟଗଡ଼ା ଦ୍ୱିତୀୟ ପର୍ଯ୍ୟାୟ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମାଳତୀ ପଟ୍ଟନାୟକ, ସ୍ୱାମୀ: ଶ୍ରୀନିବାସ ପଟ୍ଟନାୟକ, ଗ୍ରା/ପୋ: ଥେରୁବାଲି, ଥାନା: ଚାନ୍ଦିଲି, ଜିଲ୍ଲା: ରାୟଗଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମାଳତୀ ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁରେଶ କୁମାର ବଳ, ପିତା: ରାମଚନ୍ଦ୍ର ବଳ, ଗ୍ରା: ଗାଙ୍ଗପୁର, ପୋ: ବରଡ଼ିଆ, ଥାନା: ରାଜକନିକା, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0166/2425



**CUTTACK MUNICIPAL CORPORATION**

**"e" PROCUREMENT NOTICE**

No. C-86 **Tender ID: 2024_ORULB_103045**

**Tender Call Notice No. 4620 (PW) Date: 21.06.2024**

No. of Works : 2 Nos.
Bid Value : Rs.12.57 Lakhs to Rs.38.56 Lakhs
Period of Completion : One Calendar Month & Two Calendar Months
Date and Time Schedule :

| Start | End | Opening |
|---|---|---|
| 11.00 A.M. on Dt.24.06.2024 | 5.00 P.M. on Dt.01.07.2024 | 11.00 A.M. on Dt.04.07.2024 |

Tender details can be seen from the procurement portal: **www.tendersorissa.gov.in.**

**Sd./- Executive Engineer**
**City Division-III, CMC**

OIPR-13031/11/0010/2425



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
Lifeline of Odisha

No.CAD-360: **E-TENDER ALERT**

**1)E-Tender Call Notice No. CPC- 02/2024-25:** Procurement of 132kV Current Transformers as per biennial procurement plan for the FY 2022-23 & 2023-24.

**2)E-Tender Call Notice No. ED-SZ-BAM-01/2024-25:** **Package 1:** Construction of boundary wall with gates at proposed 132/33kV GIS Grid Sub-Station, Auto Nagar (land) to be executed under EHT (C) Division, Berhampur. **Package 2:** Construction of boundary wall around new additional Earthing land for 132/33kV Grid Sub-Station, Lamtaput to be executed under EHT (C) Division, Jeypore.

For more details please visit OPTCL's website: **www.optcl.co.in.**

OIPR-04011/11/0011/2425 HIPR-03/2024-25

/optcl.odisha /optcl_odisha

**ସଂକ୍ଷେପରେ**

## ନିଶାମୁକ୍ତ ଭାରତ ପାଇଁ ଶପଥପାଠ

ବ୍ରହ୍ମପୁର,୨୬ା୬(ସ୍ୱାଧୀନ ଶେଖର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ ହଲରେ ବୁଧବାର ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପ ବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଓ ଜାତୀୟ ସେବା ଯୋଜନା ଶାଖାର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଗବେଷଣା ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଓ କୁଳସଚିବ ସଚ୍ଚିଦାନନ୍ଦ ନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଶଙ୍କର୍ଷଣ ମଲ୍ଲିକ କାର୍ଯକ୍ରମ ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀଣୀ ଡ.ଇତିଶ୍ରୀ ଗୀତା କୁମାରୀ ନିଶାମୁକ୍ତ ଭାରତ ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ସଂଗଠିତ କରିବାରେ ଏନଏସଏସ ସଂଯୋଜକ ଡ. ଜୟନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ । ଏନଏସଏସ ଅଧିକାରୀ ଶକ୍ତି ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ସାମାନ୍ୟ ବର୍ଷାରେ ସ୍ଥିତି ସାଂଘାତିକ

## ବୈଠକରେ ସୀମିତ ନିଷ୍କାସନ ପ୍ରକ୍ରିୟା

ବ୍ରହ୍ମପୁର,୨୬ା୬(ସ୍ମୃତି ରଞ୍ଜନ ମହାଲିକ)

ବର୍ଷା ଋତୁ ଆରମ୍ଭରୁ ବ୍ରହ୍ମପୁର ସହରବାସୀ ନର୍ଦ୍ଦମା ପାଣି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବର୍ଷା ଜଳ ନିଷ୍କାସନ ନେଇ ଘନ ଘନ ବୈଠକ ବସୁଛି। କିନ୍ତୁ ଫଳ ଶୂନ। ଗତ ମଙ୍ଗଳବାର ମଧ ବ୍ରହ୍ମପୁର ବିଧାୟକ ଓ ନିଗମର ଯନ୍ତ୍ରୀଙ୍କ ମଧ୍ୟରେ ବ୍ୟକ୍ତିଗତ ବୈଠକ ହୋଇଛି। ହେଲେ ନର୍ଦ୍ଦମା ପାଣି ନିଷ୍କାସନ ନେଇ ସମାଧାନର ବାଟ ବାହାର କରିବା ପାଇଁ ସେଭଳି କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଅନ୍ୟପଟେ ନିଗମର ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ବୈଠକରେ ସହରର ପ୍ରତ୍ୟୁଷ, ପିଏମଆର ଓ ସଫେଇ ଅଭିଯାନ ଏଜେନ୍ସିକୁ ପରିମଳ ଦାୟିତ୍ୱ ପ୍ରଦାନ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଜେନ୍ସି ଗୁଡିକୁ ଦାୟିତ୍ୱ ପ୍ରଦାନ କ୍ଷେତ୍ରରେ ସାନିଟେସନ ଅଧିକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ। ଯାହାଫଳରେ ବୁଧବାର ସାମାନ୍ୟ ବର୍ଷାରେ ସ୍ଥିତି ସାଂଘାତିକ ହୋଇଛି। ଆଗକୁ ବଡ ବର୍ଷା ହେଲେ ସ୍ଥିତି ଅସମ୍ଭାଳ ହେବ ବୋଲି ମତ ପ୍ରକାଶ ପାଇଛି।ବୁଧବାର ବର୍ଷାରେ ପ୍ରେମ ନଗର ମୁଖ୍ୟ ରାସ୍ତାରେ



ମୁଖ୍ୟ ରାସ୍ତା ଉପରେ ନର୍ଦ୍ଦମା ପାଣି।

ସ୍ଥିତି ଦୟନୀୟ ହୋଇପଡିଥିଲା। ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ନର୍ଦ୍ଦମା ଭର୍ତ୍ତି ହୋଇ ଆବର୍ଜନା ଗୁଡିକ ମୁଖ୍ୟ ରାସ୍ତାରେ ଭାସିଥିଲା। ପଥଚାରୀ ଓ ସ୍ଥାନୀୟ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପ୍ରେମ ନଗର ମୁଖ୍ୟ ରାସ୍ତା କାମ ଦୀର୍ଘ ୧୦ ବର୍ଷ ହେଲା ଜାରି ରହିଛି। ତଥାପି ସମ୍ପୂର୍ଣ୍ଣ ହୋଇନାହିଁ। ଅନ୍ୟପଟେ ଡ୍ରେନଗୁଡିକ ଅଧାପନ୍ତରିଆ ରହିଛି। ତେଣୁ ବର୍ଷା ହେଲେ ନିଷ୍କାସନ ହୋଇ ନ ପାରି ଆବର୍ଜନାଯୁକ୍ତ ଦଳ ରାସ୍ତାରେ ଭାସୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା କାର୍ଯ୍ୟ ଚାଲିଥିବାରୁ ମଝି ରାସ୍ତାକୁ ବନ୍ଦ କରିଦେବା ଜଳ ନିଷ୍କାସନ ନ ହେବାର ଆଉ ଏକ ସମସ୍ୟା ବୋଲି ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି। ରାସ୍ତାରେ ଆବର୍ଜନା ଜମିବାରୁ ପରିବେଶ ଦୂଷିତ ହୋଇପଡୁଛି। ଆବର୍ଜନା ଉଠାଇବାକୁ ବିଏମସି କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ଲାଗି ରହୁଛି। ପୂର୍ବରୁ ବର୍ଷା ଦିନେ ନର୍ଦ୍ଦମା ପାଣିରେ ରାସ୍ତା ଓ ଡ୍ରେନ ଏକାକାର ହୋଇ ଯାଉଥିଲା। ୨ ଚକିଆରୁ ଆରମ୍ଭ କରି ୪ ଚକିଆ ଯାନ ଡ୍ରେନରେ ପଡି ଚାଳକ ଦୁର୍ଘଟଣାର ଶିକାର ହୋଇଥିବା ନଜିର ରହିଛି। ତେଣୁ ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ପ୍ରେମ ନଗର ମୁଖ୍ୟ ରାସ୍ତାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ନର୍ଦ୍ଦମା ପାଣି ନିଷ୍କାସନ କ୍ଷେତ୍ରରେ ବିଏମସି ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ସ୍ଥାନୀୟ କର୍ପୋରେଟରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ହାଉସିଂ ବୋର୍ଡଠାରୁ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଆସୁଛି। ରାସ୍ତା କାମ ସରିବା ପରେ ନର୍ଦ୍ଦମା ପାଣି ଠିକ ଭାବେ ନିଷ୍କାସନ ହୋଇପାରିବ। ଅନ୍ୟପକ୍ଷରେ ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଗୁରୁବାର ୩ ଏଜେନ୍ସିକୁ ଡକାଯାଇ ନିଷ୍କାସନ ପ୍ରକ୍ରିୟାର ସରଳୀକରଣ କରାଯିବ।

## ପ୍ରକାଶ ପାଇଲା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷାଫଳ



ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ ଫଳାଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର, ୨୬ା୬ (ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ ପାଇଛି। ବୁଧବାର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷା ପ୍ରଫେସର ପଦ୍ମିନୀ ସାହୁ ଓ ପରୀକ୍ଷା ନିୟନ୍ତ୍ରକ ଡ଼. ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ହେବାପରେ ଏହା ଦ୍ୱିତୀୟ ବ୍ୟାଚର ପରୀକ୍ଷା ଫଳ। ନୃତତ୍ତ୍ୱ ବିଭାଗ, ଗଣିତ, ରସାୟନ ଶାସ୍ତ୍ର, ହିନ୍ଦୀ, ବାଣିଜ୍ୟ , କମ୍ପ୍ୟୁଟର ସାଇନ୍ସ, ଭୂତତ୍ତ୍ୱ ପଦାର୍ଥ ବିଜ୍ଞାନ ଓ ଗଣିତ ବିଭାଗରେ ଶତପ୍ରତିଶତ ଫଳାଫଳ ହୋଇଛି । ସେହିପରି ଅନ୍ୟ ବିଭାଗରେ ଶତକଡ଼ା ୯୭% ପ୍ରତିଶତରୁ ଅଧିକ ଫଳାଫଳ ହୋଇଛି। ଗୌରୀ ସାଇଗଲ (ନୃତତ୍ତ୍ୱ), ସାଲିନୀ (ବିଜ୍ଞାନ), ସଞ୍ଜନା ସାବତ (ଉଦ୍ଭିଦ ବିଜ୍ଞାନ), ସ୍ୱାତି ମିଶ୍ର (ରସାୟନ ଶାସ୍ତ୍ର), ନିର୍ମଳା ବେହେରା(କମ୍ପ୍ୟୁଟର ସାଇନ୍ସ), ପି. ପ୍ରିୟଙ୍କା (ବାଣିଜ୍ୟ), ଶ୍ରଦ୍ଧାଞ୍ଜଳି ବାରିକ(ଅର୍ଥନୀତି), ସଞ୍ଜନା ପାତ୍ର(ଶିକ୍ଷା), ସାକ୍ଷୀ ପାଢ଼ୀ(ଇଂଲିଶ), ଓମ କୁମାରୀ ଲିପିକାରାଣୀ (ଭୂତତ୍ତ୍ୱ), ଅମ୍ବିକା ପୁରୋହିତ(ହିନ୍ଦୀ), ବିଜୟ ବିଡିକା(ଇତିହାସ), ବିଷ୍ଣୁପ୍ରିୟା ଶତପଥୀ(ଗଣିତ), ଭି. ରଶ୍ମିରାଣୀ ରାଜୁ(ଓଡ଼ିଆ), ପଙ୍କଜିନୀ ମହାନ୍ତି (ଦର୍ଶନ), ଯଶ୍ୱୀନ ପାତ୍ର (ପଦାର୍ଥ ବିଜ୍ଞାନ), ଈଶ୍ୱରୀ ଦାସ(ରାଜନିତୀ ବିଜ୍ଞାନ), ଶୁଭପ୍ରଦ ସାହୁ (ପ୍ରାଣୀ ବିଜ୍ଞାନ) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଗଞ୍ଜେଇ ଜବତ ମାମଲା: ଦୋଷୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୨୬ା୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ-୩ ରାଜକୁମାର ଦାଶ ବୁଧବାର ଏକ ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତ ପାଟପୁର ଥାନା ଧର୍ମପୁର ଗ୍ରାମର ନାରାୟଣ ରାଉତ(୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ୨୦୨୨ ଏପ୍ରିଲ ୯ ତାରିଖରେ ଦିଗପହଣ୍ଡି ପୁଞ୍ଜିକୟାଁ ଛକରୁ ଚିକିଟି ରାସ୍ତାରେ ଦିଗପହଣ୍ଡି ଅବକାରୀ ବିଭାଗ, ତତ୍କାଳୀନ ଉପ ଅଧୀକ୍ଷକ ଏବଂ ତତ୍କାଳୀନ ତହସିଲଦାର ସିପକ କୁମାର ପାତ୍ରଙ୍କ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା । ସେହି ରାସ୍ତା ଦେଇ ଯାଉଥିବା ଏକ ବୋଲେରୋ ନଂ(ଓ ୨୯ ସି - ୩୯୭୬)କୁ ଅଟକାଇ ଯାଞ୍ଚ ବେଳେ ସେଥିରୁ ୨୩୦ କେଜି ଗଞ୍ଜେଇ ମିଳିଥିଲା। ତହସିଲଦାର ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭ୍ୟାନରୁ ଉକ୍ତ ଗଞ୍ଜେଇ ଜବତ କରାଯିବା ସହ ଡ୍ରାଇଭର ତଥା ଗଞ୍ଜେଇ ଚାଲାଣ କରୁଥିବା ନାରାୟଣଙ୍କୁ ଗିରଫ କରାଯାଇଥିଲା। ମାମଲା ନଂ.୪/୨୨-୨୩ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଦିଗପହଣ୍ଡି ଅବକାରୀ ବିଭାଗର ତତ୍କାଳୀନ ଏସଆଇ ତଥା ତଦନ୍ତକାରୀ ଅଧିକାରୀ ସନ୍ତୋଷ ସାହୁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଗିରଫ ପରଠାରୁ ନାରାୟଣ ଜେଲରେ ବିଚାରାଧୀନ ବନ୍ଦୀ ଥିଲେ। ମାମଲାର ବିଚାର ଚାଲୁଥିବା ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନିଲ କୁମାର ସାହୁ ମକଦ୍ଦମା ପରିଚାଳନା କରୁଥିଲେ ।

## ମୌସୁମୀ ପାଇଁ ଟିପିଏସ୍‌ଓଡିଏଲ୍‌ର ପ୍ରସ୍ତୁତି



କମ୍ପାନୀ କର୍ମଚାରୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ।

ବ୍ରହ୍ମପୁର,୨୬ା୬(ସ୍ମୃତି ରଞ୍ଜନ ମହାଲିକ)

ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ପକ୍ଷରୁ ଆଗାମୀ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତ କରାଯାଇଛି। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ କମ୍ପାନୀ ପ୍ରସ୍ତୁତ ରହିଛି। ବ୍ରହ୍ମପୁରଠାରେ ଥିବା ଟିପିଏସଓଡିଏଲର ଶକ୍ତି ଯୋଗାଣ ନିୟନ୍ତ୍ରଣ ସିଷ୍ଟମ ବିଦ୍ୟୁତ ଯୋଗାଣ ଉପରେ ୨୪ଘଣ୍ଟିଆ ନଜର ରଖିବା ପାଇଁ ପ୍ରସ୍ତୁତ ରହିଛି। ସେହିଭଳି ଜରୁରୀକାଳୀନ ପରିସ୍ଥିତି ପାଇଁ ଟିପିଏସଓଡିଏଲ ନିଜର ମୋବାଇଲ ସବ ଷ୍ଟେସନ ଗୁଡିକୁ ସମସ୍ତ ସର୍କଲରେ ପ୍ରସ୍ତୁତ ରଖିଛି। କମ୍ପାନୀ ପକ୍ଷରୁ ୪୧୪ଟି ତ୍ରୁଟିପୂର୍ଣ୍ଣ ଟ୍ରାନ୍ସଫର୍ମରକୁ ବଦଳ କରାଯାଇଛି। ବିଜୁଳି ତାର ଟଣାଯାଇଥିବା ୩୯୨୧ କିଲୋମିଟର ସ୍ଥାନରେ ସୁରକ୍ଷିତ ବିଜୁଳି ପ୍ରବାହ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗଛ, ଡାଳପତ୍ର ସଫା କରାଯାଇଛି। କମ୍ପାନୀ ପକ୍ଷରୁ ୧୫୦୩ ସବ ଷ୍ଟେସନକୁ ସଫା କରାଯାଇଛି। ଏଥିସହ ୯୨ଟି ମଧ୍ୟବର୍ତ୍ତୀ ଏଚଟି ଖୁଣ୍ଟ ଓ ୯୦ଟି ମଧ୍ୟବର୍ତ୍ତୀ ଏଲଟି ଖୁଣ୍ଟ ନିର୍ମାଣ କରାଯାଇଛି। ଏଭଳି ଭାବେ ୨୦୫ଟି ଏଚଟି ଖୁଣ୍ଟ ଓ ୩୫୪ଟି ଏଲଟି ବିଜୁଳି ଖୁଣ୍ଟ କରାଯାଇଛି। ତତସହିତ ୧୯୩ଟି ଟ୍ରାନ୍ସଫର୍ମରେ ଥିବା ତେଲ ଲିକେଜ ସମସ୍ୟାର ସମାଧାନ କରାଯାଇଛି। ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ସଂଯୋଗ କରୁଥିବା ଫିଡରକୁ ବିଜୁଳି ଯୋଗାଣ କ୍ଷେତ୍ରରେ ପ୍ରାଥମିକତା ପ୍ରଦାନ କରାଯିବ। ଏତଦବ୍ୟତୀତ ଗ୍ରାହକଙ୍କ ସମସ୍ୟାର ଉତ୍ତର ଦେବା ପାଇଁ ୨୪ ଘଣ୍ଟିଆ କଲ ସେଣ୍ଟର (ଟୋଲ ଫ୍ରି ନଂ- ୧୯୧୨/ ୧୮୦୦୩୪୫୬୭୯୭)ରେ ଅଧିକ କର୍ମଚାରୀ ନିୟୋଜିତ କରାଯାଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଆଗାମୀ ବର୍ଷା ଋତୁରେ ସମସ୍ତଙ୍କ ସୁରକ୍ଷା ପ୍ରାଥମିକତା ଅଟେ। ନେଟୱାର୍କକୁ ସୁରକ୍ଷା ଦେବା ସହ କୌଣସି ସମ୍ଭାବ୍ୟ ବୈଦୁତିକ ଦୁର୍ଘଟଣାକୁ ଏଡାଇବା ପାଇଁ କମ୍ପାନୀର ଟିମ କ୍ରମାଗତ ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି।

## ଜୁଲାଇ ୨୫ରେ ହାବିଲଦାର ଓ କନଷ୍ଟେବଲ ସଂଘ ନିର୍ବାଚନ, ଆଜିଠୁ ନାମାଙ୍କନ

ବ୍ରହ୍ମପୁର,୨୬ା୬,(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲାର ହାବିଲଦାର ଓ କନଷ୍ଟେବଲ ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏ ନେଇ ବ୍ରହ୍ମପୁର ଏସ୍‌ପି ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଜୁଲାଇ ୨୫ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଗୁରୁବାର ଠାରୁ ଆସନ୍ତା ୧ ତାରିଖ ଯାଏଁ ନାମାଙ୍କନ ପତ୍ର ଦାଖଲ ହେବ ବୋଲି ସ୍ଥିର ହୋଇଛି। ବ୍ରହ୍ମପୁର ହାବିଲଦାର ଓ କନଷ୍ଟେବଲ ସଂଘର ପୂର୍ବତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ମେ ୮ ତାରିଖରେ ସରିଛି । ହେଲେ ସାଧାରଣ ନିର୍ବାଚନ ଚାଲିଥିବାରୁ ସେତେବେଳେ ୨୦୨୪ ବର୍ଷ ପାଇଁ ସଂଘର ନିର୍ବାଚନ ହୋଇପାରି ନ ଥିଲା । ବର୍ତ୍ତମାନ ସଂଘ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ବିଭିନ୍ନ ପଦପଦବୀ ଯଥା ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ୨ ସହ ସମ୍ପାଦକ ଓ କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ଆଶାୟୀ ଥିବା ହାବିଲଦାର ଓ କନଷ୍ଟେବଳଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି । ବ୍ରହ୍ମପୁର ଏସପିଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ସଂଘର ନିର୍ବାଚନ ପାଇଁ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇ ୨୭ରୁ ୧ ଯାଏଁ ନାମାଙ୍କନ ଦାଖଲ ହେବ। ଜୁଲାଇ ୨ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ, ୩ ତାରିଖରେ ନାମାଙ୍କନ ପ୍ରତ୍ୟାହାର ଏବଂ ୪ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ଜୁଲାଇ ୨୪ ତାରିଖରେ ମୁଁ କାହିଁକି ପ୍ରାର୍ଥୀ ହୋଇଛି ବୈଠକ ସହ ସେହିଦିନ ବାଲାଟ ପେପର ବିଭିନ୍ନ ଭୋଟ କେନ୍ଦ୍ରକୁ ପଠାଯିବ । ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ ।୨୬ ତାରିଖରେ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ୨୮ ତାରିଖରେ ନିର୍ବାଚିତ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବେ । ଏହି ନିର୍ବାଚନ ପରିଚାଳନା ପାଇଁ ପିସିଆର ସେଲର ଡିଏସପି ବିଶ୍ୱଜ ରାଉତରାୟଙ୍କୁ ରିଟର୍ନିଂ ଅଫିସର, ରିଜର୍ଭ ଇନ୍ସପେକ୍ଟର ଏମ ଲକ୍ଷ୍ମୀରଞ୍ଜନଙ୍କୁ ପ୍ରିଜାଇଡିଂ ଅଫିସର ଓ ଏସଆଇ ପିକେ ଦାସଙ୍କୁ ପୋଲିଂ ଅଫିସରଭାବେ ନିଯୁକ୍ତ କରାଯାଇଛି । ସେହିପରି ୮ ପୋଲିସ ଅଫିସରଙ୍କୁ କାଉଣ୍ଟିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି ।

## ଗଜପତିନଗର ଶିଶୁ ମନ୍ଦିରରେ ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର,୨୬ା୬(ସ୍ମୃତି ରଞ୍ଜନ ମହାଲିକ):

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ଗୌଡଙ୍କ ଅନ୍ୟତ୍ର ସ୍ଥାନାନ୍ତରଣ ହେବା ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଭାପତି ରାମ ପ୍ରସାଦ ପଟ୍ଟନାୟକ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନାଚାର୍ଯ୍ୟ ବିଦ୍ୟାଳୟରେ ନିଜର ୮ ବର୍ଷର ଅନୁଭୂତି ସଂପର୍କରେ କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ଅନ୍ତର୍ଯ୍ୟାମୀ ଗୌଡ, କୋଷାଧ୍ୟକ୍ଷ ତରୁଣ କୁମାର ପାଢି, ଉପସଭାପତି ସୁପ୍ରଭା ପାତ୍ର, ସହ ସମ୍ପାଦକ ଶ୍ରୀନିବାସ ଆଚାରୀ, ଉପଦେଷ୍ଟା ଗୋଦାବରୀ ସେଠୀଙ୍କ ସମେତ ସରିତା କୁମାରୀ ସାହୁ ଓ ଭଗବାନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




ବିଦ୍ୟାଳୟ ପକ୍ଷରୁ ପ୍ରଧାନାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା।

ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଗୌର ନାହାକ କାର୍ଯକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟା ମମତା ପାତ୍ର ଅତିଥି ପରିଚୟ ଦେଇଥିଲେ ଓ ଗୋକୁଳ ଚନ୍ଦ୍ର ପ୍ରହରାଜ ସହଯୋଗ କରିଥିଲେ।

## ସ୍ୱାମୀ ହତ୍ୟାକାରୀ ସ୍ତ୍ରୀ ନିର୍ଦ୍ଦୋଷ

ବ୍ରହ୍ମପୁର,୨୬ା୬, (ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-୧ ଡ. ଇନ୍ଦୁ ଶର୍ମା, ସଦର ଥାନା ନାରାୟଣପୁରରେ ୨୦୨୩ରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଜଣେ ମହିଳାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମହିଳା ଜଣଙ୍କ ହେଲେ ନାରାୟଣପୁରର ଶିବାନୀ ବିଷୋୟୀ(୩୦) ।

୨୦୨୩ ନଭେମ୍ବର ୨୧ ତାରିଖରେ ନାରାୟଣପୁର ଗ୍ରାମ ଶଙ୍କର ବିଷୋୟୀ(୩୫)ଙ୍କ ରକ୍ତାକ୍ତ ମୃତଦେହ ତାଙ୍କ ଘର ଭିତରୁ ପୋଲିସ ଜବତ କରିଥିଲା। ଘଟଣାକୁ ନେଇ ଶଙ୍କରଙ୍କ ଭାଇ ସତ୍ୟବାନଙ୍କ ଅଭିଯୋଗ ପ୍ରକାରେ ପୋଲିସ ହତ୍ୟା ମାମଲା(ନଂ. ୫୫୬/୨୩) ରୁଜୁ କରି କରିଥିଲା । ତଦନ୍ତ ବେଳେ ଶଙ୍କର ଓ ତାଙ୍କ ସ୍ତ୍ରୀ ଶିବାନୀ ସେହି ଘରେ ରହୁଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡା ଲାଗି ରହୁଥିଲା। ଘଟଣା ପରେ ଶିବାନୀ ନିଜ ବାପା ଘରକୁ ଚାଲିଯାଇଥିବା ପୋଲିସ ଜାଣିବାକୁ ପାଇଥିଲା । ଶିବାନୀଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ତାଙ୍କୁ ଥାନାକୁ ଡାକି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ଶଙ୍କର ପ୍ରାୟ ସମୟରେ ଶିବାନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ହଇରାଣ କରୁଥିଲେ । ଏଥିରେ ଅତିଷ୍ଠ ହୋଇ ସେ ତାଙ୍କ ସ୍ୱାମୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଶିବାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗିରଫ ପରଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା ।ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ।

## ୨୦ ହଜାର ମଞ୍ଜି ବୁଣିଲା ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ

ବ୍ରହ୍ମପୁର,୨୬ା୬(ଅଶୋକ କୁମାର ସାହୁ)

ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେଶନ ଚଳିତ ବର୍ଷ ପାଇଁ ଲଣ୍ଡା ପାହାଡ଼ ବନୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି କ୍ରମରେ ଅନୁଷ୍ଠାନ ଦ୍ୱାରା ବନୀକରଣ ହୋଇଥିବା ରାମଚନ୍ଦ୍ର ପଲ୍ଲୀ ଲଣ୍ଡା ପାହାଡ଼ରେ ବରଗଛ ଚାରା ରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । କେତେକ ଭୂଇଁ ଖଜୁରୀ ଛଡା ସମ୍ପୂର୍ଣ୍ଣ ଲଣ୍ଡା ପାହାଡ଼କୁ ଆର୍ଯ୍ୟଭଟ୍ଟ ବନୀକରଣ ପାଇଁ ପଦକ୍ଷେପ ନେଇଥିଲା । ସାତ ବର୍ଷର ଲଗାତାର ପ୍ରୟାସରେ ସେଇ ଲଣ୍ଡା ପାହାଡ଼ରେ ବର୍ତ୍ତମାନ ୫୦ ହଜାରରୁ ଅଧିକ ଗଛ ହୋଇ ପାରିଛି । ବୁଧବାର ଏହି ପାହାଡ଼ରେ ପୁନଶ୍ଚ ପ୍ରାୟ ୨୦ ହଜାର ମଞ୍ଜି ପୋତିବା ସହ ୫ ହଜାର ମଞ୍ଜି ଗୁଳା ଫୋପଡା ଯାଇଛି। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୫ଯାଏଁ ଚାଲୁରହିବ।



ଗଲା ବର୍ଷ ପର୍ଯ୍ୟନ୍ତ ଯେଉଁ ୨୦ଟି ପାହାଡ଼ରେ ମଞ୍ଜି ଓ ମଞ୍ଜି ଗୁଳା ମାଧ୍ୟମରେ ସବୁଜିମା ପ୍ରୟାସ କରାଯାଇଥିଲା ସେଗୁଡିକରେ ଅଧିକ ସବୁଜିମା ପାଇଁ ପୁନଶ୍ଚ ପ୍ରାୟ ୬ ଲକ୍ଷ ମଞ୍ଜି ଓ ୨ଲକ୍ଷମଞ୍ଜି ଗୁଳା ପ୍ରୟୋଗ କରାଯିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି। ଏହା ବ୍ୟତୀତ ସମତଳ ଅଞ୍ଚଳରେ ୫୦୦ ଚାରା ରୋପଣ କରାଯିବ ଓ ଋଷିକୁଲ୍ୟା ଅବବାହିକାରେ ୧୦ ହଜାର ମଞ୍ଜି ଗୁଳା ଓ ୫ ହଜାର ଚାରା ରୋପଣ ପାଇଁ ଯୋଜନା କରାଯାଇଅଛି । କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟର ସ୍ୱେଚ୍ଛାସେବୀ ସୁଧୀର ରାଉତ, ଶ୍ୟାମସୁନ୍ଦର ଖାଡଙ୍ଗା, ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ମାଧବ ନାୟକ , ଆଇନଜୀବୀ ସୁକାନ୍ତ ଗୌଡ଼, ଆଇନଜୀବୀ ମନୋଜ କୁମାର ଆଚାର୍ଯ୍ୟ, କେ. ଘନଶ୍ୟାମ, ତପନ ରେଡ୍ଡୀ ଓ ଟିପିଏସଓଡିଏଲର ୧୧ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ସଚେତନ ହେଲେ ନିଶାସେବନରୁ ମୁକ୍ତି ମିଳିବ

ବ୍ରହ୍ମପୁର, ୨୬ା୬(ସୁବାସ ଚନ୍ଦ୍ର ପାଢ଼ୀ)

ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପ ବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ ବୁଧବାର ଗଞ୍ଜାମ ଜିଲା ପ୍ରଶାସନ ଓ ବ୍ରହ୍ମପୁର ଅବକାରୀ ବିଭାଗ ପକ୍ଷରୁ ମିଳିତ ପାଳନ କରାଯାଇଛି । ଏମ୍‌କେସିଜି ମେଡିକାଲ ପରିସରରୁ ଏନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ବ୍ରହ୍ମପୁର ଜିଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସଜାଗ ଓ ସଚେତନତା ଦ୍ୱାରା ନିଶା ସେବନରୁ ମୁକ୍ତି ମିଳିପାରିବ ବୋଲି ସେ ଲୋକଙ୍କୁ ବାର୍ତ୍ତା ଦେଇଛନ୍ତି। ଏହି ସଚେତନତା ରାଲି ସହର ପରିକ୍ରମା କରି




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ନିଶା ଦ୍ରବ୍ୟର ବ୍ୟବହାର ଏବଂ ତା'ର କୁପରିଣାମ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଛି। ପରେ ମହାନଗର ନିଗମ ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡିକାଲ ନିଶା ନିବାରଣ କେନ୍ଦ୍ରର କ୍ଷେତ୍ରୀୟ ଅଧିକାରୀ ଡା. ବିଭୂକଲ୍ୟାଣ ସାହୁ ଯୋଗ ଦେଇଥିଲେ। ସେ କହିଥିଲେ ନିଶା ସେବନ ଯୋଗୁଁ ଶରୀରର ମୁଖ୍ୟ ଅଙ୍ଗ ତଥା ଲିଭର, ହୃତପିଣ୍ଡ ଓ ଯକୃତ ନଷ୍ଟ ହୋଇଥାଏ। ଏଣୁ ଏଦିଗରେ ସମସ୍ତେ ସଚେତନ ହେବା ଜରୁରୀ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ରହ୍ମାକୁମାରୀ ମାଳା ଯୋଗଦେଇ ନିଶା ସେବନ ଅଭ୍ୟାସ ସ୍ୱାସ୍ଥ୍ୟର କ୍ଷତି କରେ, ପାରିବାରିକ ବିଶୃଙ୍ଖଳା ସୃଷ୍ଟି କରେ, ଦୁର୍ଘଟଣା ବଢ଼ାଇଥାଏ ଓ ପରିଶେଷରେ ମୃତ୍ୟୁ ମୁଖରେ ପକାଇଥାଏ ବୋଲି କହିଥିଲେ। ସେହିପରି ଅବକାରୀ ଅଧିକ୍ଷକ କହିଥିଲେ ଯେ, ଅବୈଧ ନିଶା କାରବାରକୁ ରୋକିବା ପାଇଁ ସମସ୍ତେ ଏକଜୁଟ ହେବାର ଆବଶ୍ୟକତା ରହିଛି। ଏଥିରେ ସମସ୍ତ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ । ସେହିପରି ସାମନ୍ତରାୟ ଏକାଡେମୀର ବିଦ୍ୟାର୍ଥୀମାନେ ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିବା ସହିତ ନିଶା ଦ୍ରବ୍ୟ ସେବନ ଦ୍ୱାରା ଯୁବପିଢୀ ଓ ତାଙ୍କର ପରିବାର ବର୍ଗଙ୍କ ଉପରେ କିପରି କୁପ୍ରଭାବ ପଡୁଛି ସେ ନେଇ ନିଜ ନିଜର ମତ ପ୍ରକାଶ କରିଥିଲେ ।

# ୨ ନକଲି ମାଓବାଦୀ ଗିରଫ

## ମାଓବାଦୀ ନାମରେ ଠିକାଦାରଙ୍କୁ ଧମକ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଙ୍କିତ ବର୍ମା ସୂଚନା ଦେଉଛନ୍ତି।

ଜୟପୁର,୨୬।୬
(ପବନ ପାଣିଗ୍ରାହୀ)

ମାଓବାଦୀଙ୍କ ନାମରେ ଜଣେ ଠିକାଦାରଙ୍କୁ ଧମକଚମକ ଦେଇ ଟଙ୍କା ମାଗିବା ଅଭିଯୋଗରେ ବୁଧବାର ୨ଜଣ ନକଲି ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୈପାରିଗୁଡ଼ାର କୁମ ଗଲରି (୩୫) ଓ ବି.ସିଂପୁରର ତ୍ରିପତି ହରିଜନ (୧୯)। ଏନେଇ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଏସ୍‌ଡିପିଓଙ୍କ ସୂଚନା ଅନୁଯାୟୀ, ଠିକାଦାର ଜଣକ ବାଲିଗାଁଠାରୁ ସିନ୍ଧିଗାଁ ପର୍ଯ୍ୟନ୍ତ ରାସ୍ତା କାମ କରୁଛନ୍ତି। ଅଭିଯୁକ୍ତମାନେ ଠିକାଦାରଙ୍କୁ ଫୋନ୍ କରି ଧମକଚମକ ଦେଇ ଟଙ୍କା ମାଗୁଥିଲେ। ମାର୍ଚ୍ଚ ମାସରେ ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୮୩/୨୪ରେ ମାମଲା ରୁଜୁକରି ଏହା ଉପରେ ନଜର ରଖିଥିଲା। ସେହିପରି ଗତ ଏପ୍ରିଲରେ ଏ ସମ୍ପର୍କରେ ବୈପାରିଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା। ସେଠାରେ ଚିଠି ମାଧ୍ୟମରେ ଅଭିଯୁକ୍ତମାନେ ଧମକ ଦେଇ ୩ ଲକ୍ଷ ଟଙ୍କା ଦିଅ ନଚେତ୍ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ପୋଲିସ ମାମଲା ରୁଜୁ କରିଥିଲା। ଫୋନ ନମ୍ବର ଆଧାରରେ ପୋଲିସ ତଦନ୍ତ ଆରମ୍ଭକରି ପ୍ରଥମେ ତ୍ରିପତିଙ୍କୁ ଗିରଫ କରିଥିଲା। ପରେ କୁମଙ୍କୁ ଗିରଫ କରାଯାଇଥିଲା। ତ୍ରିପତିଙ୍କ ନାମରେ ଥାନାରେ ଆଗରୁ ବହୁ ଆପରାଧିକ ମାମଲା ରହିଛି। ଉଭୟଙ୍କୁ ଗିରଫକରି ପୋଲିସ ସେମାନଙ୍କଠାରୁ ସିମ୍ କାର୍ଡ, ଆଧାର କାର୍ଡ, ମାଓବାଦୀ ଲୋଗୋ ଥିବା ପେପର ଓ ବାଇକ୍ ଜବତ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ବର୍ମା କହିଛନ୍ତି। ଖବରଦାତା ସମ୍ମିଳନୀରେ ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ବୈପାରିଗୁଡ଼ା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ।

# ରତ୍ନଭଣ୍ଡାର ମରାମତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୁଦର୍ଶନ

ପୁରୀ,୨୬।୬
(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଶ୍ରୀ ପରିଚାଳନା କମିଟି ସଦସ୍ୟ ତଥା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ରତ୍ନଭଣ୍ଡାର ଖୋଲି ତୁରନ୍ତ ମରାମତି ପାଇଁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେବାକୁ ସେ ଚିଠିରେ ଅନୁରୋଧ କରିଛନ୍ତି। କୋଟି କୋଟି ହିନ୍ଦୁଙ୍କ ଆସ୍ଥାର ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଏଣୁ ଶ୍ରୀମନ୍ଦିରର ସୁରକ୍ଷା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ପୁରାତନ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଦାୟିତ୍ୱ ଏଏସ୍‌ଆଇ ହାତରେ ରହିଛି। ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଅସୁରକ୍ଷିତ ଅବସ୍ଥାରେ ରହିଥିବାନେଇ ୨୦୧୮ରେ ଏଏସ୍‌ଆଇ ରିପୋର୍ଟ ଦେଇଛି। ଏହାର ଛାତରୁ ସିମେଣ୍ଟ ଛାଡି ଯାଇଥିବାବେଳେ ପାଣି ଗଳୁଛି। ଅନେକ ପଥର ମଧ୍ୟ ଖସି ପଡ଼ିଛି। ଏଣୁ ଏହାର ତୁରନ୍ତ ମରାମତି ହେବା ଆବଶ୍ୟକ। ଆଉ ବିଳମ୍ବ ନ କରି ତୁରନ୍ତ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ରତ୍ନ ଭଣ୍ଡାର ମରାମତି ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସୁଦର୍ଶନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରତ୍ନଭଣ୍ଡାରକୁ ଖୋଲାଇ ନ ଦେବା ପାଇଁ ପୂର୍ବରୁ ଯୋଜନା ହୋଇଥିବା ମୋର ସନ୍ଦେହ ହେଉଛି। ରତ୍ନ ଅଳଙ୍କାର ଗଣତି ପଛରେ ହୋଇପାରିବ। କିନ୍ତୁ ପ୍ରଥମେ ରତ୍ନଭଣ୍ଡାରର ମରାମତି କରାଯାଉ ବୋଲି ସୁଦର୍ଶନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶିବ ସେବିଥିଲି କେତେ
ପିଲାଦିନ କଥା ପାସୋରି ସୁନ୍ଦରୀ
ପର କରିଦେଲୁ ମତେ !**

ପ୍ରେମରେ ପ୍ରତାରଣା ଖୁବ୍ ବାଧେ, ମନକୁ କ୍ଷତାକ୍ତ କରିଦିଏ, ଯାହାକି ସହ୍ୟ କରିବା ପ୍ରେମୀ ପକ୍ଷେ କଷ୍ଟକର ହୋଇପଡ଼େ। ଏପରିସ୍ଥଳେ ପିଲାଦିନରୁ ଗଢ଼ି ଉଠିଥିବା ସ୍ନେହ ଆଦରକୁ ଭୁଲି ସମ୍ପର୍କ ତୁଟାଇ ଚାଲିଯାଉଥିବା ସାଥୀ ପ୍ରତି ମନରେ କ୍ଷୋଭ ଭାବ ଜାତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଗ ନ ଥିଲାକୁ ପେଯ
କେହି ନ ଥିଲାକୁ ତୋ' ମୁହଁ ଦେଖୁଛି
କହିତେ ମାଡୁଛି ଲାଜ !**

ଗରିବ ଘରେ ସଦାବେଳେ ଅଭାବ ଅନଟନ ଲାଗିରହିଥାଏ। ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଶାଗ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ଦିନ କାଟିବ ବୋଲି ଅନ୍ୟକୁ ଆପଣାର କରି ପୂର୍ବ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଘଟୁନଥିବା ଦେଖି ଦୁଃଖରେ ଭାଙ୍ଗିପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



### obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under works Department)
No.6300 Date:24.06.2024
File: SMT-2013
No.CAD-332: **Cancellation of Tender**
**Name of Work:** Additional Work for Ekamra Kshetra such as Development of Vending Zone, Extended Parking & Strom Water Drain under EKAMRA Conservation Plan.
**Bid Identification No.:** 109/ Tender/ OBCC/2023-24
**Notice Inviting Tender No.:** 2609 dtd.14.03.2024
**The tender for the above-mentioned work is hereby cancelled due to administrative reason.**
OIPR-34106/11/0001/2425 **Sd./- EIC-cum-Managing Director**

### OFFICE OF THE COLLECTOR & DISTRICT MAGISTRATE, KHORDHA
(ST & SC DEVELOPMENT SECTION)
E-Mail: dwokhordha@gmail.com
No. 1262 Date: 25.06.2024

**Advertisement for Admission of ST and SC Students in Urban Hostels, Bhubaneswar**

No. V-02: Applications are invited from intending ST and SC Students (Both Boys & Girls) studying in Post Matric Level Courses in and around Bhubaneswar for availing free hostel facilities in the ST and SC Development Department run 500 seated (Girls) Urban Hostel at Pokhariput, Bhubaneswar and 400 seated (Boys) Urban Hostel at Kalinga Nagar, Bhubaneswar for the year 2024-25.
The detailed guidelines, porcedure of admission and application forms etc. can be obtained from the district website **www.khordha.odisha.gov.in**. Duly filled in applications with all relevant documents should reach the Office of the Superintendent, Urban Hostel, near DAV Public School, Pokhariput, Bhubaneswar for Girls and Office of the Superintendent, Urban Hostel, Near Kendriya Vidyalaya 5, Kalinga Nagar, Bhubaneswar for Boys by 30.07.2024 through Speed Post/Registered Post. Students can submit the applications in person in the above mentioned offices.
Incomplete applications will be rejected without assigning any reason thereof.

**Sd./- District Welfare Officer, Khordha**
**OIPR-24351/11/0013/2425**

### OFFICE OF THE PRINCIPAL
**KESINGA MAHAVIDYALAYA, KESINGA**
**AT/P.O.- KESINGA, P.S.- KESINGA, DIST.- KALAHANDI (ODISHA), PIN-766012**
No.N-38 **WALK IN INTERVIEW**

Walk-in-interview for Guest Faculties (Contractual) will be held on 10th & 11th July' 2024 at 11:00 A.M. as per the following schedule: -
**10.07.2024** :- Odia, Political Science, History, Commerce, Education and Librarian.
**11.07.2024** :- Geography, Physics, Chemistry, Botany, Zoology and Mathematics.
**Candidates having Masters Degree with minimum 55% should attend with C.V. and original documents. Those having experience will be given preference. Fixed salary as decided by Management will be paid. No TA / DA will be paid for this purpose. In case of single candidate the respective interview will be cancelled.**

**Sd./- Principal, Kesinga Mahavidyalaya, Kesinga**
**Email ID : - principalkmvksng@gmail.com,**
**Mob No. 94398-08370**
OIPR-11151/11/0001/2425

### OFFICE OF THE DIVISIONAL FOREST OFFICER-CUM-DMU CHIEF
**ATHMALLIK FOREST DIVISION (T), AT/PO: ATHMALLIK, ANGUL, 759125**
**Odisha Forestry Sector Development Project, Phase-II**
**E-mail:dmuchiefathmallik@gmail.com, dfoathmallik@gmail.com**
**Tel:06763-254236, Mob: +91 9437004236**

**ADVERTISEMENT**

**HIRING OF PROJECT ACCOUNTANT ON FIXED REMUNERATION UNDER ODISHA FORESTRY SECTOR DEVELOPMENT PROJECT PHASE-II**

**No.MM-48:**The DFO-cum-DMU Chief, Athmallik Divisional Management Unit (DMU) invites application from suitable candidates for hiring, one post of Project Accountant for DMU, Athmallik on fixed remuneration basis under the Odisha Forestry Sector Development Project, Phase-II.
Interested candidates may obtain Term of References and Application may download from the https://www.ofsds.in website. Duly filled in application along with demand draft of Rs.500/- (Non-refundable) in favour of DFO-cum-DMU Chief, Athmallik from any Nationalised Bank and Xerox copy of all relevant certificates should reach the undersigned on or before 4 PM of Dt.20.07.2024.

**Sd./- DFO-Cum-DMU Chief,**
**Athmallik Forest Division, Athmallik**
**Date:24.06.2024** **OIPR-08125/11/0002/2425**

### OFFICE OF THE PANCHAYAT SAMITI, BONAIGARH
**Dist-Sundargarh**
**Letter No.2000** **Date:24.06.2024**

**Tender Call Notice No. / 2024-25**

**No.i-09:**Sealed Tenders are invited from the interested bidder for the civil work under BDO, Bonaigarh of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www. sundergarh.nic.in. The bidder should be B' class contractor only. They have to submit the bid document to the undersigned in the address of office of the the B.D.O., Bonaigarh, At/P.O. Bonaigarh, Pin-770038, Dist- Sundargarh (Odisha) through Registered Post / Speed Post only on or before 06 /07/2024,up to 5:00 PM. The sale of tender paper will be from dated 24/06/2024 to dated 05/07/2024 in the district website www. sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 08.07.2024 at 11.00 AM in the office of the undersigned in the presence of the bidders or his/her authorized representatives.

**Sd./- Block Development Officer, Bonaigarh**
**OIPR-19333/11/0002/2425**

### GOVERNMENT OF ODISHA
**DEPARTMENT OF WATER RESOURCES**
**O/O THE SUPERINTENDING ENGINEER ANGUL IRRIGATION DIVISION, ANGUL**
e-Mail Id - eeangulirrigation@gmail.com
**'e'-Procurement Notice No, SE-AID-2/2024-25**

**No.A-74:**The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | |
|---|---|---|
| 1 | Total No. of Works | 18 (Eighteen) Nos. Civil work |
| 2 | Cost of Work put to tender | Approximately Rs. 4.17 Lakh to Rs.33.99 Lakh |
| 3 | Tender Paper Cost | Rs.2,000/- Rs.4,000/- Rs.6,000/- (Non Re-fundable) |
| 4 | Class of Contractor | 'D' & 'C' / 'C' & 'B' equivalent Grade / Class |
| 5 | Period of Completion | 60 Days / 90 Days |
| 6 | Availability of Bid Documents and receipt of bid through online | From 10.00 A.M of 02.07.2024 to 5.00 P.M of 12.07.2024 in the website (www.tendersodisha.gov.in) |
| 7 | Date, time & place for opening of online tenders | 15.07.2024 at 11.00 A.M and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | 22.07.2024 at 11.00 A.M in the O/o the SE, Angul Irrigation Division, Angul. |
| 9 | Digital Signature Certificate | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- eeangulirrigation@gmail.com |

Further details can be seen from the e-procurement portal of Government of Odisha at **www.tendersodisha.gov.in.**

**Sd./- Superintending Engineer**
**Angul Irrigation Division, Angul**
**OIPR-32049/11/0003/2425**

Annexure - A

### TERMS & CONDITIONS FOR HIRING OF VEHICLES

No.A-73: The following terms and conditions must be fulfilled by the successful bidder for providing a vehicle on hire on monthly rent basis.

1. The hired vehicles, during period of contract, shall have all necessary valid MV documents such as valid Registration Certificate, Insurance Certificate, Fitness Certificate, valid Contract Carriage permit, Pollution Certificate, proof of uptodate Tax payment etc. and D.L. of the driver available all the times.
2. The Department/Office hiring the vehicle shall not be responsible for any damage/loss caused to hired vehicles or loss of life/injury made to any person or damage to any property on account of use of hired vehicle any manner whatsoever. The hirer shall be responsible for all such litigation.
3. The hire charges to be paid for monthly basis is final but does not include cost of diesel which is to be paid separately basing on actual consumption and as per existing Govt. norms. All the expenditure of the vehicle towards repair, replacement of spare parts, Lubricating Oil of Engine, Gear Box & differential Coolant, Tyres & Tubes, Battery etc. will be borne by the bidder.
4. It shall be the responsibility of the bidder to provide a good driver and the salary of the driver shall be borne by the vehicle owner.
5. In case of breakdown for reasons whatsoever the replacement of a vehicle of the same or better model shall be provided by the owner of the vehicle/ bidder.
6. In case of the vehicle do not report regularly, the authority will be at liberty to terminate the Agreement without prior notice.
7. The vehicles shall report for duty for minimum of 25 days in a month.
8. In case of emergency, the driver will have to report for duty as per the requirement of hirer. No extra payment shall be demanded.
9. Monthly hire charges and reimbursements towards cost of diesel (as per actual) and lubricants (as per Govt. norms) of selected bidder will be paid in every succeeding month, as per as possible within fifteen days of the submission of bill by the service provider and no advance payment will be made.
10. The vehicle shall not be more than 3 years old from the initial registration and also in good running condition during the period of contract.
11. If the services are found to be unsatisfactory, the client shall give one month notice and terminate the agreement.
12. In case the service provider intends to withdraw the services of his vehicle and terminate the agreement, it shall be mandatory upon him to grant one month notice before such withdrawal of service and termination of agreement.
13. If the bidder violates any of the terms of contract, Government shall forfeit the entire amount of security deposit.

**Sd./- Superintending Engineer, Angul Irrigation Division**
**OIPR-32049/11/0001/2425**

### OFFICE OF THE DISTRICT JUDGE, DHENKANAL
No.01/Rect./2024
**SHORT ADVERTISEMENT**
**Dated the 24th day of June 2024**

**No.W-16:**Applications in the prescribed format are invited from the intending candidates for filling up of the following posts of Jr. Clerk-cum-Copyist, Jr. Typist, Stenographer Grade-III and Salaried Amin in the Judgeship of Dhenkanal in the regular pay scale as mentioned in the following table against each post with usual D.A. and other allowances, as admissible to them from time to time by the Government of Odisha. The Odisha District and Civil Courts' Judicial Staff Services (Method of Recruitment and Conditions of Service) Rules, 2008 **(as amended in the year 2010 & the year 2023)** shall govern these appointments and shall be subject to the result of **W.P.(C) No. - 1273/ 2014** pending before the Hon'ble High Court of Orissa, Cuttack.

| Sl. No. | Categories of Post | Scale of Pay as per Pay Matrix of ORSP Rules, 2017 | UR | SC | ST | SEBC | Total |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| 1 | Junior Clerk-cum-Copyist | Level-4 Rs. 19,900- 63,200/- | 5 | 1 | 3 (W-1) | 1 | 10 |
| 2 | Junior Typist | Level-4 Rs. 19,900- 63,200/- | 1 | - | 2 (W-1) | - | 3 |
| 3 | Stenographer Gr-III | Level-7 Rs.25,500- 81,100/- | 1 | - | 2 (W-1) | - | 3 |
| 4 | Salaried Amin | Level-5 Rs.21,700- 69,100/- | - | - | 1 | - | 1 |

**NOTE:** Reservation of vacancies for Ex-Service men, Sports person and Persons with Disability (PwD) shall be made in accordance with the provisions made under the relevant rules. The number of above vacancies in different categories of the posts may increase or decrease. The authority reserves the right to cancel the recruitment process at any time without prior notice. The decision of the District Judge as to the method of recruitment and result of examination shall be final.
**Last Date of Application: 24.07.2024**
**For Details please visit the District Court Website: https://dhenkanal.dcourts.gov.in.**

**OIPR-18051/11/0001/2425** **Sd./- District Judge, Dhenkanal**

No. L-05

### DEPARTMENT OF AGRICULTURE & FARMERS' EMPOWERMENT DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR

**EXPRESSION OF INTEREST (EOI)**

**Engagement of Community Based Organisations at Block Level under "Promotion of indigenous aromatic and non-aromatic paddy with export potential/local market" 2024-25 of Govt. of Odisha**

Expression of Interest is invited by the Director of Agriculture & Food Production, Odisha, Bhubaneswar from the experienced and interested organizations for engagement as Community Based Organization for newly allotted blocks of Angul, Dhenkanal, Gajapati, Malkangiri, Mayurbhanj, Nabarangpur, Sambalpur, Koraput, Keonjhar, Nuapada & Sundargarh districts under "Promotion of indigenous aromatic and non-aromatic paddy with export potential/local market" 2024-25. Interested organizations/agencies are requested to submit the EoI in sealed envelope super scribed as **Application for engagement as Community Based Organisations at Block Level under "Promotion of indigenous aromatic and non-aromatic paddy with export potential/local market" 2024-25 of ----------- district** as per enclosed application format by registered/Speed post. Proposals in E-Mail would not be entertained in this regard. The EOI should be addressed to the Office of the Chief District Agriculture Officer **(District name)** from the above mentioned districts. Last date for receipt of EoI is **8th July 2024 up to 1:00 PM** and the same shall be opened on the same day at 3.30PM in presence of authorized signatory and representatives. The application form and detail terms & conditions are available in the official website of **www.agrisnetodisha.ori.nic.in & www.agriodisha.gov.in.**

The authority shall not be responsible for any sort of postal delay and the EoI received beyond scheduled date and time shall not be entertained and out right to be rejected. The authority reserves the right to cancel/reject any or all the EOI without assigning any reason thereof.

**Sd/-**
**Director of Agriculture & Food Production, Odisha**
**OIPR-01510/11/0001/2425**

### GOVERNMENT OF ODISHA
**OFFICE OF THE SUPERINTENDING ENGINEER, P.H.DIVISION, BALANGIR**
**Email Id: eephbgr@yahoo.co.in, Ph.No.- (06652-234647)**
**NATIONAL COMPETITIVE BIDDING THROUGH e-PROCUREMENT**
**No.C-84:** **Invitation for Bid (IFB) Dtd.21.06.2024**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| 1 | Supply of ISI Marked DI K 7 pipe line in connection with the work "Utility shifting of Water supply pipe line and tube wells from the ROW of 4-lane road of Binika NAC." | SE PH BGR 01/2024-25 Dt.21.06.2024 | 214.72 | Manufacturer | 2 Months | 01.07.2024 | 15.07.2024 |

Name & Address of Officer Inviting Bid: The Superintending Engineer, Office of the Superintending Engineer, Public Health Division, Balangir, At-Tulasinagar, Po/Dist-Balangir, Pin-767001, Odisha, Phone:06652-234647, E-mail: eephbgr@yahoo.co.in.
- Further details can be seen from the e-Procurement Portal "https://www.tenderodisha.gov.in."
- All amendments, time extension, clarfications etc. will be uploaded in the website only. Bidders should regularly visit the above website to keep themselves updates.

**OIPR-13005/11/0006/2425** **Sd./- Superintending Engineer, P.H. Division, Balangir**

### STATE SELECTION BOARD DEPARTMENT OF HIGHER EDUCATION
**GOVT. OF ODISHA**
**BHUBANESWAR -09**
**Web-site: - www.ssbodisha.ac.in / E-mail: - ssbdeptofhe@gmail.com**
**No. SSB (EX) 01 /2024 -350 / SSB** **Dated 25-06-2024**

**NOTICE**

No. N-39: It is for information of all concerned that the candidates bearing the following Roll Nos. have been provisionally shortlisted to appear the Computer Skill Test scheduled to be held on **28.06.2024** in the sitting as mentioned below in Regional College of Management, Chandrasekharpur, Bhubaneswar.
Candidates are required to bring with them the Hall Tickets (Admit Cards) already issued to them to appear the written examination on 19.06.2024 and their Photo Identity Proof.
Candidates are further instructed to report at the centre by 9.30 A.M. in the first sitting and by 12.00 Noon in the second sitting.

| First Sitting (10.00 A.M to 11.00 A.M.) | Second Sitting (12.30 P.M. to 1.30 P.M.) |
|---|---|
| 24BMJA00062, 24BMJA00321, 24BMJA00430, 24BMJA01197, 24BMJA01241, 24BMJA01246, 24BMJA01278, 24BMJA01511, 24BSJA00482, 24BSJA00635, 24BSJA00641, 24BSJA00832, 24BSJA01094, 24BSJA01270, 24BSJA01426, 24BSJA01473, 24BSJA01529, 24BSJA01557, 24BSJA01851, 24BSJA01891, 24BSJA02007, 24BSJA02122, 24SPJA00073, 24SPJA00228, 24SPJA00243, 24SPJA00289, 24SPJA00303, 24SPJA00393, 24SPJA00503, 24SPJA00853, 24SPJA00947, 24SPJA01014, 24SPJA01358, 24SPJA01392, 24SPJA01761, 24SPJA02117, 24SPJA02123, 24SPJA02484, 24SPJA03062, 24SPJA03229, 24SPJA03291, 24SPJA03312, 24SPJA03345, 24BHJA00023, 24BHJA00202, 24BHJA00212, 24BHJA00287, 24BHJA00346, 24BHJA00385, 24BHJA00407, 24BHJA00448, 24BHJA00528, 24BHJA00815, 24BHJA00861, 24BHJA00868, 24BHJA00897, 24BHJA00991, 24BHJA00998, 24BHJA01056, 24BHJA01107, 24BHJA01160, 24BHJA01171, 24BHJA01174, 24BHJA01480, 24BHJA01609, 24BHJA01949, 24BHJA01960, 24BHJA01967, 24BHJA02092, 24BHJA02148, 24BHJA02163, 24BHJA02179, 24BHJA02338, 24BHJA02438, 24BHJA02570, 24BHJA02720, 24BHJA02956, 24BHJA02986, 24BHJA03508, 24BHJA03700. | 24BHJA03707, 24BHJA03866, 24BHJA03885, 24BHJA03977, 24BHJA03988, 24BHJA04008, 24BHJA04138, 24BHJA04172, 24BHJA04204, 24BHJA04229, 24BHJA04299, 24BHJA04374, 24BHJA04412, 24BHJA04435, 24BHJA04575, 24BHJA04662, 24BHJA04732, 24BHJA04910, 24BHJA04968, 24BHJA05245, 24BHJA05269, 24BHJA05341, 24BHJA05694, 24BHJA05804, 24BHJA05987, 24BHJA06011, 24BHJA06039, 24BHJA06092, 24BHJA06112, 24BHJA06306, 24BHJA06403, 24BHJA06516, 24BHJA06623, 24BHJA06723, 24BHJA06792, 24BHJA06860, 24BHJA06944, 24BHJA06986, 24BHJA07110, 24BHJA07337, 24BHJA07341, 24BHJA07343, 24BHJA07348, 24BHJA07388, 24BHJA07399, 24BHJA07636, 24BHJA07701, 24BHJA07839, 24BHJA07971, 24BHJA08066, 24BHJA08289, 24BHJA08448, 24BHJA08468, 24BHJA08493, 24BHJA08733, 24BHJA08852, 24BHJA08887, 24BHJA08927, 24BHJA08990, 24BHJA09277, 24BHJA09356, 24BHJA09383, 24BHJA09404, 24BHJA09529, 24BHJA09656, 24BHJA09939, 24BHJA10063, 24BHJA10163, 24BHJA10189, 24BHJA10473, 24BHJA10479, 24BHJA10825, 24BHJA10958, 24BHJA11123, 24BHJA11175, 24BHJA11183, 24BHJA11221, 24BHJA11268, 24BHJA11282, 24BHJA11450, 24BHJA11666, 24BHJA11770. |

**OIPR-11015/11/0009/2425** **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରେକର୍ଡ ସ୍ତରରେ ଏନ୍‌ଏସ୍‌ଇ ନିଫ୍ଟି

## ୫୩,୦୦୦ଅଙ୍କ ନିକଟବର୍ତ୍ତୀ ନିଫ୍ଟି ବ୍ୟାଙ୍କ

ନୂଆଦିଲ୍ଲୀ,୨୬।୬ (ଅଭୟ ଦାଶ)

ଘରୋଇ ଶେୟାର ବଜାର କାରବାରରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ନୂତନ ରେକର୍ଡ ସହ ସର୍ବୋଚ୍ଚସ୍ତରରେ ରହିଛନ୍ତି। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସ ଅଲ ଟାଇମ ହାଇ ବା ସର୍ବୋଚ୍ଚସ୍ତର (୭୮,୬୭୪.୨୫ଅଙ୍କ)ରେ ପହଞ୍ଚିଥିଲାବେଳେ ଏନଏସଇ ନିଫ୍ଟି ମଧ୍ୟ ନୂତନ ରେକର୍ଡ ସହ ୨୪,୦୦୦ (୨୩,୮୬୮.୮୦)ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ବୁଧବାର ଏନଏସଇର ନିଫ୍ଟି ୫୦ର କାରବାର ପ୍ରାରମ୍ଭରେ





ସର୍ବୋଚ୍ଚ ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ୨୩,୮୬୮.୮୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ବିଏସଇ ସେନସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲାବେଳେ ପ୍ରାରମ୍ଭରେ ସେନସେକ୍ସ ଅଲ ଟାଇମ ହାଇ ପହଞ୍ଚିଥିଲାବେଳେ ୭୮,୬୭୪.୨୫ଅଙ୍କରେ କାରବାର ଶେଷ କରିଥିଲା। ସେହିଭଳି ବିଏସଇ ସେନସେକ୍ସର କାରବାର ୦.୮୦% ବୃଦ୍ଧି ଘଟିଥିବାବେଳେ ଏସଏନଇ ନିଫ୍ଟି ୫୦ରେ ମଧ୍ୟ ୦.୬୨ % ବୃଦ୍ଧି ହୋଇଛି। ଏପରିକି ବିଏସଇ ସ୍ମଲକ୍ୟାପ ଏବଂ ବିଏସଇ ମିଡକ୍ୟାପ କାରବାର ସାମନ୍ୟ ପାଇଥିଲା। ଏପରିକି ନିଫ୍ଟି ମିଡକ୍ୟାପ ୧୨୨.୭୫ ପଏଣ୍ଟ ବା ୦.୨୨% ହ୍ରାସ ପାଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୦.୯୦ ପଏଣ୍ଟ ବା ୦.୦୧% ବୃଦ୍ଧି ଘଟଇଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କିଙ୍ଗ (ବ୍ୟାଙ୍କ)ର କାରବାର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ କାରବାର ଶେଷ ସୁଦ୍ଧା ୨୬୪.୫୦ ପଏଣ୍ଟ ବୃଦ୍ଧି ବା ୦.୫୦% ବୃଦ୍ଧି ପାଇ ୫୩,୦୦୦ (୫୨,୮୭୦.୫୦ ଅଙ୍କ ) ଅଙ୍କ ନିକଟବର୍ତ୍ତୀ ହୋଇଥିଲା ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିପରି ବିଏସଇ ସେନସେକ୍ସ ପଞ୍ଜିକୃତ ନିବେଶକଙ୍କ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆରଆଇଏଲ) ସର୍ବାଧିକ ଲାଭ ବାନ ହୋଇଥିଲାବେଳେ ଭାରତୀ ଏୟାରଟେଲ, ଅଲଟ୍ରାଟେକ ସିମେଣ୍ଟ, ଆଇସିଆଇସିଆଇ ବ୍ୟାଙ୍କ, ମିଡିଆ, ଅଏଲ ଆଣ୍ଡ ଗ୍ୟାସ ଭଳି ନିବେଶକମାନେ ମଧ୍ୟ ପ୍ରାୟ ଲାଭବାନ ହୋଇଛନ୍ତି।

ଏପରିକି ସେକ୍ଟୋରାଲ କ୍ଷେତ୍ରରେ ଅଟୋ, ଆଇଟି, ଟେଲିକମ, ମେଟାଲ, ଏଫଏମସିଜି, ଫାର୍ମା, ହେଲଥ କେୟାର ଏବଂ ଘରୋଇ ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ନିବେଶ ସଂସ୍ଥାର ନିବେଶ ପୂର୍ବ ଦିନ ଅପେକ୍ଷା ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୨୧(୬୨୦.୭୩) ପଏଣ୍ଟ ବଢ଼ି ୭୮,୬୭୪ (୭୮,୬୭୪.୨୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୭ (୧୪୭.୫୦) ପଏଣ୍ଟ ବୃଦ୍ଧି ଘଟି ୨୩,୮୬୯(୨୩,୮୬୮.୮୦)ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ୱାନ୍‌ପ୍ଲସ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୬।୬

ଦେଶର ପ୍ରମୁଖ ସ୍ମାର୍ଟଫୋନ ତଥା ଗ୍ଲୋବାଲ ଟେକ୍ନୋଲୋଜି ବ୍ରାଣ୍ଡ୍ ୱାନ୍‌ପ୍ଲସ୍‌ର ନୂତନ ଉତ୍ପାଦ 'ୱାନ୍ ପ୍ଲସ୍ ନର୍ଡ୍ ସିଇ୪ ଲାଇଟ ୫ଜି'କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୱାନ୍ ପ୍ଲସ୍ ନର୍ଡ୍ ସିଇ୪ ଲାଇଟ ୫ଜିରେ ୫,୫୦୦ଏମ୍‌ଏଏଚ୍ ଉଚ୍ଚ କ୍ଷମତାବିଶିଷ୍ଟ ବ୍ୟାଟେରି ସହ ୮୦ ୱାଟ୍ ସୁପରଭୋକ୍ ଫାଷ୍ଟ ଚାର୍ଜିଂ, ୧୨୦ ଏଚ୍‌ଜେଡ୍ ସୁପର ବ୍ରାଇଟ, ୨୧୦୦ନିଟ୍ ଆମାଲେଡ୍ ଡିସ୍‌ପ୍ଲେ, ଆକ୍ୱା ଟଚ୍ ଏବଂ ଓଆଇଏସ୍ ସହ ସୋନି ଲିଥିଆ ୬୦୦କ୍ୟାମେରା ଭଳି ଫିଚର ସାମିଲ ରହିଛି।

ଏ ସମ୍ପର୍କରେ ୱାନ୍‌ପ୍ଲସ୍‌ର ସଭାପତି ତଥା ସିଓଓ କିଣ୍ଡର ଲିଉ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ 'ୱାନ୍ ପ୍ଲସ୍ ନର୍ଡ୍ ସିଇ୪ ଲାଇଟ୍ ୫ଜି'କୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଫ୍ଲାଗ୍‌ଶିପ୍ ସ୍ପେଶିଫିକେଶନ୍ ଏବଂ ଟେକ୍ନୋଲୋଜିକୁ ଅନ୍ତର୍ଭୁକ୍ତ କରାଇ ବ୍ରାଣ୍ଡର ମୂଲ୍ୟ ସୀମା ପାଇଁ ବେଞ୍ଚମାର୍କକୁ ମଧ୍ୟ ପୁନଃ ନିର୍ଦ୍ଧାରଣ କରିଛୁ। ବିଶେଷକରି ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଅନୁଭୂତିରେ ପ୍ରକୃତ ଉନ୍ନତି ଆଣିବା ପାଇଁ ଅନେକ ବୈଶିଷ୍ଟ୍ୟ ସଂଯୋଗ କରୁଛୁ।

# ସଶକ୍ତୀକରଣ ମାଧ୍ୟମରେ ଅଭିବୃଦ୍ଧି

ଭୁବନେଶ୍ୱର,୨୬।୬

ଦେଶର ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ତଥା ମାର୍କେଟପ୍ଲେସ 'ଫ୍ଲିପକାର୍ଟ' ପକ୍ଷରୁ ଇଣ୍ଟରନ୍ୟାଶନାଲ ଏମ୍‌ଏସ୍‌ଏମ୍‌ଇ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏମ୍‌ଏସ୍‌ଏମ୍‌ଇ ସମର୍ଥ ଉଦ୍ୟୋଗୀମାନଙ୍କ ପ୍ରେରଣାଦାୟକ ଯାତ୍ରାଗୁଡ଼ିକୁ ଫ୍ଲିପକାର୍ଟ ପକ୍ଷରୁ ପ୍ରଦର୍ଶିତ କରାଯାଇଛି, ଯାହାକି ବ୍ୟବସାୟର ସଫଳତାକୁ ପରିଚାଳନା କରିବା କ୍ଷେତ୍ରରେ ଅନ୍‌ଲାଇନ ମାର୍କେଟପ୍ଲେସ ଓ ଉଦ୍ଭାବନର ପରିବର୍ତ୍ତନଶୀଳ ଶକ୍ତିକୁ ସୂଚିତ କରୁଛି। ଉଲ୍ଲେଖଯୋଗ୍ୟ, ୨୦୧୯ରେ ଆରମ୍ଭ ହୋଇଥିବା ଫ୍ଲିପ୍‌କାର୍ଟ ସମର୍ଥ ପ୍ରୋଗ୍ରାମ ବଜାର ପହଞ୍ଚ ଓ ଡିଜିଟାଲ ଟୁଲ ପ୍ରଦାନ ସହ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସଶକ୍ତ କରାଇ ସେମାନଙ୍କୁ ଇ-କମର୍ସ ଇକୋସିଷ୍ଟମରେ ଏକତ୍ରିତ କରି ୧.୮ ମିଲିୟନରୁ ଅଧିକ ଜୀବିକାକୁ ସମର୍ଥନ କରିଛି। ସେହିଭଳି ଏହି ଦିବସକୁ ପାଳନ କରୁଥିବାରୁ ଆମେ ସୁଖେନ ଦାସଙ୍କ ପ୍ରାଚୀନ ଅଳଙ୍କାର କାରିଗରି, ସ୍ୱପ୍ନିଲ କାବ୍ରାଙ୍କ ପାରମ୍ପରିକ କାଠ ଫର୍ଣ୍ଣିଚର ବ୍ୟବସାୟ, ଆୟୁଷ କୁମାୱତଙ୍କ ଅଭିନବ ହସ୍ତଶିଳ୍ପ ଓ ପ୍ରିୟଦର୍ଶିନୀ ପଣ୍ଡାଙ୍କ ସଶକ୍ତ ଶାଢ଼ି ବ୍ୟବସାୟର ବିବିଧ ଉଦ୍ୟୋଗିକ ଯାତ୍ରାକୁ ପାଳନ କରିବାକୁ ଚାହୁଁଛୁ। ସେହିପରି ପ୍ରତ୍ୟେକ କାହାଣୀ ଉଦ୍ୟୋଗୀଙ୍କ ଆଗ୍ରହ ଓ ସେମାନଙ୍କର ସଫଳତାର କାହାଣୀ ଏବଂ ଡିଜିଟାଲ ରୂପାନ୍ତରଣ, ବଜାର ପହଞ୍ଚ ଓ ସମୁଦାୟ ସଶକ୍ତୀକରଣ ମାଧ୍ୟମରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଫ୍ଲିପ୍‌କାର୍ଟର ଭୂମିକାକୁ ରେଖାଙ୍କିତ କରୁଛି।

ଓଡ଼ିଶାର ମାଣିଆବନ୍ଧ ଏକ ସୁନ୍ଦର ଓ ଶାନ୍ତମୟ ଗ୍ରାମରେ ପ୍ରିୟଦର୍ଶିନୀ ପଣ୍ଡାଙ୍କ କାହାଣୀ ସ୍ଥିରତା ଓ ଉଦ୍ଭାବନ ପ୍ରତି ଏକ ପ୍ରମାଣ ହୋଇଥିବାବେଳେ ଡିକେ ଫ୍ୟାଶନ ଶାଢ଼ିର କେନ୍ଦ୍ରରେ ପ୍ରିୟଦର୍ଶିନୀଙ୍କ ଉଦ୍ୟୋଗ ସମ୍ବଲପୁରୀ ଶାଢ଼ିର କାଳଜୟୀ ଉତ୍କର୍ଷତାକୁ ଏକ ବ୍ୟାପକ ଦର୍ଶକ ଆଧାର ନିକଟକୁ ଆଣିବା ସହିତ ସ୍ଥାନୀୟ ବୁଣାକାରମାନଙ୍କୁ ସଶକ୍ତ କରୁଛି।

# ହାଭେଲ୍ସ ଲୟେଡ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୬।୬



ଦେଶର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ ତଥା ହାଭେଲ୍ସ ଇଣ୍ଡିଆ ଲିମିଟେଡ୍‌ର ନୂତନ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ବ୍ରାଣ୍ଡ୍ ଷ୍ଟୋର) ବାଲାଙ୍ଗୀରର କଣ୍ଟାବାଞ୍ଜିଠାରେ ଉଦ୍‌ଘାଟିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଶ୍ରୀ ବିନ୍ଧେଶ୍ୱରୀ ସେଲ୍ସ ଆନୁକୂଲ୍ୟରେ ଏହି ବ୍ରାଣ୍ଡ୍ ଷ୍ଟୋରର ଶୁଭାରମ୍ଭ ନିକଟରେ ହୋଇଯାଇଛି।

ଏହି ଅବସରରେ ହାଭେଲ୍ସ ଇଣ୍ଡିଆ ଲିମିଟେଡ୍‌ର ଶାଖା ମୁଖ୍ୟ (ଓଡ଼ିଶା)ଦୁଲାଲ ମହାନ୍ତିଙ୍କ ସମେତ ଶ୍ରୀ ବିନ୍ଧେଶ୍ୱରୀ ସେଲ୍ସର ସ୍ୱତ୍ୱାଧିକାରୀ ନରେନ୍ଦ୍ର ଅଗ୍ରୱାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏଠାରେ ହାଭେଲ୍ସ ଲୟେଡ୍‌ର ସମସ୍ତ ନୂତନ ଉତ୍ପାଦ ସାଙ୍ଗକୁ ଗ୍ରାହକଙ୍କ ଚାହିଦା ମୁତାବକ ବ୍ରାଣ୍ଡ୍ ସାମଗ୍ରୀ ମଧ୍ୟ ଉପଲବ୍ଧ ସହ ଯୋଗାଇ ଦିଆଯିବ ବୋଲି ଷ୍ଟୋର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଓଡ଼ିଶା ବଜାରରେ ବ୍ରାଣ୍ଡର ଏହା ୩୫ତମ ବ୍ରାଣ୍ଡ୍ ଷ୍ଟୋର ହୋଇଥିଲାବେଳେ ହାଭେଲ୍ସ ଲୟେଡ୍ ୱାର୍ଲଡ ଅଫ୍ ଏକ୍ସପେରିଏନ୍ସ ଭାବେ ପରିଚିତ ହୋଇଛି।

# ଓଲାର ଇଲେକ୍ଟ୍ରି ରଶ୍ ଅଫର

ଭୁବନେଶ୍ୱର,୨୬।୬

ଦେଶର ପ୍ରମୁଖ ଦୁଇଚକିଆ ଇଲେକ୍ଟ୍ରିକ୍ ଭେଇକିଲ ( ଇଭି) ବ୍ରାଣ୍ଡ 'ଓଲା' (ଓଲା ଇଲେକ୍ଟ୍ରିକ୍)ର ବହୁ ପ୍ରତୀକ୍ଷିତ ଅଫର 'ଓଲା ଇଲେକ୍ଟ୍ରି ରଶ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏସ୍୧ ପୋର୍ଟଫୋଲିଓ ଉପରେ ବିଶେଷ ରିହାତି (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ଜୁନ୍ ୨୮ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ସେହିଭଳି ଗ୍ରାହକମାନେ ଏହି ଅଫର ଜରିଆରେ ଏସ୍୧ ଏକ୍ସ+ ଉପରେ ୫,୦୦୦ ଟଙ୍କା ଏବଂ ଏସ୍୧ ପ୍ରୋ ଓ ଏସ୍୧ ଏୟାର ଉପରେ ୨,୫୦୦ ଟଙ୍କାର ରିହାତି ପାଇପାରିବେ। ଏପରିକି ଗ୍ରାହକମାନେ ଏସ୍୧ ଏକ୍ସ+ ଉପରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ବୋନସ ସମେତ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଲାଭ ସହ ସମଗ୍ର ଏସ୍୧ ପୋର୍ଟଫୋଲିଓ ଉପରେ ନିର୍ଦ୍ଦିଷ୍ଟ କ୍ରେଡିଟ୍ କାର୍ଡ ଇଏମ୍ଆଇରେ ୫,୦୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶ ବ୍ୟାକ୍ ମଧ୍ୟ ପାଇପାରିବେ। ବିଶେଷକରି ଗ୍ରାହକଙ୍କ ଭିନ୍ନ ଭିନ୍ନ ରେଞ୍ଜ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ଆକର୍ଷଣୀୟ ମୂଲ୍ୟରେ ୬ଟି ଅଫରିଂ ସହ ଏକ ବିସ୍ତୃତ ଏସ୍୧ ପୋର୍ଟଫୋଲିଓ ପ୍ରଦାନ କରୁଛି। ଏହା ଏସ୍୧ ଏକ୍ସ ପୋର୍ଟଫୋଲିଓ ସହିତ ମାସ୍-ମାର୍କେଟ୍ ସେଗ୍‌ମେଣ୍ଟରେ ନିଜର ପ୍ରବେଶକୁ ଚିହ୍ନିତ କରିଥିଲା। ଉଲ୍ଲେଖଯୋଗ୍ୟ, ଏସ୍୧ ଏକ୍ସ ପୋର୍ଟଫୋଲିଓ ୩ଟି ବ୍ୟାଟେରି କନ୍‌ଫିଗୁରେଶନ (୨କେଡବ୍ଲ୍ୟୁଏଚ୍, ୩ କେଡବ୍ଲ୍ୟୁଏଚ୍ ଓ ୪ କେଡବ୍ଲ୍ୟୁଏଚ୍)ରେ ଉପଲବ୍ଧ। ଏହି ସ୍କୁଟରଗୁଡ଼ିକର ମୂଲ୍ୟ ଯଥାକ୍ରମେ ୭୪,୯୯୯ଟଙ୍କା, ୮୪,୯୯୯ଟଙ୍କା ଓ ୯୯,୯୯୯ ଟଙ୍କା ରହିଛି। ଏହା ବ୍ୟତୀତ ଏହାର ପ୍ରିମିୟମ ଅଫରିଂଗୁଡ଼ିକରେ ଏସ୍୧ ପ୍ରୋ, ଏସ୍୧ ଏୟାର ଓ ଏସ୍୧ଏକ୍ସ+ ସାମିଲ ରହିଛି, ଯାହାର ମୂଲ୍ୟ ଯଥାକ୍ରମେ ୧,୨୯,୯୯୯ ଟଙ୍କା, ୧,୦୪,୯୯୯ ଟଙ୍କା ଓ ୮୯,୯୯୯ ଟଙ୍କା ରହିଛି।


# Classified Everyday

0674-2580101, 2549949





### SALE

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚାଶରୁ ବିକ୍ରିହେବ। **9178660666.** D-268

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

**BDA new planning area at Benupur low cost investment plots available, price starts from @ 799/-. 6371364640.** D-75966

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-582

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Relax refreshment body massage therapy by experience lady therapist. 7008773793. D-76129

### AFFIDAVIT

I, Debasmita , W/o- Asish Ranjan Lenka, resident of At/P.O.-Malasasan,P.S.-Salepur, Dist.-Cuttack, Pin-754201, Odisha declared by this affidavit No. 68AA 159452, dated 29.05.2024, that now onwards I shall be known as Debasmita Sahoo for all future Purposes. D-583

Affidavit No.-22, Date-26.6.2024 before Executive Magistrate, Bhubaneswar my name has changed from Snehamayee Pradhan to Sanjukta Pradhan. Henceforth, I shall be known as Sanjukta Pradhan, D/o Rabindra Pradhan, At- Fategarh, P.O.- Fategarh, Dist.- Nayagarh for all future purposes. D-584

### LOST

I, Sujata Jena, W/o Basanta Kumar Jena of Vill.- Bajapayee Nagar, P.O.- RRL, P.S.- Maitri Vihar, Dist.- Khordha, Odisha declare that on Dtd. 11.05.2024 at about 11 A.M. I lost the Original Land Patta (R.O.R.) and sale deed of the scheduled property, situated under Mouza- Terundia, Tahasil- Nimapara, Dist.- Puri bearing Khata No.- 1222/314, ROR No.-1190, Area- 0.30 Dcml. Sale Deed No.- 11521200512 during my tranist to Patia Chhak & unable to trace the same of my best efforts. If anyone finds it, please contact on Mob. No.- 9853311189. This is to be produced before the competent authority. D-585


# ସରିଲା ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦରର ଡ୍ରୋନ୍ ସର୍ଭେ

ଭୁବନେଶ୍ୱର,୨୬।୬

ଦେଶର ପ୍ରମୁଖ ଘରୋଇ ଡ୍ରୋନ୍ ଟେକ୍ ଏବଂ ଆନାଲିଟିକ୍ସ କମ୍ପାନୀ 'ଆଇଜି ଡ୍ରୋନ୍ସ'ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦରର ଡ୍ରୋନ୍ ସର୍ଭେ କାର୍ଯ୍ୟ ନିକଟରେ ଶେଷ ହୋଇଛି। ଏପରିକି ଆଇଜି ଡ୍ରୋନ୍ସ ଏହି ସର୍ଭେ କାର୍ଯ୍ୟ ଗତ ୨ମାସରେ ସମ୍ପୂର୍ଣ୍ଣ କରିଥିଲା। ସେହିଭଳି ହାଇଟେକ୍ ଡ୍ରୋନ୍‌ଗୁଡିକ ଜରିଆରେ କମ୍ପାନୀ ଏହି ପ୍ରକଳ୍ପର ସର୍ବେକ୍ଷଣ କରିଥିଲାବେଳେ ଏହା ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବାରେ ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ଅପରପକ୍ଷରେ କମ୍ପାନୀ ବିମାନବନ୍ଦର କାର୍ଯ୍ୟର ବିଦ୍ୟମାନ ପ୍ରଗତିକୁ ନିୟମିତ



ତଦାରଖ କରିବା ପାଇଁ ଘରୋଇ ଭାବେ ବିକଶିତ ଡ୍ରୋନ୍‌ଗୁଡିକର ଉପଯୋଗ କରିବ। ଏପରିକି ଏହି ଡ୍ରୋନ୍‌ଗୁଡିକରେ ହାଇ ରିଜୋଲ୍ୟୁଶନ ଇମେଜ, ଭିଡିଓ ଓ ଅତିରିକ୍ତ ଡାଟା ହାସଲ କରିବା ପାଇଁ ଆଡଭାନ୍ସଡ୍ ସେନ୍ସର ସାମିଲ ରହିଛି। ଏହି ଡାଟାକୁ କମ୍ପାନୀର ନିଜସ୍ୱ ସଫ୍ଟୱେର ଆଇଜି ୱାନ୍ ମାଧ୍ୟମରେ ପ୍ରୋସେସ୍ କରାଯିବ, ଯାହା ଗଭୀର ବୈଷୟିକ ତଥ୍ୟ ଓ ରିଅଲ-ଟାଇମ ପ୍ରୋଜେକ୍ଟ ଟ୍ରାକିଂ ପ୍ରଦାନ କରିବ।

ଏ ସମ୍ପର୍କରେ ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟା କହିଛନ୍ତି, ଓଡ଼ିଶାର ଏକ ଅଗ୍ରଣୀ ଟେକ୍ କମ୍ପାନୀ ଭାବେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପ୍ରକଳ୍ପର ସର୍ଭେ କାର୍ଯ୍ୟ କରିବା ପାଇଁ ସୁଯୋଗ ପାଇଥିଲାବେଳେ ସରକାରଙ୍କଠାରୁ କଣ୍ଟ୍ରାକ୍ଟ ପାଇବା ପରେ ଆମେ ତତ୍‌କ୍ଷଣାତ ଆମର ହାଇଟେକ୍ ଡ୍ରୋନ୍ ଟେକ୍ନୋଲୋଜି ସହ କାର୍ଯ୍ୟ ଆରମ୍ଭ କରିଥିଲୁ। ଏପରିକି ଆମର ଟିମ୍ ମ୍ୟାପିଂ ଓ ସର୍ଭେ କାର୍ଯ୍ୟରେ ନିଜର ସମସ୍ତ ପ୍ରୟାସ ବିନିଯୋଗ କରିଥିଲାବେଳେ ଆମେ ଏହି ପ୍ରକଳ୍ପ ପାଇଁ ୧୦ ଟି ଡ୍ରୋନ ନିୟୋଜିତ କରିଥିଲୁ। ସେହିଭଳି ଆମେ ଅତୀତରେ ମେଟ୍ରୋ ରେଲ୍, ବୁଲେଟ ଟ୍ରେନ ଓ ଖଣି ପ୍ରକଳ୍ପ ଭଳି ଅନେକ ପ୍ରକଳ୍ପର ସର୍ଭେ କରିଛୁ ଏବଂ ଏହି ପ୍ରକଳ୍ପ ଆମର ଆଉ ଏକ ସଫଳତା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ କମ୍ପାନୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ଅନୁପ୍ରାଣିତ ଆଇଜି ଡ୍ରୋନ୍ସ ଜଗାର ଶୁଭାରମ୍ଭ କରିଛି, ଯାହାକି ସୁରକ୍ଷା, ପ୍ରତିରକ୍ଷା, କୃଷି, ଭିତ୍ତିଭୂମି କ୍ଷେତ୍ରର ତଦାରଖରେ ସଫଳତା ହାସଲ କରିଥିବା ଅତ୍ୟାଧୁନିକ ସର୍ଭେଲାନ୍ସ ଡ୍ରୋନ୍ । ହାଇ ରିଜୋଲ୍ୟୁଶନ କ୍ୟାମେରା ଓ ଆଡ୍‌ଭାନ୍ସଡ ସେନ୍ସରରେ ସୁସଜ୍ଜିତ ଏହାର ମଜଭୁତ ଡିଜାଇନ ଠିକ୍ ଡାଟା ସଂଗ୍ରହ ଓ ବାସ୍ତବ ସମୟର ନିରୀକ୍ଷଣ ସୁନିଶ୍ଚିତ କରିଥାଏ। ଉଦ୍ଭାବନ ସହ ନିର୍ଭରଯୋଗ୍ୟକୁ ଏକତ୍ରିତକରି ଏହା ଅତୁଳନୀୟ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ।

# ବଜାରରେ ସନ୍ କିଙ୍ଗ୍‌ର ନୂତନ ରେଞ୍ଜ

ଭୁବନେଶ୍ୱର,୨୬।୬





ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ସୌରଶକ୍ତି କମ୍ପାନୀ ସନ୍ କିଙ୍ଗ୍‌ର ନୂତନ ରେଞ୍ଜ 'ପାୱାର ପ୍ଲେ ପ୍ରୋ, ପାୱାର ହବ୍ ୩୩୦୦ ଏବଂ ଟର୍ଚ୍ଚ ପ୍ରୋ'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏହି ଅବସରରେ କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି ସୁନୀଲ ଛେତ୍ରୀ,ଶ୍ରେୟସ କେଟ୍‌କର ଓ ବିନିତ ସଞ୍ଜୟଙ୍କ ସମେତ ବେଙ୍ଗାଲୁରୁ ଏଫ୍‌ସିର ଖେଳାଳିମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସନ୍ କିଙ୍ଗ୍‌ର ଏହି ନୂତନ ରେଞ୍ଜର ଉଚ୍ଚ ଶକ୍ତିସମ୍ପନ୍ନ ସୋଲାର ସିଷ୍ଟମ 'ଦି ପାୱାର ହବ୍ ଓ ପାୱାର ପ୍ଲେ ସିରିଜ୍'ର ଉନ୍ମୋଚନ କରିଛନ୍ତି।

ଏପରିକି ପାୱାର ହବ୍ ରେଞ୍ଜରେ ପ୍ରଥମ ଉତ୍ପାଦ ପାୱାର ହବ୍ ୩୩୦୦କୁ ଅଣନିର୍ଭରଶୀଳ ଇଲେକ୍ଟ୍ରିକାଲ ଗ୍ରୀଡ୍ ପାଇଁ ଏକ ବିସ୍ତୃତ ରିପ୍ଲେସ୍‌ମେଣ୍ଟ ଭାବେ ଡିଜାଇନ କରାଯାଇଛି। ସେହିଭଳି ପାୱାର ପ୍ଲେ ସିରିଜରେ ସନ୍ କିଙ୍ଗ୍‌ର ପ୍ରଥମ ପୋର୍ଟେବୁଲ ସୋଲାର ଇନ୍‌ଭର୍ଟର ପାୱାର ପ୍ଲେ ପ୍ରୋ ଯାତ୍ରା କରୁଥିବା କିମ୍ବା ଘରର ପାୱାର ସପ୍ଲାଇର ଏକ ବ୍ୟାକ୍‌ଅପ୍ ସନ୍ଧାନ କରୁଥିବା ଲୋକଙ୍କ ପାଇଁ ଉପଯୁକ୍ତ ଉତ୍ପାଦ ହୋଇଥିଲାବେଳେ ସବୁ ବର୍ଗଙ୍କ ପାଇଁ ଏହା ବେଶ୍ ଉପଯୋଗୀ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ମତବ୍ୟକ୍ତ କରାଯାଇଛି। ଅପରପକ୍ଷରେ ୨୦୨୩ ସେପ୍ଟେମ୍ବରରେ ଗ୍ରୀନ୍ ଏନର୍ଜି କମ୍ପାନୀ ସନ୍ କିଙ୍ଗ୍ ଏବଂ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ଆରମ୍ଭ ହୋଇଥିଲା। ଏପରିକି ଫୁଟ୍‌ବଲ କ୍ଲବ୍‌ର ଔପଚାରିକ 'ଲାଇଟିଂ ପାର୍ଟନର'ଭାବେ ସନ୍ କିଙ୍ଗ୍ ବେଙ୍ଗାଲୁରୁ ଏଫ୍‌ସିର ପ୍ରଶଂସକଙ୍କୁ ଶକ୍ତି ଦକ୍ଷ ଇଲେକ୍ଟ୍ରିକାଲ ଆପ୍ଲାଏନ୍ସ ଯଥା ବଲ୍‌ବ, ଟର୍ଚ୍ଚ, ସୋଲାର ପ୍ରଡକ୍ଟ ଓ ଅନ୍ୟାନ୍ୟ ଇଲେକ୍ଟ୍ରିକାଲ ସାମଗ୍ରୀଗୁଡିକ ସହ ପରିଚିତ କରାଇଥିଲା।

ଏ ସମ୍ପର୍କରେ ସନ୍ କିଙ୍ଗ୍‌ର ଜିଏମ୍ (ସାଉଥ୍ ଏସିଆ ଓ ଲାଟିନ ଆମେରିକା) ସାହିଲ ଖାନ୍ନା କହିଛନ୍ତି, ଆମେ ଆମର ନୂତନ ରେଞ୍ଜର ଉତ୍ପାଦଗୁଡିକୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂତନ ଉତ୍ପାଦଗୁଡିକ ବାସ୍ତବରେ ଆମ ପାଇଁ ଶକ୍ତି, ମୂଳତ୍ୱ ଓ ପରିବର୍ତ୍ତନଶୀଳ ପ୍ରଭାବର ରଶ୍ମି । ସେହିଭଳି ଖୁବ୍ ଅଳ୍ପ ସମୟ ମଧ୍ୟରେ ଆମେ ବଜାରରେ ବେଶ୍ ପରିଚିତ ହୋଇପାରିଛୁ। ୨୦୦୯ରେ ସନ୍ କିଙ୍ଗ୍ ଓ ୨୦୧୩ରେ ବେଙ୍ଗାଲୁରୁ ଏଫ୍‌ସି ଫୁଟ୍‌ବଲ ସ୍ଥାୟୀ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ଘରୋଇ ନାମରେ ପରିଣତ ହୋଇଛନ୍ତି। ସନ୍ କିଙ୍ଗ୍‌ର ନୂଆ ଷ୍ଟାର ଖେଳାଳି ପାୱାର ହବ୍ ୩୩୦୦ ଓ ପାୱାରପ୍ଲେ ପ୍ରୋ ଭାରତୀୟ ଘର ଓ ବ୍ୟବସାୟିକ ଅନୁଷ୍ଠାନଗୁଡିକୁ ସାରା ଦିନର ପାୱାର ବ୍ୟାକ୍‌ଅପ୍ ପ୍ରଦାନ କରୁଛନ୍ତି।

ଅପରପକ୍ଷରେ ପାୱାର ହବ୍ ୩୩୦୦ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ଗ୍ରୀଡ୍ ସହ ସମାନ ୩୩୦୦ ୱାଟ୍ ପର୍ଯ୍ୟନ୍ତ ଶକ୍ତି ପ୍ରଦାନ କରିବା ପାଇଁ ସୋଲାର ବା ସୌର ଶକ୍ତି ଏବଂ ଯଦି ଉପଲବ୍ଧ ଥାଏ ତେବେ ଇଲେକ୍ଟ୍ରିକାଲ ଗ୍ରୀଡ୍‌ର ବ୍ୟବହାର କରିଥାଏ।



ଲୋକ ସଭାର ବାଚସ୍ପତି ଓମ୍ ବିର୍ଲାଙ୍କୁ ଅଭିନନ୍ଦନ ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ।



ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନରେ ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ୍‌ଙ୍କ ସହ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ। ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଅଧ୍ୟକ୍ଷ ଚିରାଗ ରାଜନୀତିକୁ ଆସିବା ପୂର୍ବରୁ ଅଭିନେତ୍ରୀ କଙ୍ଗନାଙ୍କ ସହ ସିନେମାରେ ଅଭିନୟ କରିସାରିଛନ୍ତି।

# ଭିଡିଓ ନ ପାଇବା ଯାଏ ଅନଶନରୁ ଉଠିବିନି: ଶ୍ରୀୟାସ୍ମିତା

## କଂଗ୍ରେସ ଭବନ କାଳିମାଡ଼ ଘଟଣା

ଭୁବନେଶ୍ୱର,୨୬।୬(ଅନିଲ ଦାସ)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ ଘଟଣାରେ ମୋର କୌଣସି ସମ୍ପୃକ୍ତି ନାହିଁ। ଯଦି ସମ୍ପୃକ୍ତି ଅଛି ତେବେ ମୋତେ ତା'ର ଭିଡିଓ କିମ୍ବା ଭିଜୁଆଲ ଦିଆଯାଉ। ଭିଡିଓ ନ ପାଇବା ଯାଏ ଅନଶନରୁ ଉଠିବି ନାହିଁ। ଗତ ୪ ଦିନ ହେବ ବହିଷ୍କୃତ ପ୍ରତିବାଦରେ କଂଗ୍ରେସ ଭବନ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିଥିବା ପ୍ରଦେଶ ମହିଳା କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ଶ୍ରୀୟାସ୍ମିତା ପଣ୍ଡା ଏହା କହିଛନ୍ତି। ଭିଡିଓରେ ଯଦି ପ୍ରମାଣ ମିଳିବ ତେବେ ସେ ବହିଷ୍କୃତ ପତ୍ରକୁ ନେଇ ଅନଶନରୁ ଓହରି ଯିବେ। ପ୍ରମାଣ ନ ମିଳିଲେ ପିସିସି ସଭାପତି ସସମ୍ମାନେ ବହିଷ୍କାର ଆଦେଶ ଉଠାଇ କଂଗ୍ରେସ ଭବନକୁ ଡାକିବାକୁ ସେ ଦାବି କରିଛନ୍ତି। ନଚେତ୍ ସେ ଆତ୍ମାହୁତି ଦେବେ ବୋଲି ଧମକ ଦେଇଛନ୍ତି। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଫାଟକରେ ତାଲା ପକାଯାଇଥିବା କୁହାଯାଉଛି। ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣାରେ ୫ ଜଣ କର୍ମକର୍ତ୍ତାଙ୍କୁ ଦଳରୁ ୬ବର୍ଷ ପାଇଁ ବହିଷ୍କାର କରାଯାଇଛି। କାର୍ଯ୍ୟାନୁଷ୍ଠାନ ପରେ ବିବାଦ ଥମିବା ପରିବର୍ତ୍ତେ ବଢ଼ିଚାଲିଛି। ବହିଷ୍କୃତ କର୍ମକର୍ତ୍ତାଙ୍କ ମଧ୍ୟରୁ ପ୍ରଦେଶ ମହିଳା କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ଶ୍ରୀୟାସ୍ମିତା ଗତ ୨୨ ତାରିଖରେ ନିଜ ଉପରେ ହୋଇଥିବା ବହିଷ୍କୃତ ଆଦେଶ ଜାଣିବା ପାଇଁ କଂଗ୍ରେସ ଭବନକୁ ଆସିଥିଲେ। ତେବେ ମୁଖ୍ୟ ଫାଟକରେ ତାଲା ପଡିଥିଲା। ସିକ୍ୟୁରିଟିଙ୍କୁ ତାଲା ଖୋଲିବାକୁ କହିବାରୁ ସଭାପତି ମନା କରିଥିବା କହି ତାଲା ଖୋଲି ନ ଥିଲେ। ଏହାର ପ୍ରତିବାଦରେ ସେ ଫାଟକ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରଖି ନିଜର ହକ ପାଇଁ ଲଢ଼େଇ କରୁଛନ୍ତି। କାଳିମାଡ଼ ଘଟଣାରେ କୌଣସି ସମ୍ପୃକ୍ତି ନ ଥାଇ ବିନା କାରଣରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେ ପର୍ଯ୍ୟନ୍ତ ଭିଜୁଆଲ ନ ମିଳିବ ସେ ପର୍ଯ୍ୟନ୍ତ ଅନଶନରୁ ଓହରିବେ ନାହିଁ ବୋଲି ଶ୍ରୀୟାସ୍ମିତା କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ପିସିସି ସଭାପତି ଶରତଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ କେତେଜଣ ଯୁବକ ପଶି କାଳିମାଡ଼ କରିଥିଲେ। ସମ୍ପୃକ୍ତ ଯୁବକମାନେ କିଏ ତାହା ସ୍ପଷ୍ଟ ହୋଇନାହିଁ। ଦଳ ପକ୍ଷରୁ ଏହି ଘଟଣାରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ହେଲେ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ପ୍ରକାଶ ମିଶ୍ର, ଶ୍ରୀୟାସ୍ମିତା ପଣ୍ଡା, ସନ୍ଦୀପ ରାଉତରାୟ, ଅମରେଶ ପରିଡ଼ା ଓ ଆର୍ଯ୍ୟନ ସାସମଲଙ୍କୁ ଦଳ ପକ୍ଷରୁ ୬ବର୍ଷ ପାଇଁ ଦଳ ପକ୍ଷରୁ ବହିଷ୍କାର କରାଯାଇଛି।



ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣାରେ ବହିଷ୍କୃତ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଶ୍ରୀୟାସ୍ମିତା ପଣ୍ଡା ଦଳୀୟ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବୁଧବାର କଂଗ୍ରେସ ଭବନ ଗେଟ୍ ସମ୍ମୁଖରେ ଧାରଣା ଦେଇଛନ୍ତି। (ଫଟୋ-ମୌସମ ନନ୍ଦ)

# ସାମ୍ବାଦିକାଙ୍କ ଉପରକୁ କୁକୁର ଛାଡ଼ିବା ଅମାନବୀୟ: ଭାଜପା

ଭୁବନେଶ୍ୱର,୨୬।୬ (ଅନିଲ ଦାସ)

## ସାମ୍ବାଦିକଙ୍କ କଣ୍ଠରୋଧ କରିବା ବିଜେଡିର ଚିରାଚରିତ ଅଭ୍ୟାସ: ଦିଲୀପ

ପୋଲିସର ନାଲିଆଖି ଦେଖାଇ ଗଣମାଧ୍ୟମ ସଂସ୍ଥା ଓ ସାମ୍ବାଦିକଙ୍କ କଣ୍ଠରୋଧ କରିବା ହେଉଛି ବିଜେଡିର ଚିରାଚରିତ ଅଭ୍ୟାସ। ଗଣମାଧ୍ୟମ ସଂସ୍ଥା ଓ ତାଙ୍କ କର୍ମଚାରୀଙ୍କ ଉପରେ ଆକ୍ରମଣ, ଧମକ ଦେବା ଭଳି ବିଜେଡିର ଅଗଣତାନ୍ତ୍ରିକ ଉଦାହରଣ ରହିଛି। ମଙ୍ଗଳବାର ଜଣେ କାର୍ଯ୍ୟରତ ସାମ୍ବାଦିକାଙ୍କ ଉପରେ ପୂର୍ବତନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ରଘୁନନ୍ଦନ ଦାସ ନିଜ ସରକାରୀ ବାସଭବନରେ କୁକୁର ଛାଡି ଭୟଭୀତ କରିଛନ୍ତି। ଏହା ତାଙ୍କ ହୀନ ମାନସିକତାର ପରିଚୟ ଦେଇଛି। ଏଭଳି ଅମାନବୀୟ କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ନୀରବ ନିର୍ଦ୍ଦେଶ'ରେ ଗଣମାଧ୍ୟମ ସଂସ୍ଥା, କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆଗରୁ ଅନେକ ଥର ଆକ୍ରମଣ ହୋଇଛି। ଗତକାଲିର ଅମାନବୀୟ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ନବୀନ ଚୁପ୍ ବସିଥିବାରୁ ଏହି ଘଟଣା ତାଙ୍କ ଇଙ୍ଗିତରେ ହୋଇଥିବା ସ୍ପଷ୍ଟ ହୋଇଛି। ତାଙ୍କ ଦଳର ଜଣେ ବରିଷ୍ଠ ନେତାଙ୍କ ଏଭଳି କାର୍ଯ୍ୟକଳାପ ସମ୍ପର୍କରେ ସେ ମୁହଁ ଖୋଲନ୍ତୁ। 'ଔଷଧ ରାଗରେ ତାଟିଆ କାମୁଡ଼ିବା' ଭଳି ନିର୍ବାଚନ ହାରିବା ପରେ ବିଜେଡି ନେତାମାନେ ଏବେ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ଅତୀତରେ ନବୀନ ସରକାର ସମୟରେ ଅନେକ ଗଣମାଧ୍ୟମ ସଂସ୍ଥା ଏବଂ କାର୍ଯ୍ୟରତ ଖବରଦାତାମାନେ ଆକ୍ରୋଶର ଶିକାର ହୋଇଛନ୍ତି। ଏପରି କି ଲୋକସେବା ଭବନ ଓ ବିଧାନସଭା ଯିବା ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଦଉଡ଼ି ବାନ୍ଧି ଖବରଦାତାମାନଙ୍କୁ ଅପମାନିତ କରିବାକୁ ପଛାଇ ନ ଥିଲେ। ନିର୍ବାଚନ ହାରିବା ପରେ ବି ଗଣମାଧ୍ୟମ ଓ ଖବରଦାତାଙ୍କୁ ଅପମାନିତ କରିବାର ମାନସିକତା ଓ ଅହଂକାର ଆଜି ବି ନବୀନ ବାବୁ ଓ ତାଙ୍କ ଦଳର ନେତାଙ୍କର ରହିଛି ବୋଲି ଦିଲୀପ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଦିଲୀପ ମଲ୍ଲିକ (ଡାହାଣ) ଓ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ।

# ସୁକିନ୍ଦାର ବିକାଶ ମୋର ପ୍ରାଥମିକତା: ସମବାୟ ମନ୍ତ୍ରୀ ବଳସାମନ୍ତ

କାଳିଆପାଣି,୨୬।୬(ବିକାଶ ମଲ୍ଲିକ)

## ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

ଯାଜପୁର ଜିଲା ସୁକିନ୍ଦା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବୁଧବାର ସମୀକ୍ଷା କରାଯାଇଛି। ବିଡିଓ ଅଭିଷେକ ସ୍ୱାଇଁଙ୍କ ସଭାପତିତ୍ୱରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଯୋଗଦେଇ ଏହାର ସମୀକ୍ଷା କରିଛନ୍ତି। ସାଧାରଣ ନିର୍ବାଚନ ପରେ ମନ୍ତ୍ରୀଙ୍କ ଏହା ପ୍ରଥମ ସମୀକ୍ଷା ବୈଠକ। ନିର୍ବାଚନ ଏକ ହୋଲିଖେଳ ଓ ସନ୍ଧ୍ୟା ସୁଦ୍ଧା ଦେହରୁ ରଙ୍ଗ ଛଡ଼ାଇ ନିଜ କର୍ମକ୍ଷେତ୍ରକୁ ଫେରିଯିବାକୁ ମନ୍ତ୍ରୀ ସୁକିନ୍ଦା ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ସୁକିନ୍ଦାରେ ଭାଇଚାରା ସୃଷ୍ଟି ହେବ। ସୁକିନ୍ଦାର ବିକାଶରେ ସମସ୍ତଙ୍କ ସହଭାଗିତା ରହିବ। ଆଉ ସୁକିନ୍ଦାର ବିକାଶ ହିଁ ତାଙ୍କର ପ୍ରାଥମିକତା ହେବ ବୋଲି ମନ୍ତ୍ରୀ ବକ୍ତବ୍ୟରେ ପ୍ରକାଶ କରିଛନ୍ତି।

ବ୍ଲକ ପରିସର ଅଭିଯୋଗ ଶୁଣାଣି କକ୍ଷରେ ଅନୁଷ୍ଠିତ ବୈଠକରେ ଅତା ସରପଞ୍ଚ ଇତିଶ୍ରୀ ପଟ୍ଟନାୟକ ମେଗା ପାନୀୟ ଜଳ ପ୍ରକଳ୍ପ କାମ ନିମ୍ନମାନର ହୋଇଥିବା ଅଭିଯୋଗ କରିଥିଲେ। ପିମ୍ପୁଡ଼ିଆ ସରପଞ୍ଚ ତପନ ନାୟକ ତାଙ୍କ ପଞ୍ଚାୟତରେ ଗଛମୂଳେ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ଅଭିଯୋଗ କରିଥିଲେ। କୁହିକା ସରପଞ୍ଚ ଅଶ୍ୱିନୀ ପରିଡ଼ା ମହିଳା ଓ ଶିଶୁ ବିକାଶ ଦ୍ୱାରା ଦିଆଯାଉଥିବା ଛତୁଆ ନିମ୍ନମାନର ଓ ଟାଟା ପାୱାର ଦ୍ୱାରା ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅଭିଯୋଗ କରିଥିଲେ। ଆମ୍ଭୋଳବା ସମିତି ସଭ୍ୟ ବିଶ୍ୱଜିତ ରାଜ ବିଦ୍ୟୁତ୍ ବିଭାଗ ଦ୍ୱାରା ଅନେକ ଦୁର୍ନୀତି ହୋଇଛି, ଯେଉଁଥିରେ ବ୍ଲକ ଚେୟାରମ୍ୟାନ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ଏହି ସବୁ ଅଭିଯୋଗ ଉପରେ ବିଭାଗୀୟ ଅଧିକାରୀ ଉତ୍ତର ରଖିଥିଲେ। ହେଲେ ଅଭିଯୋଗକାରୀ ସନ୍ତୁଷ୍ଟ ହୋଇ ନ ଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ତହସିଲଦାର ଦମୟନ୍ତୀ ସାହୁ, ସରପଞ୍ଚ ଶର୍ମିଷ୍ଠା ବରାଳ, ସିପ୍ରାରାଣୀ ବରାଳ ଓ ରବୀନ୍ଦ୍ର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମନ୍ତ୍ରୀ ବ୍ଲକ ପରିସରରେ ଏକ ଅଁଳା ଚାରାରୋପଣ କରିବା ସହିତ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ହୁଇଲ୍ ଚେୟାର ଓ ଅନ୍ୟ ଜଣେ କର୍ଣ୍ଣବାଧିତଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସମେତ ଅନ୍ୟମାନେ।

# ରାହୁଲ ଗାନ୍ଧୀଙ୍କ ପାଇଁ ମିଠା ବାଣ୍ଟିଲା କଂଗ୍ରେସ

ଭୁବନେଶ୍ୱର,୨୬।୬(ଅନିଲ ଦାସ)

କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଲୋକ ସଭାରେ ବିରୋଧୀ ଦଳ ନେତା ହୋଇଛନ୍ତି। ଏ ନେଇ ରାଜ୍ୟ କଂଗ୍ରେସର ନେତୃବୃନ୍ଦ ଖୁସି ପ୍ରକଟ କରିଛନ୍ତି । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସ ଭବନଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଲଡୁ ଓ ମିଠା ବଣ୍ଟନ କରାଯାଇଛି। ମଙ୍ଗଳବାର ରାହୁଲ ଗାନ୍ଧୀ ବିରୋଧୀ ଦଳ ନେତା ହେବା ଖବର ପ୍ରସାରଣ ପରେ ଦେଶ ଓ ରାଜ୍ୟର ସାଧାରଣ ଜନତା ଯଥା ଛାତ୍ର, ଯୁବ, ମହିଳା, କୃଷକ ଓ ଶ୍ରମିକ ଆଦି ସମସ୍ତ ବର୍ଗର ବ୍ୟକ୍ତିବିଶେଷ ଆନନ୍ଦିତ ହୋଇଛନ୍ତି। ଦେଶରେ ୧୦ବର୍ଷ ଧରି ଶାସନ କରୁଥିବା ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଜନତାଙ୍କ ପ୍ରତି ହୋଇଥିବା ଧୋକା ଓ ଅନ୍ୟାୟ ପ୍ରତିବାଦରେ ରାହୁଲ ଗାନ୍ଧୀଙ୍କ ଲଢ଼େଇ ଉଚ୍ଚ ପ୍ରଶଂସନୀୟ। ତେବେ ପ୍ରତିଟି ସମସ୍ୟା ପାଇଁ ଲଢ଼େଇ କରିଥିବା ରାହୁଲ ଗାନ୍ଧୀ ଏବେ ପ୍ରତିଟି ବର୍ଗର ସ୍ୱରକୁ ବିରୋଧୀ ଦଳ ନେତା ଭାବେ ସଂସଦରେ ଉପସ୍ଥାପନ କରିବେ। ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି, ଏନ୍‌ଇଇଟି ଓ ନେଟ୍ ପରୀକ୍ଷାରେ ହୋଇଥିବା ଜାଲିଆତି, ଅରୁଣାଚଳ ପ୍ରଦେଶରେ ଚାଇନାର ଦୌରାତ୍ମ୍ୟ ଆଦି ସମସ୍ତ ପ୍ରସଙ୍ଗ ସଂସଦରେ ଉପସ୍ଥାପନ ହେବ। କଂଗ୍ରେସ ଦଳ ସଂସଦ ଭିତରେ ବାହାରେ ଜନତାଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବ ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ଉପସଭାପତି କିଶୋର ଜେନା, ସନତ ଦାସ, ପୂର୍ବତନ ବିଧାୟକ ରବି ମଲ୍ଲିକ, ଚିନ୍ମୟ ସୁନ୍ଦର ଦାସ, ମନୋରଞ୍ଜନ ଦାଶ, ପ୍ରକାଶ ଜେନା, ଶ୍ରୀନିବାସ ରାଉତରାୟ, ସୁବ୍ରତ ମହାପାତ୍ର, ତରୁଣକାନ୍ତ ମିଶ୍ର, ଅଶୋକ ଦାସ, ମୋହନ ଜେନା, ସାରଦା ପ୍ରଧାନ, ଜୟକୃଷ୍ଣ ସୁବୁଦ୍ଧି, ସୁଶାନ୍ତ ତ୍ରିପାଠୀ, ପ୍ରଭାତ ପ୍ରତାପ ସିଂ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# କଟକ ବରପୁତ୍ରଙ୍କ ମାଟି: ରାଜସ୍ୱ ମନ୍ତ୍ରୀ ପୂଜାରୀ

- ଖୁବ୍‌ଶୀଘ୍ର ମହାନଦୀ ଜଳ ବିବାଦର ସମାଧାନ ହେବ
- ହାଇକୋର୍ଟର ସମସ୍ତ ବାର୍ ଆସୋସିଏଶନ ପରିଦର୍ଶନ କଲେ
- ଉତ୍କଳମଣି, ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

କଟକ,୨୬।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ହେଉଛି ବରପୁତ୍ରଙ୍କ ମାଟି। ବରପୁତ୍ରଙ୍କୁ ସମ୍ମାନ ଏବଂ ପ୍ରତିଭା ପୂଜା କରିବାର ଅଧିକ ଆବଶ୍ୟକତା ରହିଛି। ଯେଉଁ ଜାତି ପ୍ରତିଭା ପୂଜାରେ ଯେତେ ସକ୍ଷମ, ସେ ଜାତି ସେତେ ଆଗୁଆ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବୁଧବାର ରାଜସ୍ୱ ମନ୍ତ୍ରୀ କଟକ ଗସ୍ତ କରି ଦରଘାବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପହଞ୍ଚିଥିଲେ। ସେଠାରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ମନ୍ତ୍ରୀ ସଂଗ୍ରହାଳୟ ପରିଦର୍ଶନ କରିବା ସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ବିଭିନ୍ନ ଐତିହ୍ୟର ସୁରକ୍ଷା ପାଇଁ ଆମ ସରକାର ଯତ୍ନବାନ। ଓଡ଼ିଶାର ପ୍ରତିଭା ଓ ବିଚାରଧାରା ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରାଥମିକତା ଦିଆଯିବ। ହିଂସାମୁକ୍ତ ଓ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ହେବ। ଏଥିସହ ଖୁବ୍‌ଶୀଘ୍ର ମହାନଦୀ ଜଳ ବିବାଦର ସମାଧାନ ହେବ। ପୂର୍ବ ସରକାର ୨୪ ବର୍ଷ ମଧ୍ୟରେ ଏହାର ସମାଧାନ ପାଇଁ ବିଶେଷ ଉଦ୍ୟମ କରିନାହାନ୍ତି। ଏଥିସହ କେନ୍ଦ୍ରୀୟ ଜଳ କମିଶନ ପାଖରେ ଠିକ୍ ତଥ୍ୟ ରଖିଲେ ନାହିଁ। ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲକୁ ସାହାଯ୍ୟ କରୁ ନ ଥିଲେ। ଏପରି କି କେନ୍ଦ୍ର ସରକାରଙ୍କ ସହାୟତା ନେବାର ଆବଶ୍ୟକ ରହିଥିଲା। ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା କରାଯାଇଥିଲେ ଏହାର ସମାଧାନ ହୋଇପାରିଥାନ୍ତା। ଏସବୁ ଉଦ୍ୟମ ପୂର୍ବ ସରକାର କରିନାହାନ୍ତି। କିନ୍ତୁ ଭାଜପା ସରକାର ଏସବୁ ଉପାୟ ଅବଲମ୍ବନ କରି ସମସ୍ୟାର ସମାଧାନ କରିବ। ଏବେ ସ୍ଥାୟୀ ଟ୍ରିବ୍ୟୁନାଲ ଗଠନ ହୋଇଛି। ଖୁବ୍‌ଶୀଘ୍ର ସବୁ ତଥ୍ୟ ଟ୍ରିବ୍ୟୁନାଲ ନିକଟରେ ଦାଖଲ କରାଯିବ। ରାଜସ୍ୱ ମାମଲାଗୁଡିକର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ। ବିପର୍ଯ୍ୟୟ ମୁକାବିଲାକୁ ଗୁରୁତ୍ୱ ଦିଆଯିବା ସହ ଏହି କ୍ଷେତ୍ରରେ ବିଶେଷଜ୍ଞଙ୍କ ପରାମର୍ଶ ସହିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯିବ। ତହସିଲ କାର୍ଯ୍ୟାଳୟରୁ ଦଲାଲ ରାଜ୍ ବନ୍ଦ କରାଯିବ। ଆବେଦନକାରୀମାନେ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ପ୍ରମାଣ ପତ୍ର ତହସିଲ କାର୍ଯ୍ୟାଳୟରୁ ପାଇବେ ବୋଲି ପୂଜାରୀ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ପୂଜାରୀ କଟକ ଗସ୍ତ କରି ପ୍ରଥମେ ବକ୍ସିବଜାରସ୍ଥିତ ସମାଜ କାର୍ଯ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ହାଇକୋର୍ଟର ସମସ୍ତ ବାର୍ ଆସୋସିଏଶନ ପରିଦର୍ଶନ କରି ଆଇନଜୀବୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଷ୍ଟ୍ର, ସିକନ୍ଦର ଅଲ୍ଲୀଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।



ସଂଗ୍ରହାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମାଲ୍ୟାର୍ପଣ କରୁଛନ୍ତି।

# ସଲ୍‌ମାନ, ଦ ଗ୍ରେଟ୍


ସଲମାନ-ଜାହିର-ସୋନାକ୍ଷୀ

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସଲ୍‌ମାନ ଖାଁ। ସୁରଜ ବରଜ୍ୟାତାଙ୍କ 'ମୈନେ ପ୍ୟାର୍ କିୟା'ରେ ସେ ନାୟକ ଭାବରେ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ଅନେକ ହିଟ୍ ସିନେମାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛନ୍ତି। କଥା କ'ଣ କି, ନିକଟରେ ସୋନାକ୍ଷୀ ସିହ୍ନା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅଭିନେତା ଜାହିର ଇକ୍‌ବଲ୍‌ଙ୍କ ସହ ଦୀର୍ଘବର୍ଷର ପ୍ରେମ ସମ୍ପର୍କ ଶେଷରେ ମ୍ୟାରେଜ୍‌ର ରୂପ ନେଇଛି। ଜାହିରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ନୋଟ୍‌ବୁକ୍', ଆଉ ଏହାର ଅନ୍ୟତମ ପ୍ରଯୋଜକ ଥିଲେ ସଲ୍‌ମାନ। ଯେତେବେଳେ ଏହାର ନାୟକ କିଏ ସାଜିବ ସେନେଇ ଆଲୋଚନା ହେଲା ସେତେବେଳେ ଜାହିରଙ୍କ ନାମ ପ୍ରପୋଜ୍ କରିଥିଲେ ସଲ୍‌ମାନ। କିନ୍ତୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ଏ ନେଇ ସଲ୍‌ମାନ କୁହନ୍ତି– 'ଦିନ ଥିଲା, ମୁଁ ଯେତେବେଳେ ଖରାପ ସମୟ ଦେଇ ଗତି କରୁଥିଲି ସେତେବେଳେ ଜାହିରଙ୍କ ବାପା ମୋତେ ସାହାଯ୍ୟ କରିଥିଲେ। ସେତେବେଳେ ମୁଁ ମନସ୍ଥ କରିଥିଲି ଭବିଷ୍ୟତରେ ଦିନେ ନା ଦିନେ ତାଙ୍କର ଏହି ଋଣକୁ ମୁଁ ଶୁଝିବି। ତାଙ୍କ ପୁଅକୁ ବଲିଉଡ୍‌ରେ ବ୍ରେକ୍ ଦେଇଥିଲି।' କେବଳ ସେତିକି ନୁହେଁ, ସୋନାକ୍ଷୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ', ଯେଉଁଥିରେ ସେ ସଲ୍‌ମାନଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ। ସଲ୍‌ମାନଙ୍କ ହୋମ୍ ବ୍ୟାନରରୁ ହିଁ ସୋନାକ୍ଷୀଙ୍କ ମଧ୍ୟ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା।

# ତାରାଙ୍କ ଫିଟ୍‌ନେସ୍ ଟିପ୍ସ


ତାରା

ତାରା ସୁଟାରିଆଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି? କଥା କ'ଣ କି, ନିକଟରେ କେତେଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ୍ ନେଇ କିଛି କହିବାକୁ ଭୁଲି ନ ଥିଲେ ତାରା। ଏ ନେଇ ସେ କୁହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ୍ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୋଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ଼କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।' ତାରାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୯ରୁ ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'। କିନ୍ତୁ ଫିଲ୍ମଟି ତାଙ୍କ କ୍ୟାରିୟରକୁ ସେତେ ମାଇଲେଜ ଦେଇପାରି ନ ଥିଲା। ଇତିମଧ୍ୟରେ ସେ ଆଉ ମାତ୍ର ପାଞ୍ଚଟି ଫିଲ୍ମ- ''ମର୍‌ଜାୱାଁ', 'ତଡପ', 'ହେରୋପନ୍ତି-୨', 'ଏକ୍ ଭିଲେନ୍ ରିଟର୍ନସ୍' ଏବଂ 'ଅପୂର୍ବା''ରେ ଅଭିନୟ କରିଛନ୍ତି।

## ଅପେରା ହାଲ୍‌ଚାଲ୍

# ଆରମ୍ଭରୁ ବ୍ୟସ୍ତ

ଜଲିଉଡ୍‌ର ଜଣେ ନିଆରା ନିର୍ଦ୍ଦେଶକ ଭାବେ ପରିଚୟ ସୃଷ୍ଟି କରିଛନ୍ତି ସେ। ତାଙ୍କ ନିର୍ଦ୍ଦେଶିତ ନାଟକଗୁଡ଼ିକ ଦର୍ଶକଙ୍କୁ ଦେଇଥାଏ ଭରପୂର ମନୋରଞ୍ଜନ। ଗତ କିଛିବର୍ଷ ଧରି ସେ ଅପେରା ଜଗତରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି। ହଁ, ସେହି ଆଗଧାଡ଼ିର ନିର୍ଦ୍ଦେଶକ ହେଉଛନ୍ତି ତାପସ ସ୍ୱାଇଁ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଯାତ୍ରା ସିଜନ ଆରମ୍ଭରୁ ସେ ବ୍ୟସ୍ତ ଅଛନ୍ତି। ବର୍ତ୍ତମାନ ସେ ଯାତ୍ରାଶ୍ରୀ ବିଶ୍ୱଦରବାରର ଆଖଡ଼ାଶାଳରେ ନିଜ ନାଟକର ରିହର୍ସାଲ ଜାରି ରଖିଛନ୍ତି। ଆସନ୍ତା ଅପେରା ଋତୁ ପାଇଁ ଅଜୟ ଶ'ଙ୍କ ଦ୍ୱାରା ରଚିତ ଏହି ନାଟକର ଟାଇଟଲ ରହିଛି 'କହିବାକୁ ଲାଜ ଶୁଣିଲେ ପାପ'। ଏ ସମ୍ପର୍କରେ ସେ କହନ୍ତି, 'ଯେ କୌଣସି ନାଟକର ନିର୍ଦ୍ଦେଶନା ଦେବା ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦିଆଯିବ ଏବଂ ସଂଳାପ ଏବଂ ଅଭିନୟ କିପରି ଦର୍ଶକଙ୍କ ମନକୁ ଛୁଇଁବ ସେନେଇ ଗୁରୁତ୍ୱ ଦିଏ। ସେଥିପାଇଁ ମୋ ନାଟକଗୁଡ଼ିକ ସଫଳତା ହାସଲ କରିଥାଏ। ମୁଁ ସବୁବେଳେ ଦର୍ଶକଙ୍କୁ ଡିଫରେଣ୍ଟ ଫ୍ଲେଭରର ନାଟକ ଭେଟିଦେବାକୁ ଚେଷ୍ଟାକରେ।' ଏଥର ତାପସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକଗୁଡ଼ିକ ହେଉଛି 'ତୋର ମୋର କଥା ହେବା


ତାପସ ସ୍ୱାଇଁ

ଚୁପ୍‌ଚାପ୍' (ତୁଳସୀ ଗଣନାଟ୍ୟ), 'ବ୍ୟାଡ୍‌ଗର୍ଲ' (ସ୍ୱପ୍ନମହଲ) ଏବଂ 'ନଖିନାନୀ ପୁଅ ଭଗିଆ'। ଏହାବ୍ୟତୀତ ଏଥର ଯାତ୍ରାପ୍ରେମୀ ପୁଣିଥରେ 'ଗୁପ୍ତସମ୍ପର୍କ' ଫେମ୍ ନବଘନ (ରାଉଳ)-ତାପସ ଯୋଡ଼ିକୁ ଦେଖିବାକୁ ପାଇବେ। ବିଶ୍ୱଦରବାର ପାଇଁ ଏହି ଯୋଡ଼ି ପ୍ରସ୍ତୁତ କରୁଛନ୍ତି ଏକ ଭିନ୍ନ ସ୍ୱାଦର ନାଟକ 'ଚନ୍ଦ୍ରସେଣା'। ତେବେ ପ୍ରତିବର୍ଷ ପରି ଆସନ୍ତା ସିଜନରେ ପୁଣିଥରେ ଜଣେ ଲୋକପ୍ରିୟ ନିର୍ଦ୍ଦେଶକ ଭାବରେ ନିଜର ଆଧିପତ୍ୟ ବଜାୟ ରଖିବାକୁ ତାପସ ଦୃଢ଼ ଆଶାବାଦୀ ଅଛନ୍ତି।

# ପାଠ ପଢ଼ାଇବେ ଭୂମି

ଭୂମି ପେଡେନକର ଏବେ ପାଠ ପଢ଼ାଇବେ। ଏହାର ଅର୍ଥ ନୁହେଁ ଯେ ସେ ଆକ୍ଟିଂକୁ ଗୁଡ୍‌ବାୟ କରି ଶିକ୍ଷକତା ଲାଇନ୍‌କୁ ଚଏସ୍ କରିଛନ୍ତି। ଅସଲ କଥା ହେଲା, ଖୁବ୍‌ଶୀଘ୍ର ସେ ବଡ଼ ପରଦାରେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ। ଏନେଇ ସେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏ ସମ୍ପର୍କରେ ଭୂମି କହନ୍ତି, 'ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାର ଚଳାଉଛି ପୁଣି ତା' ଚଲାପଥରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାରକରି କାହାଣୀ ଆଗେଇଛି। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। କେବଳ ସେତିକି ନୁହେଁ, କେତେଜଣ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠ ପଢ଼ାଇବାର ତରିକା ମଧ୍ୟ ଶିଖୁଛି। ଆଶା, ମୋର ଏହି ଭୂମିକାକୁ ଦର୍ଶକେ ବେଶ୍ ପସନ୍ଦ କରିବେ।' ଭୂମିଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦମ୍ ଲଗାକେ ହୈସା'। ଏହି ଫିଲ୍ମ ପାଇଁ ସୀମିତ ସମୟ ଭିତରେ ତାଙ୍କୁ ନିଜ ଓଜନ ୯୦ରୁ ୭୦ କିଗ୍ରାକୁ କମାଇବାକୁ ପଡ଼ିଥିଲା। ଭୂମିଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ହେଉଛି– 'ଟୟଲେଟ୍ : ଏକ ପ୍ରେମ୍ କଥା', 'ଲଷ୍ଟ ଷ୍ଟୋରିଜ୍', 'ବାଲା', 'ପତି ପତ୍ନୀ ଓର ୱ୍ହ', 'ଭୂତ୍', 'ଦୁର୍ଗାମତି', 'ବଧାଇ ଦୋ', 'ଗୋବିନ୍ଦା ନାମ୍ ମେରା' ଏବଂ 'ଭକ୍ଷକ'।


ଭୂମି

# ସେତେବେଳର ଗୌରାଙ୍ଗ...

ଗୌରାଙ୍ଗ ଚକ୍ରବର୍ତ୍ତୀ। ଏମିତି ଅନେକ ବ୍ୟକ୍ତିଙ୍କର ନାମ ଥିବ। କିନ୍ତୁ ଏହି ନାମଧାରୀ ବ୍ୟକ୍ତିଙ୍କ ମନରେ ଭରି ରହିଥିଲା ଦୃଢ଼ ବିଶ୍ୱାସ। ଦିନେ ନା ଦିନେ ମୁଁ ଜଣେ ଅଭିନେତା ହେବି। କେବଳ କହିଦେଲେ ତ ହେବ ନାହିଁ, ସେଥିପାଇଁ ପୁଣି ସୁଯୋଗ ମିଳିବା ଦରକାର। କିନ୍ତୁ ଯେତେବେଳେ ସେ ଅଭିନୟ ଦୁନିଆରେ ପାଦ ଦେବାକୁ ଇଚ୍ଛା ପ୍ରକାଶ କଲେ ସେତେବେଳେ ନିଜ ନାମ ପରିବର୍ତ୍ତନ କରିବାକୁ ଚାହିଁଲେ। ହଁ, ସେ ଗୌରାଙ୍ଗକୁ ବଦଳାଇ ମିଥୁନ କରିଦେଲେ। ବାସ୍, ତା'ପରେ ସେ ପରିଚିତ ହେଲେ ମିଥୁନ ଚକ୍ରବର୍ତ୍ତୀ ନାମରେ। ବର୍ତ୍ତମାନ ଏହି ଅଭିନେତାଙ୍କ ପରିଚୟ ଦେବା କେବଳ ଧୃଷ୍ଟତା ହେବ। ବଲିଉଡ୍‌ର ସେ ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତା। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ମୃଗୟା'। ବିଶିଷ୍ଟ ନିର୍ଦ୍ଦେଶକ ମୃଣାଳ ସେନ୍ ଏହାର ନିର୍ଦ୍ଦେଶନା ଦେଇଥିଲେ। ସବୁଠାରୁ ଖାସ୍‌କଥା ହେଲା, ନିଜର ଏହି ପ୍ରଥମ ଚଳଚ୍ଚିତ୍ର ପାଇଁ ମିଥୁନଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଥିଲା।


ମିଥୁନ

## ରିଲିଜ୍ ଅପେକ୍ଷାରେ..

# ଦର୍ପଣ

ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ'। ଦର୍ପଣସାୟନ ପ୍ରଡକ୍ସନ ହାଉସ୍ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ୍ ଥ୍ରୀଲର ଭରିରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲୀପ କୁମାର ସାହୁ। ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବେ ନିଜ କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନ୍ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ୍ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ ଚାଲୁରହିଛି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା, ଶ୍ରୀତମ୍ ନନ୍ଦ ଓ ନାଭ୍ୟା। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ଭାରତ।


ଅଙ୍କିତ-ତୃପ୍ତି

# ବୋଲ୍ଡ ଅବତାର ଅନ୍ତରାଳେ..

ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ ଏଭଳି ଚର୍ଚ୍ଚା ପଛରେ ନିଶ୍ଚୟ ତ କିଛି କାରଣ ଥିବ। କଥା କ'ଣ କି, ଏଥର ସେ ଆଲୋଚନାର ଶିରୋନାମା ପାଲଟିଛନ୍ତି ଆଉ ଏହା ପଛରେ ତାଙ୍କର ବୋଲ୍ଡ ଅବତାର ଏହି ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ମୋର ଏଭଳି ପୋଜ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ କଷ୍ଟ୍ୟୁମ ପିନ୍ଧିବାକୁ ପଡ଼ିବ। କାରଣ କାହାଣୀକୁ ରଙ୍ଗିନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ଦର୍ଶକ ମୋତେ ଏକ ନୂଆ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। କୌଣସି ସିନେମାଟିଏ ସାଇନ୍ କରିବା ପୂର୍ବରୁ ମୁଁ ତାହାର କାହାଣୀ, ସେଥିରେ ମୋ ଭୂମିକାକୁ ଭଲଭାବେ ତର୍ଜମା କରିଥାଏ। ଏହି ଅନ୍‌ଟାଇଟଲ୍‌ଡ ଫିଲ୍ମରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। କାହାଣୀ ବିଷୟରେ ଆଲୋଚନା କରିବା ବେଳେ ଏ ନେଇ ମୋତେ ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସୂଚନା ଦେଇଥିଲେ। ତାହାର ପୂର୍ବାପର ମୁଁ ଭଲ ଭାବରେ ତର୍ଜମା କରିବା ପରେ ରାଜି ହୋଇଛି। ତେଣୁ ଏହାକୁ ନେଇ ଅଯଥା ଆଲୋଚନା ନ ହେବା ଭଲ।' ତେବେ ଅନନ୍ୟାଙ୍କ ବୋଲ୍ଡ ଅବତାର ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ଅନନ୍ୟା




# ପ୍ରତିଶୋଧ ଲକ୍ଷ୍ୟରେ ଭାରତ

ଜର୍ଜଟାଉନ୍,୨୬।୬(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମି ଫାଇନାଲରେ ପରସ୍ପରକୁ ଭେଟିବେ ଭାରତ ଓ ଇଂଲଣ୍ଡ। ଗୁଏନାରେ ଖେଳାଯିବାକୁ ଥିବା ସେମି ଫାଇନାଲରେ ଇଂଲଣ୍ଡକୁ ହରାଇ ୨୦୨୨ ଟି୨୦ ବିଶ୍ୱକପର ପ୍ରତିଶୋଧ ନେବାକୁ ଚେଷ୍ଟା କରିବ ଭାରତ। ୨୦୨୨ରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ର ସେମିଫାଇନାଲରେ ଭାରତକୁ ହରାଇ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଚାମ୍ପିୟନ ମଧ୍ୟ ହୋଇଥିଲା। ତେଣୁ ଏବେ ସମାନ ପ୍ରତିଦ୍ୱନ୍ଦ୍ୱୀ ଥିବାରୁ ଏହାର ଚ୍ୟାଲେଞ୍ଜକୁ

## ଟି୨୦ ବିଶ୍ୱକପ

ପ୍ରତିହତ କରି ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବାକୁ ସୁଯୋଗ ଆସିଛି। ୨୦୨୨ରେ ପେସ୍ ବୋଲିଂ ସହାୟକ ପରିବେଶ ଇଂଲଣ୍ଡ ସପକ୍ଷରେ ରହିଥିବା ବେଳେ ୱେଷ୍ଟଇଣ୍ଡିଜ୍‌ର ଧୀମା ପିଚ୍ ଭାରତକୁ ସୁହାଇବ। ସେହିପରି ଭାରତ ନିକଟରେ ୩ ସ୍ପିନର ରହିଥିବାରୁ ଏହା ମଧ୍ୟ ଦଳ ପାଇଁ ଲାଭଦାୟକ ରହିବ। ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମରେ ସ୍ପିନରଙ୍କୁ ସହାୟତା ମିଳୁଥିବା ବେଳେ କାଗଜ କଲମରେ ରୋହିତ ଶର୍ମାଙ୍କ ଦଳ ମଧ୍ୟ ବେଶ ଶକ୍ତିଶାଳୀ। ଭାରତର ପ୍ରତିଶୋଧ ପାଇଁ ଏହି ଭେନ୍ୟୁ ଠିକ୍ ରହିଥିବା ବେଳେ ଇଂଲଣ୍ଡକୁ ଦୁର୍ବଳ ମନେ କରିବା ମଧ୍ୟ ବୋକାମି ହେବ।


ନେଟ୍ ସେସନ ଅବସରରେ ଶିବମ ଦୁବେ।

ଏହି ପିଚ୍‌ରେ ଭାରତର କୁଲ୍‌ଦୀପ ଯାଦବ ଓ ଇଂଲଣ୍ଡର ଆଦିଲ୍ ରଶିଦଙ୍କୁ ନିଜ ସ୍ପିନ୍ ଦକ୍ଷତା ଦେଖାଇବାର ସୁଯୋଗ ମିଳିବ। ଅନ୍ୟ ପକ୍ଷରେ ଏହି ପିଚ୍‌ରେ କେବଳ ସ୍ପିନର ନୁହନ୍ତି ପେସ୍ ବୋଲର ମଧ୍ୟ ଦକ୍ଷତା ମୁତାବକ ପ୍ରଦର୍ଶନ କରି ପାରିବେ। ଆଫଗାନିସ୍ତାନର ଫଜଲ୍ଲକ ଫାରୁକି ଏଠାରେ ଏକ ମ୍ୟାଚ୍ ବିଜୟୀ ସ୍ପେଲ ବୋଲିଂ କରିଥିଲେ।

ଜୁନ୍ ୮ ତାରିଖ ପରଠାରୁ ଏହି ପିଚ୍‌ରେ ଖେଳ ହୋଇ ନାହିଁ। ତେଣୁ ଏକ ସତେଜ ପିଚ୍‌ରେ ଉଭୟ ଦଳ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିବ। ଭାରତ ସୁପର-୮ରେ ଚମତ୍କାର ପ୍ରଦର୍ଶନ କରିଥିଲା। ତେବେ ସେମି ଫାଇନାଲର ଏକ ଅତିରିକ୍ତ ଚାପ ରହିଥାଏ। ଭାରତ ଏହାର କିଭଳି ମୁକାବିଲା କରୁଛି ତାହା ଦେଖିବାକୁ ବାକି ରହିଲା। ଭାରତ ଏହି ମ୍ୟାଚ୍ ପାଇଁ ବିରାଟ କୋହଲିଙ୍କ ନିକଟରୁ ଭଲ ରନ୍ ଆଶା କରିବ। ଅନ୍ୟ ପକ୍ଷରେ ସୁପର-୮ର ଅନ୍ତିମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଧୂଆଁଧାର ବ୍ୟାଟିଂ କରି ଫର୍ମକୁ ଫେରିଛନ୍ତି ରୋହିତ ଶର୍ମା। ଉଭୟ ରୋହିତ ଓ କୋହଲିଙ୍କ ପାଇଁ ଟି୨୦ ବିଶ୍ୱକପରେ ଏହା ଅନ୍ତିମ ସୁଯୋଗ ଅଟେ। ଭାରତୀୟ ହାର୍ଡ ହିଟର ଶିବମ ଦୁବେ ଏ ଯାଏ ଏକ ବିସ୍ଫୋରକ ଇନିଂସ ଖେଳି ପାରି ନାହାନ୍ତି। ଆଦିଲ ରଶିଦଙ୍କ ବିପକ୍ଷରେ ସେ କିଭଳି ପ୍ରଦର୍ଶନ କରୁଛନ୍ତି ତା ଉପରେ ନଜର ରହିବ। ଭାରତ ଅପରିବର୍ତ୍ତିତ ଏକାଦଶ ସହ ଓହ୍ଲାଇବା ନେଇ ପୂର୍ବାନୁମାନ କରାଯାଉଛି। ତେବେ ୟୁଜବେନ୍ଦ୍ର ଚହଲଙ୍କୁ ସାମିଲ କରାଗଲେ ସେ ଫିଲ ସଲ୍ଟ, ଜୋଶ ବଟଲର, ହ୍ୟାରୀ ବ୍ରୁକ୍ ଓ ଜନି ବେୟାରଷ୍ଟୋଙ୍କ ବିପକ୍ଷରେ ପ୍ରଭାବୀ ସାବ୍ୟସ୍ତ ହୋଇ ପାରନ୍ତି। ଯଶପ୍ରୀତ୍ ବୁମ୍‌ରା ଭାରତୀୟ ବୋଲିଂର ମେରୁଦଣ୍ଡ ହୋଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଭାରତକୁ ଆଗରେ ରଖିଛି।

ଇଂଲଣ୍ଡର ପ୍ରଦର୍ଶନ ମୁଖ୍ୟତଃ ଆଦିଲ ରଶିଦଙ୍କ ଉପରେ ନିର୍ଭର କରିବ। ଏହା ବ୍ୟତୀତ ମୋଇନ୍ ଅଲୀ ଓ ଲିଆମ୍ ଲିଭିଙ୍ଗଷ୍ଟୋନଙ୍କ ପାର୍ଟ ଟାଇମ୍ ସ୍ପିନ୍ ଉପରେ ମଧ୍ୟ ନିର୍ଭର କରିବ ଦଳ। ବ୍ୟାଟିଂରେ ହ୍ୟାରୀ ବ୍ରୁକ୍, ଜନି ବେୟାରଷ୍ଟୋ ଓ ମୋଇନ ଅଲୀଙ୍କ ନିକଟରୁ ପ୍ରଭାବୀ ବ୍ୟାଟିଂ ଆଶା କରିବ ଇଂଲଣ୍ଡ। ଗୁରୁବାର ଗୁଏନାରେ ମ୍ୟାଚ୍ ବର୍ଷା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

# ଇତିହାସ ରଚିପାରେ ଆଫଗାନିସ୍ତାନ

ଜର୍ଜଟାଉନ୍,୨୬।୬(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମି ଫାଇନାଲରେ ପରସ୍ପରକୁ ଭେଟିବେ ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା। ଉଭୟ ଦଳ କେବେ ହେଲେ ଟି୨୦ ବିଶ୍ୱକପ ଫାଇନାଲରେ ପ୍ରବେଶ କରି ନ ଥିବା ବେଳେ ଏକ ଆକର୍ଷଣୀୟ ମ୍ୟାଚ୍ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକା ତୃତୀୟ ଥର ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ଇତିହାସ ସୃଷ୍ଟି କରି ପ୍ରଥମ ଥର ସେମିରେ ପ୍ରବେଶ କରିଛି ଆଫଗାନିସ୍ତାନ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରି ଆଗକୁ ଆସିଥିବା ଆଫଗାନିସ୍ତାନ ଏହି ମ୍ୟାଚ୍ ଜିତି ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିବାକୁ ଚାହିଁବ। ଅଣ୍ଡରଡଗ୍ ଭାବେ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିଥିବା ଏହି ଦଳ ନାଟକୀୟ ବିପର୍ଯ୍ୟୟ ଘଟାଇ ପ୍ରଥମଥର ପାଇଁ କୌଣସି ଏକ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ଉଗାଣ୍ଡାକୁ ୧୨୫ ରନରେ ହରାଇ ଅଭିଯାନ ଆରମ୍ଭ କରିଥିବା ଆଫଗାନିସ୍ତାନ ଦ୍ୱିତୀୟ ମ୍ୟାଚରେ ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ୮୪ ରନରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତୃତୀୟ ମ୍ୟାଚରେ ପପୁଆ ନ୍ୟୁ ଗିନିକୁ ୭ ଉଇକେଟରେ ହରାଇବା ପରେ ନିଜର ଅନ୍ତିମ ଗ୍ରୁପ୍ ମ୍ୟାଚରେ ୱେଷ୍ଟଇଣ୍ଡିଜଠାରୁ ୧୦୪ ରନରେ ହାରିଥିଲା। ସୁପର-୮ରେ ପ୍ରବେଶ କରିବା ସହ ଏହି ଦଳ ଜିଆଣ୍ଟ କିଲର ବିବେଚିତ ହୋଇଥିଲା। ନିଜର ପ୍ରଥମ ମ୍ୟାଚରେ ଭାରତଠାରୁ ୪୭ ରନରେ ପରାଜିତ ହୋଇଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ


ଅଭ୍ୟାସ ଅବସରରେ କେଶବ ମହାରାଜ।

୨୧ ରନରେ ହରାଇ ଆଶା ଉଜ୍ଜୀବିତ କରିଥିଲା। ଅନ୍ତିମ ମ୍ୟାଚ୍‌ରେ ନାଟକୀୟ ଢଙ୍ଗରେ ବାଂଲାଦେଶକୁ ହରାଇଥିଲା ଦଳ।

ଏହି ଦଳ କୌଣସି ଜଣେ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ ନୁହେଁ। ଅଧିନାୟକ ରଶିଦ୍ ଖାଁ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବିତ କରିଥିବା ବେଳେ। ଫଜଲ୍ଲକ ଫାରୁକି ଓ ନଭିନ୍ ଉଲ ହକ ନିୟମିତ ଉଇକେଟ ନେବାରେ ସଫଳ ହୋଇଛନ୍ତି। ଅନ୍ୟ ପକ୍ଷରେ ରହମାନୁଲ୍ଲା ଗୁରବାଜ ୨୮୧ ରନ୍ ସହିତ ସର୍ବାଧିକ ରନ୍ ହାସଲକାରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ୨୦୦୦ ମସିହାରେ କ୍ରିକେଟ ଆରମ୍ଭ କରିଥିବା ଆଫଗାନିସ୍ତାନ ଅତୀତରେ ମଧ୍ୟ ଅନେକ ବଡ ଟିମ୍‌ଙ୍କୁ ଧରାଶାୟୀ କରିଛି। ତେବେ ବିଶ୍ୱକପ ସେମିଫାଇନାଲର ଏକ ଅତିରିକ୍ତ ଚାପ ରହିଥାଏ। ଦଳର ମୁଖ୍ୟ କୋଚ୍ ଜୋନାଥନ୍ ଟ୍ରଟ୍ ମଧ୍ୟ ସମାନ ମତ ଦେଇଛନ୍ତି। ସେ କହିଛନ୍ତି ଅତୀତରେ ଦକ୍ଷିଣ ଆଫ୍ରିକା ଅନେକ ସେମି ଫାଇନାଲରେ ହାରି ସାରିଛି ତେଣୁ ସେମାନେ ଚାପରେ ରହିବେ ମାତ୍ର ଆମେ ପ୍ରଥମ ଥର ଯାଇଥିବାରୁ ଚାପମୁକ୍ତ ହୋଇ ଖେଳିବୁ।

ଚଳିତ ବର୍ଷ ଦକ୍ଷିଣ ଆଫ୍ରିକା ମଧ୍ୟ ଆକ୍ରମଣାତ୍ମକ ବ୍ରାଣ୍ଡର କ୍ରିକେଟ ଖେଳିଛି। ଏଡେନ୍ ମାର୍କରମଙ୍କ ନେତୃତ୍ୱରେ ଏହା ଚମତ୍କାର ପ୍ରଦର୍ଶନ କରି ଆସିଛି। ଅପରାଜେୟ ରହିଥିବା ଏହି ଦଳ ପ୍ରଥମ ଥର ଫାଇନାଲରେ ପହଞ୍ଚି ଇତିହାସ ସୃଷ୍ଟି କରିବାକୁ ଚାହିଁବ। କ୍ୱିଣ୍ଟନ୍ ଡିକକ୍ ଦଳ ପକ୍ଷରୁ ସର୍ବାଧିକ ୧୯୯ ରନ୍ ସ୍କୋର କରିଛନ୍ତି। ଅଭିଜ୍ଞ କେଶବ ମହାରାଜ ଓ ଟାବ୍‌ରେଜ୍ ସାମ୍‌ସିଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ।

# ନଟରାଜ, ଧିନିଧିଙ୍କୁ ଅଲିମ୍ପିକ୍ସ କୋଟା


ଶ୍ରୀହରି ନଟରାଜ ଓ ଧିନିଧି ଦେଶିଙ୍ଘୁ।

ନୂଆଦିଲ୍ଲୀ,୨୬।୬(ପି.ଟି.)

ଭାରତୀୟ ସନ୍ତରଣକାରୀ ଶ୍ରୀହରି ନଟରାଜ ଓ ଧିନିଧି ଦେଶିଙ୍ଘୁଙ୍କୁ ବୁଧବାର ଅଲିମ୍ପିକ୍ସ କୋଟା ମିଳିଛି। ୟୁନିଭର୍ସିଟି କୋଟା ଆଧାରରେ ଉଭୟ ଖେଳାଳିଙ୍କୁ ସ୍ଥାନ ମିଳିଛି। ପ୍ରତ୍ୟେକ ଦେଶ ୟୁନିଭର୍ସିଟି ଗେମ୍ସରେ ନିଜ ଦେଶର ୨ ଶ୍ରେଷ୍ଠ ସନ୍ତରଣକାରୀଙ୍କୁ ଅଲିମ୍ପିକ୍ସ ପଠାଇ ପାରିବ। ଭାରତର ଦୁଇ ଶ୍ରେଷ୍ଠ ତାଲିକାରେ ଶ୍ରୀହରି ନଟରାଜ ଓ ଧିନିଧି ଦେଶିଙ୍ଘୁ ରହି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କୌଣସି ଭାରତୀୟ ସନ୍ତରଣକାରୀ ସିଧାସଳଖ ଯୋଗ୍ୟତା ହାସଲ କରିପାରି ନ ଥିବା ବେଳେ ଭାରତୀୟ ସନ୍ତରଣ ଫେଡେରେଶନ(ଏସ୍‌ଏଫ୍‌ଆଇ) ପକ୍ଷରୁ ଫିନା ନିକଟରେ ଏହି ୨ ଖେଳାଳିଙ୍କ ପାଇଁ ଆବେଦନ କରାଯାଇଥିଲା। ଫିନା ପକ୍ଷରୁ ଆବେଦନକୁ ମଞ୍ଜୁରୀ ମିଳିବା ପରେ ଏହି ଦୁଇ ଖେଳାଳି ଅଲିମ୍ପିକ୍ସରେ ଭାଗ ନେବା ସ୍ପଷ୍ଟ ହୋଇଛି। ଶ୍ରୀହରି ନଟରାଜ ୟୁନିଭର୍ସିଟି କୋଟାରେ ୮୪୯ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ଆର୍ଯ୍ୟନ ନେହେରା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ସନ୍ତରଣକାରୀଙ୍କ ମଧ୍ୟରେ ୧୪ ବର୍ଷୀୟା ଧିନିଧି ଦେଶିଙ୍ଘୁ ୭୪୯ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନରେ ରହିଛନ୍ତି। ନଟରାଜ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଅନ୍ୟପକ୍ଷରେ ଧିନିଧି ୨୦୦ ମିଟର ଫ୍ରି ଷ୍ଟାଇଲରେ ଅଂଶଗ୍ରହଣ କରିବେ।


ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟ ପୂର୍ବରୁ ଚେନ୍ନାଇରେ ଭାରତୀୟ ମହିଳା କ୍ରିକେଟ ଦଳର ଅଭ୍ୟାସ।

## କୋପା ଆମେରିକା ଫୁଟ୍‌ବଲ

# ଆର୍ଜେଣ୍ଟିନା କ୍ୱାର୍ଟରଫାଇନାଲରେ

ଇଷ୍ଟ ରଥରଫୋର୍ଡ, ୨୬।୬ (ଏପି)

କୋପା ଆମେରିକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଆଉ ଗୋଟିଏ ମ୍ୟାଚ ବାକିଥାଇ ଆର୍ଜେଣ୍ଟିନା କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଚିଲି ବିପକ୍ଷ ମ୍ୟାଚରେ ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଲାଟୋରୋ ମାର୍ଟିନେଜ ୮୮ତମ ମିନିଟ୍‌ରେ ମ୍ୟାଚରେ ବିଜୟ ସୂଚକ ଗୋଲଟିକୁ ସ୍କୋର କରିଥିଲେ। ଆର୍ଜେଣ୍ଟିନା ଗତ ସପ୍ତାହରେ କାନାଡା ବିପକ୍ଷ ଓପନିଂ ଗେମ୍ ୨-୦ରେ ଜିତିଥିଲା। ଏହି ମ୍ୟାଚର ଦ୍ୱିତୀୟ ଗୋଲ୍‌ଟିକୁ ଡିଫେଣ୍ଡର ମାର୍ଟିନେଜ ହିଁ ସ୍କୋର କରିଥିଲେ। ଆର୍ଜେଣ୍ଟିନା ୬ ପଏଣ୍ଟ ସହ ଗ୍ରୁପ୍ ‘ଏ’ରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଏହାପଛକୁ କାନାଡା ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଚିଲି ଓ ପେରୁ ପ୍ରତ୍ୟେକ ଗୋଟିଏ ଲେଖାଏ ପଏଣ୍ଟ ଅର୍ଜନ କରିଛନ୍ତି। ଆର୍ଜେଣ୍ଟିନା ପ୍ରଥମ ରାଉଣ୍ଡରେ ଏହାର ଅନ୍ତିମ ମ୍ୟାଚ ଶନିବାର ଫ୍ଲୋରିଡାର ମାୟାମି ଗାର୍ଡେନ୍ସ ପେରୁ ବିପକ୍ଷରେ ଖେଳିବ। ସେହିପରି ଓର୍ଲାଣ୍ଡୋଠାରେ କାନାଡା ଓ ଚିଲି ମଧ୍ୟରେ ମ୍ୟାଚ ଖେଳାଯିବ। ଆର୍ଜେଣ୍ଟିନା ତାଙ୍କ ୩୭ତମ ଜନ୍ମ ଦିବସର ଦିନକ ପରେ ଏହି ମ୍ୟାଚ ଖେଳିଥିଲେ। ସେ ଏଥିରେ ଗୋଲ୍ ସ୍କୋର କରି ପାରି ନ ଥିଲେ ମଧ୍ୟ ମେଟ୍‌ଲାଇଫ୍ ଷ୍ଟାଡିୟମରେ ଉପସ୍ଥିତ ୮୧ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ତାଙ୍କ କ୍ରୀଡ଼ା ନୈପୁଣ୍ୟକୁ ଉପଭୋଗ କରିଥିଲେ। ମ୍ୟାଚରେ ଆର୍ଜେଣ୍ଟିନା ୨୨-୩ ଶଟ୍ ଏବଂ ୧୧-୦ କର୍ନର କିକ୍ ମାରିଥିଲା। ଅନ୍ୟପକ୍ଷରେ ଚିଲି ୭୨ତମ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ୍ ସ୍କୋର ଉଦ୍ୟମ କରିପାରି ନ ଥିଲା। ଷ୍ଟାଡିୟମରେ ଅତିକମ୍‌ରେ ୯୦ ପ୍ରତିଶତ ସମର୍ଥକ ଆର୍ଜେଣ୍ଟିନା ଜର୍ସି ପରିଧାନ କରିଥିଲେ। ଅଧିକାଂଶ ଜର୍ସିରେ ମେସିଙ୍କ ନାମ ଓ ନମ୍ବର ୧୦ ଉଲ୍ଲେଖ ରହିଥିଲା। ଚିଲି ତରଫରୁ ଖେଳୁଥିବା କୋପା ଆମେରିକାର ଇତିହାସର ସବୁଠାରୁ ବୟସ୍କ ଖେଳାଳି ୪୧ ବର୍ଷୀୟ ଗୋଲକିପର କ୍ଲାଉଡିଓ ବ୍ରାଭୋଙ୍କର ଏହାଥିଲା ୧୫୦ ତମ ଅନ୍ତର୍ଜାତୀୟ ମ୍ୟାଚ। ସେ ୮ଟି ଗୋଲ୍ ସେଭ କରିଥିଲେ। ଜାତୀୟ ସଙ୍ଗୀତ ଗାନ ପାଇଁ ମ୍ୟାଚ ଆରମ୍ଭ ପୂର୍ବରୁ ସେମାନଙ୍କ ଦଳର ନେତୃତ୍ୱ ନେଇ ପଡ଼ିଆରେ ମେସି ଏବଂ ତାଙ୍କ ପୂର୍ବତନ ବାର୍ସିଲୋନା ଟିମ୍‌ମେଟ୍ ବ୍ରାଭୋ ପରସ୍ପର କଥାବାର୍ତ୍ତା ହେଉଥିବା ଲକ୍ଷ୍ୟ କରାଯାଇଥିଲା।


ଗୋଲ୍‌ସ୍କୋର କରିବା ପରେ ଲାଟୋରୋ ମାର୍ଟିନେଜଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ପେରୁ ବିପକ୍ଷରେ କାନାଡାର ବିଜୟ

କାନସାସ୍ ସିଟି, ୨୬।୬(ଏପି)

କୋପା ଆମେରିକାରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ କାନାଡା ୧-୦ ଗୋଲ୍‌ରେ ପେରୁକୁ ପରାସ୍ତ କରିଛି। ଦକ୍ଷିଣ ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୨୪ ବର୍ଷରେ ଏହାର ପ୍ରଥମ ବିଜୟ। ମ୍ୟାଚରେ କାନାଡା ପକ୍ଷରୁ ଜୋନାଥନ ଡେଭିଡ୍ ୭୪ତମ ମିନିଟ୍‌ରେ ଏହି ଗୋଲ୍‌ଟିକୁ ସ୍କୋର କରିଥିଲେ। ମ୍ୟାଚର ୫୯ ତମ ମିନିଟ୍‌ରେ ମିଗୁଏଲ ଆରାଜୋଙ୍କୁ ରେଡ୍ କାର୍ଡ ହେବାରୁ ପେରୁ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ବିପକ୍ଷ ଦଳର ଜାକବ ଶଫିଲବର୍ଗଙ୍କୁ ଫାଉଲ ହେବାରୁ ମିଗୁଏଲଙ୍କୁ ରେଡ୍ କାର୍ଡ ହୋଇଥିଲା। ଗତ ମାସରେ ନିଯୁକ୍ତ ଆମେରିକୀୟ କୋଚ୍ ଜେସି ମାରସ୍କଙ୍କ ଅଧୀନରେ କାନାଡା ଏ ପର୍ଯ୍ୟନ୍ତ ଖେଳିଥିବା ୪ଟି ମ୍ୟାଚ ମଧ୍ୟରେ ଏହା ପ୍ରଥମ ବିଜୟ। ୨୦୦୦ କନ୍‌କାକାପ୍ ଗୋଲ୍ଡକପ୍ ଫାଇନାଲରେ କଲମ୍ବିଆ ବିପକ୍ଷରେ ୨-୦ ଗୋଲ୍ ବିଜୟ ପରେ ଏକ ଦକ୍ଷିଣ ଆମେରିକୀୟ ଦଳକୁ ପରାସ୍ତ କରିବା କାନାଡା ପାଇଁ ପ୍ରଥମ।

# ସୂର୍ଯ୍ୟଙ୍କ ସ୍ଥାନରେ ହେଡ୍ ନମ୍ବର ୱାନ୍

ଦୁବାଇ, ୨୬।୬ (ପି.ଟି)

ଭାରତର ସୂର୍ଯ୍ୟକୁମାରଙ୍କୁ ହଟାଇ ଅଷ୍ଟ୍ରେଲିଆ ଓପନର ଟ୍ରାଭିସ୍ ହେଡ୍ ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ଦଖଲ କରିନେଇଛନ୍ତି। ସୂର୍ଯ୍ୟକୁମାର ୨୦୨୩ ଡିସେମ୍ବରରୁ ର୍‍ୟାଙ୍କିଙ୍ଗ ତାଲିକାରେ ନମ୍ବର ୱାନ ବ୍ୟାଟର ରହି ଆସିଥିଲେ। ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ର୍‍ୟାଙ୍କିଙ୍ଗ ତାଲିକାରେ ହେଡ୍‌ଙ୍କ ଉନ୍ନତି ଘଟିଛି। ତେବେ ତାଙ୍କ ଦଳ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇସାରିଛି। ହେଡ୍ ଦୁଇଟି ଅର୍ଦ୍ଧ ଶତକ ସମେତ ୨୫୫ ରନ ସ୍କୋର କରିଛନ୍ତି। ତନ୍ମଧ୍ୟରେ ସୁପର-୮ରେ ଭାରତ ବିପକ୍ଷ ୭୬ ରନ ସାମିଲ। ଅଷ୍ଟ୍ରେଲିଆ ବ୍ୟାଟର ସୂର୍ଯ୍ୟକୁମାର (୮୪୨ ପଏଣ୍ଟ) ଙ୍କଠାରୁ ୨ ପଏଣ୍ଟ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭାରତୀୟ ବ୍ୟାଟର ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ତେବେ ନମ୍ବର-୧ ସ୍ଥାନକୁ ଫେରିବା ଲାଗି ଟି୨୦ ବିଶ୍ୱକପ୍‌ରେ ସୂର୍ଯ୍ୟଙ୍କ ପାଇଁ ଏକ ସୁଯୋଗ ରହିଛି। ଟପ୍ ୫ରେ ସ୍ଥାନ ପାଇଥିବା ଅନ୍ୟ ବ୍ୟାଟରମାନେ ଯଥାକ୍ରମେ ହେଲେ ଇଂଲଣ୍ଡର ଫିଲ୍ ସଲ୍ଟ ଏବଂ ପାକିସ୍ତାନର ଦୁଇ ଖେଳାଳି ବାବର ଆଜାମ ଓ ମହମ୍ମଦ ରିଜୱାନ। ୱେଷ୍ଟ ଇଣ୍ଡିଜର ଜନସନ ଚାର୍ଲ୍ସ ନୂଆ ଖେଳାଳି ଭାବେ ଟପ୍ ୧୦ରେ ପ୍ରବେଶ କରି ୧୦ମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ୪ଟି ସ୍ଥାନ ପଦୋନ୍ନତି ଘଟିଛି। ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ୪୪ସ୍ଥାନ ଉପରକୁ ଉଠି ୨୪ତମ ସ୍ଥାନରେ ରହିଛନ୍ତି। ସ୍ପିନର କୁଲଦୀପ ଯାଦବ ମଧ୍ୟ ୨୦ ସ୍ଥାନ ଡେଇଁ କରିଛନ୍ତି। ସେ ଅଳ୍ପକେ ଟପ୍ ୧୦ ପ୍ରବେଶରୁ ବଞ୍ଚିତ ହୋଇ ୧୧ଶ ସ୍ଥାନରେ ରହିଛନ୍ତି। ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଟପ୍ ୧୦ ବୋଲର ତାଲିକାରେ ସେ ଏକମାତ୍ର ଭାରତୀୟ ବୋଲର ରହିଛନ୍ତି। ଇଂଲଣ୍ଡର ଅଦିଲ ରଶିଦ ବୋଲିଂ ର୍‍ୟାଙ୍କିଙ୍ଗର ଶୀର୍ଷରେ ରହିଛନ୍ତି। ଟି୨୦ ବିଶ୍ୱକପ୍‌ରେ ଚମତ୍କାର ବୋଲିଂ ଯୋଗୁ ରଶିଦ ଖାଁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଜୋଶ ହାଜେଲଉଡ ହସରଙ୍ଗାଙ୍କ ପଛକୁ ଚତୁର୍ଥ ସ୍ଥାନରେ ଅଛନ୍ତି। ସେହିପରି ମାର୍କସ ଷ୍ଟୋଇନିସ ଅଳ୍ପ ଦିନ ପାଇଁ ଅଲରାଉଣ୍ଡର ତାଲିକାର ଶୀର୍ଷରେ ରହିବା ପରେ ବର୍ତ୍ତମାନ ଏହି ସ୍ଥାନରୁ ହଟି ୪ର୍ଥ ସ୍ଥାନକୁ ଚାଲି ଆସିଛନ୍ତି। ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ତୃତୀୟ. ଆଫଗାନିସ୍ତାନର ମହମ୍ମଦ ନବି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ପ୍ରଥମ ସ୍ଥାନକୁ ଫେରିଛନ୍ତି। ଅଲରାଉଣ୍ଡ ତାଲିକାରେ ରୋଷ୍ଟନ ଚେଜ୍‌ଙ୍କର ସବୁଠାରୁ ଅଧିକ ଉନ୍ନତି ଘଟିଛି ୱେଷ୍ଟଇଣ୍ଡିଜର ରୋଷ୍ଟନ ଚେଜ୍‌ଙ୍କର। ସେ ୧୭ ସ୍ଥାନ ଡେଇଁ କରି ଦ୍ୱାଦଶ ସ୍ଥାନରେ ପହଞ୍ଚିଯାଇଛନ୍ତି।

ଧରିତ୍ରୀ DHARITRI
ଧରିତ୍ରୀ 50 Years


# ଅମିତ ରୋହିଦାସ ଏକମାତ୍ର ଓଡ଼ିଆ

## ପ୍ୟାରିସ୍ ୨୦୨୪ ପାଇଁ ଭାରତୀୟ ହକି ଦଳ

## ହରମନ୍‌ପ୍ରୀତ ଅଧିନାୟକ

**ନୂଆଦିଲ୍ଲୀ,୨୬।୬(ପି.ଟି.)**


ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଭାରତୀୟ ହକି ଦଳ ବୁଧବାର ଘୋଷଣା କରାଯାଇଛି। ୧୬ ଜଣିଆ ଦଳରେ ଡ୍ରାଗ୍‌ଫ୍ଲିକର ହରମନ୍‌ପ୍ରୀତ୍ ସିଂଙ୍କୁ ଅଧିନାୟକ ଘୋଷଣା କରାଯାଇଛି। ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂଙ୍କୁ ଉପଅଧିନାୟକ ଘୋଷଣା କରାଯାଇଥିବା ବେଳେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବରେ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ଅଧିନାୟକ ହରମନ୍‌ପ୍ରୀତଙ୍କର ଏହା ତୃତୀୟ ଅଲିମ୍ପିକ୍ସ। ରିଓ ୨୦୧୬ରେ ସର୍ବକନିଷ୍ଠ ଖେଳାଳି ଭାବରେ ସାମିଲ ହୋଇଥିବା ହରମନ୍‌ପ୍ରୀତ୍ ଟୋକିଓ ବ୍ରୋଞ୍ଜ ପଦକ ବିଜେତା ଦଳର ସଦସ୍ୟ ରହିଥିଲେ। ସେହିପରି ଓଡ଼ିଆ ପୁଅ ଅମିତ ରୋହିଦାସ ନିଜର ଦ୍ୱିତୀୟ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ବେଙ୍ଗାଲୁରୁସ୍ଥିତ ସାଇରେ ଜାତୀୟ କ୍ୟାମ୍ପ ପରେ ଏହି ୧୬ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଭେଟେରାନ ଗୋଲ୍‌କିପର ପି.ଆର୍. ଶ୍ରୀଜେସ୍ ଓ ମିଡ୍‌ଫିଲ୍ଡର ମନ୍‌ପ୍ରୀତ୍ ସିଂ ଚତୁର୍ଥ ଥର ପାଇଁ ଅଲିମ୍ପିକ୍ସ ଖେଳିବେ।

ହରମନ୍‌ପ୍ରୀତ୍ ସିଂ, ଜରମନ୍‌ପ୍ରୀତ ସିଂ, ଅମିତ ରୋହିଦାସ, ସୁମିତ ଓ ସଞ୍ଜୟଙ୍କ କାନ୍ଧରେ ଭାରତୀୟ ରକ୍ଷଣଭାଗର ଭାର ରହିଛି। ରାଜକୁମାର ପାଲ, ଶମଶେର ସିଂ, ମନ୍‌ପ୍ରୀତ୍ ସିଂ, ହାର୍ଦ୍ଦିକ୍ ସିଂ ଓ ବିବେକ ସାଗର ପ୍ରସାଦଙ୍କ ଉପରେ ମିଡ୍ ଫିଲ୍ଡ ଭାର ରହିବ। ସେହିଭଳି ଫରୱାର୍ଡ ଲାଇନରେ ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ମନ୍‌ଦୀପ ସିଂ ଓ ଗୁରୁଜନ୍ତ ସିଂ ସ୍ଥାନ ପାଇଛନ୍ତି। ବିକଳ୍ପ ଖେଳାଳି ଭାବରେ ଗୋଲକିପର କ୍ରିଷନ ବାହାଦୁର ପାଠକ, ମିଡ୍‌ଫିଲ୍ଡର ନୀଲକାନ୍ତ ଶର୍ମା ଓ ଡିଫେଣ୍ଡର ଯୁଗରାଜ ସିଂଙ୍କୁ ଦଳରେ ସାମିଲ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜରମନ୍‌ପ୍ରୀତ ସିଂ, ସଞ୍ଜୟ, ରାଜକୁମାର ପାଲ, ଅଭିଷେକ ଓ ସୁଖଜିତ ସିଂ ୫ ଜଣ ଏମିତି ଖେଳାଳି ଅଛନ୍ତି ଯେଉଁମାନେ ପ୍ୟାରିସ୍‌ରେ ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତୀୟ ଦଳର ଚୟନକୁ ନେଇ ମୁଖ୍ୟ କୋଚ୍ କ୍ରେଗ୍ ଫଲଟନ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ୟାରିସ୍‌ରେ ଏହି ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିବେ ବୋଲି କହିଛନ୍ତି ଫଲଟନ୍। ପ୍ୟାରିସ୍ ୨୦୨୪ ପାଇଁ ଭାରତ ପୁଲ୍ ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ବେଲଜିୟମ, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ଜୁଲାଇ ୨୭ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରୁ ଏହାର ଅଭିଯାନ ଆରମ୍ଭ କରିବ। ଭାରତୀୟ ପୁରୁଷ ହକି ଦଳ ଅଲିମ୍ପିକ୍ସରେ ଏଯାଏ ମୋଟ ୧୨ ପଦକ ହାସଲ କରିଛି। ଏହା ମଧ୍ୟରେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ ରହିଛି।


ଅମିତ ରୋହିଦାସ ଓ ହରମନ୍‌ପ୍ରୀତ୍ ସିଂ।

**ଭାରତୀୟ ଦଳ**

ଗୋଲକିପର: ପି. ଆର୍. ଶ୍ରୀଜେସ୍। ଡିଫେଣ୍ଡର: ହରମନ୍‌ପ୍ରୀତ୍ ସିଂ, ଜରମନ୍‌ପ୍ରୀତ ସିଂ, ଅମିତ ରୋହିଦାସ, ସୁମିତ ଓ ସଞ୍ଜୟ। ମିଡ୍‌ଫିଲ୍ଡର: ରାଜକୁମାର ପାଲ, ଶମଶେର ସିଂ, ମନ୍‌ପ୍ରୀତ୍ ସିଂ, ହାର୍ଦ୍ଦିକ୍ ସିଂ ଓ ବିବେକ ସାଗର ପ୍ରସାଦ। ଫରୱାର୍ଡ: ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ମନ୍‌ଦୀପ ସିଂ ଓ ଗୁରୁଜନ୍ତ ସିଂ। ଅଲ୍‌ଟରନେଟ୍ ଆଥ୍‌ଲେଟ: କ୍ରିଷନ ବାହାଦୁର ପାଠକ, ନୀଲକାନ୍ତ ଶର୍ମା ଓ ଯୁଗରାଜ ସିଂ।


ପ୍ରଥମଥର ୟୁରୋକପ୍ ନକ୍‌ଆଉଟ୍‌ରେ ପ୍ରବେଶ କରିବା ପରେ ଉଲ୍ଲସିତ ସ୍ଲୋଭେନିଆ ଖେଳାଳି।

# ରାଉଣ୍ଡ ଅଫ୍ ୧୬ରେ ଇଂଲଣ୍ଡ, ସ୍ଲୋଭେନିଆ, ଡେନମାର୍କ

**କଲୋନ୍,୨୬।୬(ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲର ରାଉଣ୍ଡ ଅଫ ୧୬ରେ ପ୍ରବେଶ କରିଛନ୍ତି ଇଂଲଣ୍ଡ, ସ୍ଲୋଭେନିଆ ଓ ଡେନମାର୍କ। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଖେଳା ଯାଇଥିବା ଇଂଲଣ୍ଡ–ସ୍ଲୋଭେନିଆ ଓ ଡେନମାର୍କ ସର୍ବିୟା ମ୍ୟାଚ୍ ଗୋଲ୍‌ଶୂନ୍ୟ ଡ୍ରରେ ଶେଷ ହୋଇଥିଲା। ଫଳରେ ଗ୍ରୁପ୍ ସିର ପ୍ରଥମ ସ୍ଥାନରେ ରହି ଇଂଲଣ୍ଡ ରାଉଣ୍ଡ ଅଫ ୧୬ରେ ପ୍ରବେଶ କରିଥିଲା। ଇଂଲଣ୍ଡ ୩ ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ୨ ଡ୍ର ସହ ୫ ପଏଣ୍ଟ ହାତେଇଥିଲା। ଅନ୍ୟ ପକ୍ଷରେ ଉଭୟ ଡେନମାର୍କ ଓ ସ୍ଲୋଭେନିଆ ୩ଟିଲେଖାଏ ମ୍ୟାଚ୍ ଡ୍ର ରଖି ୩ ପଏଣ୍ଟ ଅର୍ଜନ କରିଥିଲେ।ର୍‍ୟାଙ୍କିଙ୍ଗ ଭିତ୍ତିରେ ଡେନମାର୍କ ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟ ପକ୍ଷରେ ସମାନ ପଏଣ୍ଟ ପାଇଥିବା ସ୍ଲୋଭେନିଆ ପ୍ରଥମ ଥର ପାଇଁ ଏକ ବଡ ଟୁର୍ନାମେଣ୍ଟରେ ନକ୍‌ଆଉଟକୁ ପ୍ରବେଶ କରିଛି।

# ଜୁଡୋକା ତୁଲିକାଙ୍କୁ ଅଲିମ୍ପିକ କୋଟା

**ନୂଆଦିଲ୍ଲୀ, ୨୬।୬ (ପି.ଟି.):** ଅଲିମ୍ପିକ୍ସରେ ଭାଗ ନେବାଲାଗି ତାଙ୍କୁ ସୁଯୋଗ ମିଳିବ କି ନା ସେ ନେଇ ଦ୍ୱନ୍ଦ୍ୱରେ ଥିବା ଭାରତୀୟ ଜୁଡୋକା ତୁଲିକା ମାନ୍ ଶେଷରେ ଯୋଗ୍ୟତା ହାସଲ କରିଛନ୍ତି। ସେ ଅତିକମ୍‌ରେ ଦେଶପାଇଁ ଗୋଟିଏ ବ୍ରୋଞ୍ଜ ପଦକ ଆଣିଦେବେ ବୋଲି ଆଶା କରାଯାଉଛି। ୨୫ ବର୍ଷୀୟା ତୁଲିକା ହେଉଛନ୍ତି ଜଣେ ରାଜ୍ୟଗୋଷ୍ଠୀ କ୍ରିଡ଼ା ରୌପ୍ୟ ବିଜେତା। ଗୁରୁବାର ୭୮କେଜିରୁ ଅଧିକ କାଟେଗୋରିରେ ପ୍ୟାରିସ ଗେମ୍ସ ପାଇଁ ତାଙ୍କୁ ଏକ କଣ୍ଟିନେଣ୍ଟାଲ କୋଟା ମିଳିଛି। ୨୦୨୨ ଜୁନ୍ ୨୨ରୁ ୨୦୨୪ ଜୁନ୍ ୨୩ ମଧ୍ୟରେ କ୍ୱାଲିଫିକେଶନ ପିରିୟଡ଼ ରହିଥିଲା। ତେବେ ସେ ୨୦୨୨ରେ ଇଞ୍ଜୁରୀ ହେବାରୁ ଅଲିମ୍ପିକ ଯୋଗ୍ୟତା ହାସଲ କରିବା ନେଇ ସେ ନିଶ୍ଚିତ ନ ଥିଲେ। ମାତ୍ର ଗତମାସରେ ଆବୁଧାବିରେ ବିଶ୍ୱ ଚାମ୍ପିୟନଶିପ୍‌ର ରାଉଣ୍ଡ ଅଫ୍ ୩୨ରେ କାନାଡା ପୋର୍ଟୁଣ୍ଡୋ ଇସାସିଙ୍କୁ ହରାଇ ର୍‍ୟାଙ୍କିଙ୍ଗରେ ୨୬ତମ ସ୍ଥାନରେ ଅଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ